



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-179 ♦BHUBANESWAR ♦WEDNESDAY ♦25 DECEMBER 2024 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୧୭୯ ♦ଭୁବନେଶ୍ୱର ♦ବୁଧବାର ♦୨୫ ଡିସେମ୍ବର ୨୦୨୪ ♦ପୃଷ୍ଠା-୧୪ ♦ଟ.୬.୦୦


# ହଟିଲେ ରଘୁବର; ହରିବାବୁ ନୂଆ ରାଜ୍ୟପାଳ

■ **ଭୁବନେଶ୍ୱର,୨୪।୧୨(ସମିସ):** ଡ. ହରିବାବୁ କାମ୍ଭମପତି ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ସଂପ୍ରତି ଓଡ଼ିଶାର ରାଜ୍ୟପାଳ ଥିବା ରଘୁବର ଦାସଙ୍କ ସ୍ଥାନରେ ମିଜୋରାମର ରାଜ୍ୟପାଳ ଭାବେ କାର୍ଯ୍ୟରତ ଡ. କାମ୍ଭମପତିଙ୍କ ନୂତନ ନିଯୁକ୍ତି ନେଇ ଆଜି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଜାରି ହୋଇଛି।



ଡ. କାମ୍ଭମପତି ୧୯୫୩ରେ ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ଇଞ୍ଜିନିୟରିଂରେ ସେ ବି-ଟେକ୍ କରିଛନ୍ତି। ସେ ସମାନ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ମଧ୍ୟ କରିଛନ୍ତି। ପରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରିଥିଲେ ଏବଂ ୧୯୯୩ରେ ଆସୋସିଏଟ୍ ପ୍ରଫେସର ଭାବରେ କାର୍ଯ୍ୟ କରିବା ସମୟରେ ସ୍ୱେଚ୍ଛାକୃତ ଭାବରେ ଅବସର ନେଇ ରାଜନୀତିରେ ସକ୍ରିୟ ହୋଇଥିଲେ। ୧୯୯୯ରେ ସେ ବିଶାଖାପାଟ୍ଟନମ୍ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୦୩ରେ ବିଧାୟକଦଳ ନେତା ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୧୪ରେ ସେ ଭାରତୀୟ ଜନତା ପାର୍ଟି ପକ୍ଷରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଡ. କାମ୍ଭମପତି ଆନ୍ଧ୍ରପ୍ରଦେଶର ବିଶାଖାପାଟ୍ଟନମ୍‌ରୁ ୧୬ତମ ଲୋକସଭାକୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଆନ୍ଧ୍ର ପ୍ରଦେଶ ବିଜେପି ଶାଖାର ସଭାପତି ଥିବା କାମ୍ଭମପତି ୨୦୨୧ ଜୁଲାଇ ୬ ତାରିଖରେ ମିଜୋରାମର ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିଲେ।

## ବିଦାହେଲେ କାହିଁକି ?



**ନିଯୁକ୍ତି ପରଠାରୁ ଥିଲେ ବିବାଦ ଘେରରେ**

**ମହଙ୍ଗା ପଡ଼ିଲା ରାଜଭବନରେ ଏଏସ୍‌ଓଙ୍କୁ ମାଡ଼ ଘଟଣା**

**ଝାଡ଼ଖଣ୍ଡ ନିର୍ବାଚନରେ ବିଜେପି ପରାଜୟ ପାଇଁ ଷଡ଼ଯନ୍ତ୍ର**

**ଓଡ଼ିଶା ନିର୍ବାଚନରେ ମଧ୍ୟ ତାଙ୍କର ଭୂମିକା ବିବାଦୀୟ ଥିଲା**

■ **ଭୁବନେଶ୍ୱର, ୨୪।୧୨(ସମିସ):** ଦାୟିତ୍ୱ ଗ୍ରହଣ କରବାର ମାତ୍ର ୧୩ ମାସରୁ କମ୍ ସମୟ ମଧ୍ୟରେ ରଘୁବର ଦାସଙ୍କୁ ଓଡ଼ିଶା ରାଜ୍ୟପାଳ ପଦରୁ ଯେପରି ବିଦା କରାଗଲା, ତାହା କେବଳ ଓଡ଼ିଶା କି ଝାଡ଼ଖଣ୍ଡ ନୁହେଁ, ଜାତୀୟ ରାଜନୀତିରେ ମଧ୍ୟ ଆଲୋଡ଼ନ ସୃଷ୍ଟି କରିଛି। ୨୦୨୩ ଅକ୍ଟୋବର ୩୧ ତାରିଖରେ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ସେ ବିବାଦରେ ଥିଲେ। ଓଡ଼ିଶାରେ ଜଣେ ସରକାରୀ କର୍ମଚାରୀଙ୍କୁ ତାଙ୍କ ପୁଅ ମାଡ଼ ମାରିବା ଘଟଣାରୁ ଆରମ୍ଭ କରି ସରକାରୀ କାର୍ଯ୍ୟରେ ଅଯଥାରେ ହସ୍ତକ୍ଷେପ ଏବଂ ଝାଡ଼ଖଣ୍ଡ ନିର୍ବାଚନରେ ବିଜେପିର ପରାଜୟରେ ତାଙ୍କର ଭୂମିକା ରଘୁବରଙ୍କୁ ଘୋର ଅଡୁଆ ପରିସ୍ଥିତିରେ ପକାଇଦେଇଥିଲା।

ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ରଘୁବର ରାଜ୍ୟର ବିଭିନ୍ନ ଜିଲ୍ଲାଗସ୍ତ ଆରମ୍ଭ କରିଥିଲେ। କିନ୍ତୁ ବିବାଦ ହୋଇଥିଲା ଯେତେବେଳେ ସେ ପ୍ରଶାସନରେ ହସ୍ତକ୍ଷେପ ଆରମ୍ଭ କରିଥିଲେ। ସେ ଜଣେ ରାଜ୍ୟପାଳ କମ୍ ବରଂ ଜଣେ ରାଜନୈତିକ କର୍ମୀଙ୍କ ଭଳି ଆଚରଣ ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଥିଲା। ଓଡ଼ିଶାରେ ନିର୍ବାଚନ ବେଳେ ରାଜଭବନରେ ରହି ସେ ଦଳୀୟ ନେତା ଭଳି ଆଚରଣ ପ୍ରଦର୍ଶନ କରୁଥିଲେ। ରାଜ୍ୟରେ ବିଜେଡି ସରକାରକୁ ହଇରାଣ କରିବା ଲାଗି ଚକ୍ରାନ୍ତ ଚଳାଇଥିଲେ। ଏସଂପର୍କରେ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ତେବେ ରଥଯାତ୍ରା ସମୟରେ ପୁରୀ ରାଜଭବନରେ ରାଜ୍ୟପାଳ ଶ୍ରୀ ଦାସଙ୍କ ପୁଅ ଜଣେ କର୍ତ୍ତବ୍ୟରତ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ଏବଂ ଅପମାନିତ କରିବା ଘଟଣା ସବୁଠାରୁ ବଡ଼ ବିବାଦ ସୃଷ୍ଟି କରିଥିଲା। ଏହାକୁ ନେଇ ରାଜ୍ୟ ରାଜନୀତି ଉଠିଥିଲା ପଡ଼ିଥିଲା। ଏହି ଘଟଣାକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ୍ ଶ୍ରୀ ଦାସଙ୍କ ଇସ୍ତଫା ଦାବି କରିଥିଲେ। ତାଙ୍କ ଇସ୍ତଫା ଏବଂ ପୁଅ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ବିରୋଧୀ ବିଧାନସଭାକୁ ଅଚଳ କରି ଦେଇଥିଲେ। ରାଜରାସ୍ତାରେ ମଧ୍ୟ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ, ନାରାବାଜି ହୋଇଥିଲା। ଏପରିକି ଝାଡ଼ଖଣ୍ଡ ନିର୍ବାଚନରେ ଏହା ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଥିଲା। ତାଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେବା ଲାଗି ସେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ଚାପ ପକାଇଥିଲେ। ଓଡ଼ିଆ ଅସ୍ମିତା କଥା କହୁଥିବା ରାଜ୍ୟ।।ରେ ବିଜେପି ସରକାରଙ୍କୁ ଏହା ଅଡୁଆରେ ପକାଇଥିଲା।

▶ପୃଷ୍ଠା-୭

**ନିର୍ବାଚନ ନିୟମରେ ସଂଶୋଧନ**

## ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

■ **ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି):** କେନ୍ଦ୍ର ସରକାର ନିର୍ବାଚନ ନିୟମରେ କେତେକ ସଂଶୋଧନ କରିଥିବାରୁ ଏହାକୁ ବିରୋଧ କରି ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି କଂଗ୍ରେସ। ଏଭଳି ସଂଶୋଧନ ନିର୍ବାଚନ ପରିଚାଳନାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ କ୍ଷୁଣ୍ଣ କରିବ ବୋଲି ଦଳ ପକ୍ଷରୁ ଦାଖଲ କରାଯାଇଥିବା ରିଟ୍ ପିଟିସନରେ ଅଭିଯୋଗ କରାଯାଇଛି। ନିର୍ବାଚନ ପରିଚାଳନାରେ ସ୍ୱଚ୍ଛତା ଅବଲମ୍ବନ କରିବା ଲାଗି ସିସିଟିଭି ଏବଂ ଭିଡିଓ ରେକର୍ଡିଂର ବ୍ୟବସ୍ଥା ରହିଛି। ନିୟମ ଅନୁସାରେ ଏହାକୁ ଜଣେ ସାଧାରଣ ବ୍ୟକ୍ତି ଚାହିଲେ ମଧ୍ୟ ଏହି ତଥ୍ୟ ସଂଗ୍ରହ କରିପାରିବ। କିନ୍ତୁ କମିସନଙ୍କ କଥାରେ ପଡ଼ି ସରକାର ଏହି ନିୟମରେ ପରିବର୍ତ୍ତନ କରି ସାଧାରଣ ନାଗରିକଙ୍କୁ ଏହି ଅଧିକାରରୁ ବାରଣ କରାଯାଇଛି। ବ୍ୟାପକ ବିଚାର ବିମର୍ଶ ନକରି ସରକାର ନିୟମରେ ଏଭଳି ପରିବର୍ତ୍ତନ କରିପାରିବେ ନାହିଁ ବୋଲି କଂଗ୍ରେସ ପକ୍ଷରୁ ଯୁକ୍ତି କରାଯାଇଛି। କମିସନ ଏଭଳି ସଂଶୋଧନକୁ ଖାରଜ କରନ୍ତୁ ବୋଲି ଦଳ ନିବେଦନ କରିଛି।

ସୂଚନାଯୋଗ୍ୟ ଯେ ନିର୍ବାଚନ କମିସନଙ୍କ ଏହି ପଦକ୍ଷେପ ଏକ ଷଡ଼ଯନ୍ତ୍ର ବୋଲି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଅଭିଯୋଗ କରିଥିଲେ। କେନ୍ଦ୍ର ସରକାର ପ୍ରଥମେ ସୁପ୍ରିମ କୋର୍ଟ ପ୍ରଧାନ ବିଚାରପତିଙ୍କୁ ନିର୍ବାଚନ କମିସନଙ୍କ ନିଯୁକ୍ତି ପ୍ୟାନେଲରୁ ହଟାଇବା ପରେ ଏବେ ନିର୍ବାଚନ ସହିତ ଜଡିତ ସୂଚନାକୁ ଲୁଚାଇବାକୁ ଚାହୁଁଛନ୍ତି ବୋଲି ଖଡ୍‌ଗେ କହିଥିଲେ।




## ୯ ଦିନ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି

**ପୁରୀ, ୨୪।୧୨ (ସମିସ):** ପାଖେଇ ଆସିଲାଣି ଇଂରାଜୀ ନବବର୍ଷ। ପୁରୀରେ ବଡ଼ଦିନ, ଜିରୋ-ନାଇଟ୍ ସେଲିବ୍ରେସନ୍ ଏବଂ ନୂଆବର୍ଷ ପାଳନ ଲାଗି ଭିଡ଼ ଆରମ୍ଭ ହୋଇଗଲାଣି। ଆଗକୁ ଗହଳି ଆହୁରି ବଢ଼ିବ। ଏଥର ନୂଆବର୍ଷ ଅବସରରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଆଗମନ ତଥା ଭିଡ଼ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ତେଣୁ, ଠିକଣା ସମୟରେ ନୀତିକାନ୍ତି ସମ୍ପାଦନ ତଥା ଶ୍ରଦ୍ଧାଳୁଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯିବା ଉଦ୍ଦେଶ୍ୟରେ ଡିସେମ୍ବର ୨୫ ଅର୍ଥାତ୍ ବୁଧବାରଠାରୁ ଆସନ୍ତା ଜାନୁଆରୀ ୨ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାମ ବନ୍ଦ ରହିବ। ଏହି ୯ଦିନ ପରେ ପୁଣି ଜାନୁଆରୀ ୩ରୁ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଏବଂ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା ଅନୁସାରେ ମରାମତି କାମ ଆରମ୍ଭ ହେବ। ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ଦୁଇ ବାଇକ୍ ମୁହାମୁହିଁ ଧକ୍କା; ଦୁଇ ମୃତ

**ନୀଳଗିରି, ୨୪।୧୨(ସମିସ):** ଶେରଗଡ଼-ଝରଣାଘାଟି ୧୯ନମ୍ବର ରାଜ୍ୟ ରାଜପଥର ସିମୁଳିଆ ଛକ ନିକଟରେ ମଙ୍ଗଳବାର ଏକ ଦୁର୍ଘଟଣାରେ ୨ ଜଣଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ଦିନ ପ୍ରାୟ ୨ଟା ବେଳେ ଦୁଇଟି ବାଇକ୍ ମୁହାମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ରେମୁଣା ଥାନା ବଡୁଆଗଞ୍ଜ ଗ୍ରାମର ଅକ୍ଷୟ ଜେନା ଏବଂ କାହାଲିଆ ଗ୍ରାମର ଚନ୍ଦ୍ରଶେଖର ପାତ୍ର। ଚନ୍ଦ୍ରଶେଖର ଜଣେ କଲେଜ ଛାତ୍ର। ଏହାସହ, ଏହି ଦୁର୍ଘଟଣାରେ ଅକ୍ଷୟଙ୍କ ୧୧ବର୍ଷୀୟ ପୁଅ ଗୁରୁତର ଆହତ ହୋଇଛି। ତାକୁ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ନୀଳଗିରି ଥାନା ଆଇଆଇସି ଗୋପାଳ କର୍ଣ୍ଣ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତାହତଙ୍କୁ ହସ୍ପିଟାଲକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## କୁମ୍ଭମେଳା ପାଇଁ ଓଡ଼ିଶାରୁ ଗଡ଼ିବ ୫ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର, ୨୪।୧୨(ସମିସ):** ମହାକୁମ୍ଭ ମେଳାରେ ଯୋଗ ଦେବାକୁ ଚାହୁଁଥିବା ଇଚ୍ଛୁକ ତୀର୍ଥଯାତ୍ରୀଙ୍କ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୫ଟି ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି। ଏହି ଟ୍ରେନ୍ ରାଜ୍ୟର ବିଭିନ୍ନ ସହରରୁ ସିଧାସଳଖ ପ୍ରୟାଗରାଜରେ ଯାତ୍ରୀମାନଙ୍କୁ ପହଞ୍ଚାଇବ। ଟ୍ରେନ୍‌ଗୁଡ଼ିକ ହେଲା, ଭୁବନେଶ୍ୱର-ତୁଣ୍ଡଲା-ଭୁବନେଶ୍ୱର, ପୁରୀ-ତୁଣ୍ଡଲା-ପୁରୀ, ଟିଟିଲାଗଡ଼-ତୁଣ୍ଡଲା-ଟିଟିଲାଗଡ଼, ବିଶାଖାପାଟନମ୍-ପଣ୍ଡିତ ଦିନଦୟାଲ ଉପାଧ୍ୟାୟ-ବିଶାଖାପାଟନମ୍ ଏବଂ ବିଶାଖାପାଟନମ୍-ଗୋରଖପୁର-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍। ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ବିଶ୍ୱର ସର୍ବବୃହତ୍ ଧାର୍ମିକ ସମାବେଶ ମହାକୁମ୍ଭ ମେଳାକୁ ଯାତ୍ରା କରୁଥିବା ହଜାର ହଜାର ଭକ୍ତଙ୍କୁ ଯାତ୍ରା ସୁବିଧା ଯୋଗାଇଦେବା ପାଇଁ ବିଶେଷ ଭାବେ ଚଳାଚଳ କରାଯାଉଛି। ଟ୍ରେନ୍ କାର୍ଯ୍ୟସୂଚୀ, ବୁକିଂ ଏବଂ ଅନ୍ୟାନ୍ୟ ଭ୍ରମଣ ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ଯାତ୍ରୀମାନଙ୍କୁ ରେଳବାଇ ୱେବସାଇଟ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଇଛି। ଷ୍ଟେସନ୍‌ଗୁଡ଼ିକରୁ ମଧ୍ୟ ଏ ସଂପର୍କିତ ତଥ୍ୟ ମିଳିପାରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

# ଧାନକିଣାରେ ମହାବିଭ୍ରାଟ

### ମିଲର୍‌ଙ୍କ ମନମାନୀ; ପଶ୍ଚିମରୁ ଦକ୍ଷିଣ ସବୁଠି ଅବ୍ୟବସ୍ଥା

- କଟ୍‌ନୀଛଟ୍‌ନୀରେ ଚାଷୀ ସହମତ ହେଲେ ଉଠୁଛି ଧାନ
- ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଣ୍ଡି ଛାଡ଼ି ରାଜରାସ୍ତାରେ ଚାଷୀ
- ସରକାରଙ୍କ ଆଖି, କାନ, ପାଟି ସବୁ ବନ୍ଦ: ଚାଷୀ ସଂଗଠନ
- ଚାଷୀଙ୍କୁ କାଳ ହୋଇଛି ବର୍ଷା ସାଙ୍ଗକୁ ବିଭାଗର ଏଫ୍ଏକ୍ୟୁ ସର୍ତ୍ତ

**ଭୁବନେଶ୍ୱର, ୨୪।୧୨ (ସମିସ):** ନିର୍ବାଚନ ସମୟରେ ଏମ୍ଏସ୍‌ପି ବୃଦ୍ଧି ସହ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ଦେଇ ଚାଷୀଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ ଓ ସ୍ୱାବଲମ୍ବୀ କରିବାର ନାରା ଦେଇଥିବା ବିଜେପି ରାଜ୍ୟରେ ସରକାର ଗଠନ କରିବା ପରେ କୃଷକଙ୍କ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛି। ଧାନକିଣା ପ୍ରକ୍ରିୟାକୁ ଦଲାଲମୁକ୍ତ କରାଯିବା ସହ ସର୍ବାଧିକ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ରାଜ୍ୟ ସାରା ଡିଣ୍ଡିମ ପିଟାଯାଉଥିଲେ ହେଁ ସରକାରଙ୍କ ଧାନକିଣା ବହୁ ଆଡ଼ମ୍ବରେ ଲଘୁକ୍ରିୟାରେ ପରିଣତ ହୋଇଛି। ଗତ ନଭେମ୍ବର ୨୦ ତାରିଖରେ ବରଗଡ଼ ଜିଲ୍ଲା କଳାପାଣିରୁ ଧାନମଣ୍ଡି ଶୁଭାରମ୍ଭ ହେବା ଦିନଠାରୁ ଆଜିଯାଏ ଧାନ ସଂଗ୍ରହରେ ଚରମ ବିଭ୍ରାଟ ଦେଖାଦେଇଛି। କୌଣସି ଗୋଟିଏ ବି ମଣ୍ଡିରେ ଧାନ କ୍ରୟ ପ୍ରକ୍ରିୟା ସୁରୁଖୁରୁରେ ଚାଲୁ ନ ଥିବା ବେଳେ ମିଲର୍‌ମାନଙ୍କ ମନମାନୀ କାରଣରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଲେଣି। ଧାନ ବସ୍ତା ଧରି ଚାଷୀ ମଣ୍ଡିରେ ରାତି ଉଜାଗର ହୋଇ ପଡ଼ି ରହିଥିବାବେଳେ ମିଲର୍‌ମାନେ ସରକାରଙ୍କୁ ପାଣି ପିଆଇ ସାରିଲେଣି। ମିଲ୍‌ରେ ପୁରୁଣା ଧାନ ଓ ଚାଉଳ ପଡ଼ି ରହିଥିବାରୁ ପ୍ରଥମେ ତାକୁ ଉଠାଯିବା ସହ ଅନ୍ୟାନ୍ୟ କିଛି ସ୍ୱାର୍ଥ ପୂରଣ ଦାବିରେ ମିଲର୍‌ମାନେ ସରକାରଙ୍କ ସହ ଧାନକିଣା ଚୁକ୍ତିରେ ବିଳମ୍ବ କରୁଛନ୍ତି। ଏପଟେ ବିନା କଟ୍‌ନୀଛଟ୍‌ନୀରେ ଧାନ କିଣାଯିବ ବୋଲି ସରକାର ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିବାବେଳେ ମଣ୍ଡିରେ କିନ୍ତୁ ମେସିନ୍ ଲଗାଇ ଧାନ ଏଫ୍ଏକ୍ୟୁ ମାନର ନ ଥିବା କହି ଚାଷୀଙ୍କ ଧାନ ଉଠାଯାଉ ନାହିଁ। ଯେଉଁଠି ଚାଷୀମାନେ କଟ୍‌ନୀଛଟ୍‌ନୀ ପାଇଁ ରାଜି ହେଉଛନ୍ତି, ସେଠାରେ ମିଲର୍‌ମାନେ ଧାନ ଉଠାଉଥିବା ଜଣାପଡ଼ିଛି।

ଧାନକିଣା ଅବ୍ୟବସ୍ଥା ବିରୋଧରେ ପ୍ରତିଦିନ ରାଜ୍ୟର କୋଣଅନୁକୋଣରେ ଚାଷୀ ଆନ୍ଦୋଳନ, ରାସ୍ତାରୋକ ଜରିଆରେ ସ୍ୱର ଉତ୍ତୋଳନ ହେଉଥିଲେ ହେଁ ଉଦ୍ଦେଶ୍ୟମୂଳକ ଭାବେ ସରକାର ଏକପ୍ରକାର ଆଖି, କାନ, ପାଟି ବନ୍ଦ କରିଦେଇଛନ୍ତି ବୋଲି ଚାଷୀ ସଂଗଠଗୁଡ଼ିକ ଅଭିଯୋଗ କରିଛନ୍ତି। ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ମାଲକାନଗିରି, ରାୟଗଡ଼ା ପରି ଜିଲ୍ଲାମାନଙ୍କରେ ଅବ୍ୟବସ୍ଥା ସବୁ ସୀମା ଅତିକ୍ରମ କରିଥିବା ବେଳେ ରାଜ୍ୟ ସରକାର କାହା ସ୍ୱାର୍ଥରେ ଅଛନ୍ତି ବୋଲି ଚାଷୀ ସଂଗଠନ ପ୍ରଶ୍ନ କରିଛି।

ରାଜ୍ୟରେ ଧାନକିଣା ପ୍ରକ୍ରିୟା କେମିତି ଚାଲିଛି ତାହା ରାୟଗଡ଼ା ଜିଲ୍ଲାରୁ ବେଶ୍ ବାରି ହୋଇ ପଡୁଛି। ଜିଲ୍ଲାରେ ଗତ ୧୭ ତାରିଖରେ ମଣ୍ଡି ଖୋଲିଥିବା ବେଳେ ୨୩ ତାରିଖ ସୁଦ୍ଧା ଜଣେ ମାତ୍ର ଚାଷୀ ଧାନ ବିକ୍ରି କରିଛନ୍ତି। କୋରାପୁଟ ଜିଲ୍ଲାରେ କିଛି ମଣ୍ଡିରେ ଅବ୍ୟବସ୍ଥା ସୀମା ଟପିଛି। ଧାନର ଏଫଏକ୍ୟୁ ମାନ ଏବଂ ଟୋକନକୁ ନେଇ ମିଲର୍ ମନମାନୀ ଚଳାଇଥିବା ବେଳେ ଚାଷୀଙ୍କ ଧାନ ଉଠାଉ ନାହାନ୍ତି। ଫଳରେ ବିଭିନ୍ନ ସ୍ଥାନରେ ଚାଷୀ ରାସ୍ତାରୋକ କରିଥିବା ବେଳେ ଜିଲ୍ଲା କୃଷକ କଲ୍ୟାଣ ମଞ୍ଚ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟି ଅବ୍ୟବସ୍ଥାକୁ ନେଇ ସ୍ୱର ଉଠେଇଛନ୍ତି। ଆସନ୍ତା ୨୮ ତାରିଖ ମଧ୍ୟରେ ଚାଷୀଙ୍କ ଧାନ ନ ଉଠିଲେ ଜିଲ୍ଲାବ୍ୟାପୀ ବ୍ୟାପକ ଆନ୍ଦୋଳନ ହେବ ବୋଲି ରୋକଠୋକ୍ ଚେତାବନୀ ଦେଇଛି ମଞ୍ଚ।

ସମ୍ବଲପୁର ଜିଲ୍ଲାରେ ମଧ୍ୟ ଅବ୍ୟବସ୍ଥା କାରଣରୁ ଚାଷୀକୁଳ ମୁଣ୍ଡରେ ହାତ ଦେଲେଣି। ଆମକୁ ୩୧୦୦ ଟଙ୍କାର ସ୍ୱପ୍ନ ଦେଖାଇଥିବା ସରକାର ଧାନ କିଣିବା ବେଳେ ବିଭିନ୍ନ ଆଳ ଦେଖାଉଛନ୍ତି। ମିଲର୍‌ଙ୍କ କଥା ନ ମାନିଲେ ଆମ ଧାନ ଉଠୁନାହିଁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଚାଷୀ। ସୋମବାର ପରମାଣପୁରର ଜଣେ ଚାଷୀ ମିଲର୍‌ଙ୍କ ମନମାନୀରେ ଅତିଷ୍ଠ ହୋଇ ଆଣିଥିବା ଧାନକୁ ମଣ୍ଡିରେ ଢାଳି ଦେବା ଘଟଣା ଏବେ ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।

ମାଲକାନଗିରିରେ ଗତ ୧୬ ତାରିଖରେ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏଠାରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି। ମଣ୍ଡିରେ ଚାଷୀଙ୍କ ଧାନ ଉଠୁ ନ ଥିବା ବେଳେ ବର୍ଷା ଏବଂ ଶୀତରରେ ଚାଷୀ ଛଟପଟ ହେଉଛନ୍ତି। ବଲାଙ୍ଗୀର ଜିଲ୍ଲାରେ ଗତ ୨ ତାରିଖରୁ ମଣ୍ଡି ଖୋଲାଯାଇଥିବା ବେଳେ ଏଠାରେ ମଧ୍ୟ ସମାନ ଦଶା ଭୋଗୁଛନ୍ତି ଚାଷୀ। ଧାନ ଅଖାକୁ ନେଇ ମିଲ୍ ମାଲିକ ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଥିବା ବେଳେ କଟ୍‌ନୀଛଟ୍‌ନୀ ପରେ ହିଁ ଧାନ ଉଠାଉଛନ୍ତି। ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସାରସମାଲ ଧାନମଣ୍ଡିରୁ ଗତ ୧୪ ଦିନ ଧରି ଧାନ ଉଠି ନ ଥିବା ବେଳେ ଶତାଧିକ ଚାଷୀ ଆଜି ରାମପୁର-ବରପାଲି ମୁଖ୍ୟରାସ୍ତାରେ ରାସ୍ତାରୋକ କରିଛନ୍ତି।

ପଶ୍ଚିମରୁ ଦକ୍ଷିଣ ଯାଏଁ ଚାଷୀକୁଳ ମିଲ୍ ମାଲିକଙ୍କ ମନମାନୀ ଏବଂ ସରକାରଙ୍କ ନିରବତା ମଧ୍ୟରେ ସନ୍ତୁଳି ହେଉଥିବା ବେଳେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ଆଉ ଏକ ନୂଆ ସମସ୍ୟା ଦେଖାଦେଲାଣି। ପ୍ରଥମେ ଅବପାତ ଏବଂ ପରେ ଲଘୁଚାପ କରାଣରୁ ହଜାର ହଜାର ଏକର ଚାଷଜମିରେ ଏବେ ଧାନ ଫସଲ ବତୁରୁଛି। ଅବପାତ କାରଣରୁ ଓଦା ଧାନକୁ ଶୁଖାଇବାକୁ ଚାଷୀ ଉଦ୍ୟମ କରୁଥିବା ବେଳେ ଆଜିର ଲଘୁଚାପ ବର୍ଷା ଚାଷୀ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ରାଜ୍ୟ ସରକାରଙ୍କ ଏଫଏକ୍ୟୁ ମାନ ନିୟମ ଚାଷୀଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ସଦୃଶ ହୋଇଛି। ରାଜ୍ୟ ସରକାର ଯଦି ପ୍ରକୃତରେ ଚାଷୀଙ୍କ ହିତ ଚିନ୍ତା କରୁଛନ୍ତି, ତା'ହେଲେ ତୁରନ୍ତ ଧାନକିଣାକୁ ସୁବ୍ୟବସ୍ଥିତ କରିବାକୁ ଚାଷୀ ସଂଗଠନଗୁଡ଼ିକ ଦାବି କରିଛନ୍ତି।

ଅବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଧାନର ମାନ ଖରାପ ଥିଲେ ବି ରାଜ୍ୟ ସରକାର ଧାନ କିଣିବେ ବୋଲି ଆଜି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବର୍ଷା ପାଇଁ ଧାନର କ୍ୱାଲିଟି ଟିକେ କମିଯାଇଥିବାରୁ ଚାଷୀ ଚିନ୍ତାରେ ଅଛନ୍ତି। ହେଲେ ସବୁ କୃଷକଙ୍କ ଧାନ କିଣାଯିବ। ଏଥିପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଟୋକନ ଲାପ୍ସ କଲେ ଚାଷୀଙ୍କୁ ଅଧିକ ୧୫ ଦିନ ମହଲତ ଦିଆଯିବ। ବର୍ଷାରେ ଯେଉଁ ଚାଷୀଙ୍କ ଧାନ ଓଦା ହୋଇଛି, ଧାନ ଶୁଖେଇ ମଣ୍ଡିରେ ବିକ୍ରି ପାଇଁ ସେମାନଙ୍କୁ ଅଧିକ ସମୟ ଦିଆଯିବ। ପାଗ ଖରାପ ଯୋଗୁଁ କିଛି ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। କିନ୍ତୁ ବର୍ଷା ପାଇଁ ଆଗୁଆ ମଣ୍ଡି ଖୋଲିବନି। ବର୍ଷାରେ ଯାହାର ଧାନ କ୍ଷତି ହୋଇଛି ଆକଳନ କରି ଉଚିତ ମୂଲ୍ୟ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ବନ୍ଧୁକ ମୁନରେ ୫.୮୫ ଲକ୍ଷ ଲୁଟ୍

**ରାଉରକେଲା, ୨୪।୧୨(ସମିସ):** ରଘୁନାଥପାଲି ଥାନା ଅଧୀନ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ଠାରେ ସିଏମ୍‌ସି କର୍ମଚାରୀଙ୍କଠାରୁ ବନ୍ଧୁକ ମୁନରେ ୫ଲକ୍ଷ ୮୫ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟେରାଙ୍କୁ ଠାବ କରିବା ପାଇଁ ସହରର ବିଭିନ୍ନ ଛକରେ ଯାଞ୍ଚ କରାଯାଇଥିଲେ ମଧ୍ୟ ଲୁଟେରାଙ୍କ କୌଣସି ସୂଚନା ମିଳିନାହିଁ। ଏସ୍‌ପି ନୀତେଶ ୱାଧୱାନୀଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର୍ ରାଜେନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ସେପଟେ ଏହି ଲୁଟ୍ ପଛରେ କିଛି ରହସ୍ୟ ଲୁଚି ରହିଥିବା ଏବଂ ଲୁଟ୍ ନେଇ ନାଟକ ରଚନା କରାଯାଇଥିବା ଆଲୋଚନା ହେଉଛି। ସୂଚନା ଅନୁସାରେ, ଜେଲ୍ ରୋଡ୍ ନିକଟ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ସି/୮ରେ ଏନ୍‌ଟେକ୍ସ ଟ୍ରାନ୍ସପୋର୍ଟେସନ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ କାର୍ଯ୍ୟାଳୟ ରହିଛି। ଉକ୍ତ କମ୍ପାନୀ ଅନଲାଇନ୍ ଫ୍ଲିପକାର୍ଟ ଯୋଗେ ଅର୍ଡର କରିଥିବା ବିଭିନ୍ନ ସାମଗ୍ରୀକୁ ଡେଲିଭରି କରିଥାଏ। ସେହିଭଳି ସହରର ଅନ୍ୟ ସ୍ଥାନରେ ମଧ୍ୟ ଏଭଳି କାର୍ଯ୍ୟାଳୟ ରହିଛି। ତେବେ ଯେଉଁ ଗ୍ରାହକ ଅଫ୍‌ଲାଇନ ପେମେଣ୍ଟ କରିଥା'ନ୍ତି, ତାହାକୁ ସଂଗ୍ରହ କରି କମ୍ପାନୀ ବ୍ୟାଙ୍କ୍ ଆକାଉଣ୍ଟରେ ଡିପୋଜିଟ୍ କରିବା ପାଇଁ ଅନ୍ୟ ଏକ କମ୍ପାନୀ ଟେଣ୍ଡର ନେଇଛି। ଏହି କ୍ରମରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ସାଢ଼େ ୧୧ଟା ମଧ୍ୟରେ ସିଏମ୍‌ସି କର୍ମଚାରୀ ଶିବଶଙ୍କର ଟଙ୍କା ସଂଗ୍ରହ କରିବାକୁ ଏକ ସ୍କୁଟିରେ ଯାଇଥିଲେ। ସେଠାରୁ ବାହାରି ମାତ୍ର କିଛି ଦୂରକୁ ଯାଇଥିବା ବେଳେ ହଠାତ୍ ଏକ ବାଇକରେ ୩ଜଣ ଦୁର୍ବୃତ୍ତ ଆସି ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ତାଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟିନେଇ ଫେରାର୍ ହୋଇଯାଇଥିଲେ। ଉକ୍ତ ବ୍ୟାଗରେ ମୋଟ୍ ୫ ଲକ୍ଷ ୮୫ ହଜାର ଟଙ୍କା ଥିଲା ବୋଲି ଶିବ କହିଛନ୍ତି। ପୁଲିସ୍ ବିଭିନ୍ନ ଛକରେ ନାକାବନ୍ଦୀ କରିବା ସହ ଘଟଣାସ୍ଥଳ ସମେତ ଅନ୍ୟ ସ୍ଥାନର ସିସିଟିଭି ଯାଞ୍ଚ୍ କରିଛି। ଅଭିଯୋଗକାରୀ ଏତେ ପରିମାଣର ଟଙ୍କା ନେଇଯାଉଥିଲେ ବୋଲି କିପରି ଲୁଟେରା ସୁରାକ ପାଇଲେ ବୋଲି ପ୍ରଶ୍ନ ଉଠିଛି। ଏହି ଲୁଟ ନେଇ ଏକ ନାଟକ ରଚନା କରାଯାଇ ନାହିଁ ତ ? ତେବେ ପୁଲିସର ତଦନ୍ତ ପରେ ଘଟଣାର ପର୍ଦ୍ଦାଫାସ୍ ହେବ ବୋଲି କୁହାଯାଉଛି।

### ୧.୩୨ କୋଟି ପେନ୍‌ସନ ଟଙ୍କା ଠକେଇ ମାମଲା

## ବ୍ୟାଙ୍କ୍ ମ୍ୟାନେଜରଙ୍କୁ ୩ବର୍ଷ ଜେଲ୍

**ଭୁବନେଶ୍ୱର, ୨୪।୧୨(ସମିସ):** ଜାଲ୍ ଦସ୍ତାବିଜ୍ ମାଧ୍ୟମରେ ଦମ୍ପତିଙ୍କ ୧.୩୨ କୋଟି ପେନ୍‌ସନ୍ ଟଙ୍କା ଠକେଇ ମାମଲାରେ ରେମୁଣା ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ପୂର୍ବତନ ମ୍ୟାନେଜର୍‌ଙ୍କୁ ଜେଲ୍ ଦଣ୍ଡ ହୋଇଛି। ବାଲେଶ୍ୱର ଓପିଆଇଡି କୋର୍ଟ ଏହି ମାମଲାର ଶୁଣାଣି କରି ପୂର୍ବତନ ବ୍ୟାଙ୍କ୍ ମ୍ୟାନେଜର ଦୁର୍ଗାଚରଣ ପଣ୍ଡାଙ୍କୁ ୩ବର୍ଷ ଜେଲ୍ ଓ ୩.୨୫ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୨ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୫୧୯ଟି ଦସ୍ତାବିଜ୍ ଏବଂ ୧୮ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ପୂର୍ବରୁ ଏହି ମାମଲାରେ ଅଭିଯୁକ୍ତ ପ୍ରଭାତ ଦାଶ ଏବଂ ବ୍ରହ୍ମଜ୍ୟୋତି ବେହେରାଙ୍କୁ ୭ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ବାଲେଶ୍ୱର, ରେମୁଣା ବ୍ରାଞ୍ଚର ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମ୍ୟାନେଜର୍ ସ୍ୱରାଜ ମହାନ୍ତିଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିଲା।

> ପୂର୍ବରୁ ଦୁଇ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲଦଣ୍ଡ ହୋଇଥିଲା

### ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୬.୫ | ୧୭.୭ |
| ଚାନ୍ଦବାଲି | ୨୫.୮ | ୧୯.୬ |
| କଟକ | ୨୬.୦ | ୧୮.୦ |
| ପାରାଦୀପ | ୨୫.୦ | ୧୯.୯ |
| ଭୁବନେଶ୍ୱର | ୨୭.୫ | ୧୯.୪ |
| ଗୋପାଳପୁର | ୨୩.୧ | ୧୯.୯ |
| ପୁରୀ | ୨୫.୨ | ୨୦.୫ |
| ଅନୁଗୋଳ | ୨୬.୧ | ୧୫.୦ |
| ବାରିପଦା | ୨୪.୮ | ୧୭.୨ |
| ଝାରସୁଗୁଡ଼ା | ୨୯.୦ | ୧୩.୬ |
| କେନ୍ଦୁଝରଗଡ଼ | ୨୫.୯ | ୧୬.୬ |
| ସମ୍ବଲପୁର | ୨୯.୦ | ୧୭.୩ |
| ସୁନ୍ଦରଗଡ଼ | ୨୮.୩ | ୧୪.୦ |
| ହୀରାକୁଦ | ୨୭.୯ | ୧୬.୪ |
| ତାଳଚେର | ୨୭.୪ | ୧୧.୬ |
| ଭବାନୀପାଟଣା | ୨୮.୪ | ୧୯.୫ |
| ବଲାଙ୍ଗିର | ୨୮.୯ | ୧୯.୭ |
| କୋରାପୁଟ | ୨୫.୫ | ୧୨.୦ |
| ଫୁଲବାଣୀ | ୨୫.୯ | ୧୩.୦ |
| ଟିଟିଲାଗଡ଼ | ୨୯.୫ | ୨୦.୦ |
| ମାଲକାନଗିରି | ୨୯.୨ | ୧୮.୫ |
| ସୋନପୁର | - | ୨୦.୦ |
| ଦାରିଙ୍ଗବାଡ଼ି | ୨୧.୦ | ୧୩.୫ |
| ନୟାଗଡ଼ | ୨୩.୦ | ୧୭.୩ |
| ବୌଦ୍ଧ | ୨୪.୫ | ୧୭.୦ |
| ଛତ୍ରପୁର | ୨୬.୦ | ୧୯.୦ |
| ପାରଳାଖେମୁଣ୍ଡି | ୨୩.୮ | ୧୭.୦ |
| ରାୟଗଡ଼ା | ୨୬.୦ | ୧୫.୫ |
| ଭଦ୍ରକ | ୨୭.୨ | ୧୭.୦ |
| ଯାଜପୁର | ୨୬.୮ | - |
| ଢେଙ୍କାନାଳ | ୨୮.୪ | ୧୭.୦ |
| ବରଗଡ଼ | ୨୭.୩ | ୧୫.୮ |
| ଦେବଗଡ଼ | ୨୮.୬ | ୧୬.୨ |
| ନୂଆପଡ଼ା | ୩୧.୦ | ୧୫.୪ |
| ନବରଙ୍ଗପୁର | ୨୮.୦ | - |
| ଖୋର୍ଦ୍ଧା | ୨୭.୫ | ୧୪.୫ |
| ଜଗତସିଂହପୁର | ୨୬.୫ | ୧୪.୦ |
| କେନ୍ଦ୍ରାପଡ଼ା | ୨୭.୦ | ୧୫.୮ |
| ରାଉରକେଲା | ୨୬.୫ | ୧୩.୧ |

### ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ଘଟଣା

## ଗୌତମ କୁଣ୍ଡୁଙ୍କ ଜାମିନ ଆବେଦନ ଖାରଜ

**କଟକ, ୨୪।୧୨(ସମିସ):** ବହୁଚର୍ଚ୍ଚିତ ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ସଂସ୍ଥାର ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ପକ୍ଷରୁ ଦାୟର ଜାମିନ୍ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଡ. ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଶ୍ରୀ କୁଣ୍ଡୁଙ୍କ ଜାମିନ୍ ଆବେଦନକୁ ଦ୍ୱିତୀୟ ଥର ପାଇଁ ହାଇକୋର୍ଟ ଖାରଜ କରିଛନ୍ତି। ୧୭ହଜାର ୩୬୭କୋଟିର ଏହି ବଡ଼ ଠକେଇ ଘଟଣାରେ ଅଦ୍ୟାବଧି ଜମାକାରୀଙ୍କୁ ୮୯୪୭ କୋଟି ଟଙ୍କା ପଇଠ ହୋଇପାରିନାହିଁ। ଏଣୁ ଏହାକୁ ଦୃଷ୍ଟି ରଖି ହାଇକୋର୍ଟ ଜାମିନ ପ୍ରଦାନ କରିବାକୁ ଅଗ୍ରାହ୍ୟ କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ରୋଜ୍‌ଭ୍ୟାଲି ଗ୍ରୁପ୍ ଜମାକାରୀଙ୍କଠାରୁ ୧୭ ହଜାର କୋଟି ଟଙ୍କା ଠକେଇ ଅଭିଯୋଗ ହୋଇଥିଲା।

### ଅସହ୍ୟ ହେଲା ସ୍ୱାମୀଙ୍କ ବିୟୋଗ

## ଗୋଟିଏ ଜୁଇରେ ଜଳିଲା ଦମ୍ପତିଙ୍କ ଚିତା

**ଜାରକା/ମାହାଙ୍ଗା,୨୪।୧୨(ସମିସ):** ଅସହ୍ୟ ହେଲା ସ୍ୱାମୀଙ୍କ ବିୟୋଗ ଖବର। ଖବର ଶୁଣି ସ୍ତ୍ରୀ ବି ଆରପାରିକୁ ଚାଲିଗଲେ। ମାହାଙ୍ଗା ଅଞ୍ଚଳରେ ଆଜି ଏଭଳି ଦୁଃଖଦ ଘଟଣା ଘଟିଛି। ଫଳରେ ଗୋଟିଏ ଚିତାରେ ସ୍ୱାମୀ-ସ୍ତ୍ରୀଙ୍କ ଜୁଇ ଜଳିଛି। ମୃତ ଦମ୍ପତି ହେଲେ, ଧର୍ମଶାଳା ମହାବିଦ୍ୟାଳୟର ପୂର୍ବତନ ଇଂରାଜୀ ପ୍ରାଧ୍ୟାପକ ତଥା ବିଶିଷ୍ଟ କବି ପ୍ରଶାନ୍ତ ବିଶ୍ୱାଳ(୬୨) ଓ ତାଙ୍କ ଧର୍ମପତ୍ନୀ ଝରଣା ବିଶ୍ୱାଳ(୫୪)।



ସୂଚନାନୁଯାୟୀ, କିଛି ଦିନ ତଳେ ପ୍ରାଧ୍ୟାପକ ଶ୍ରୀ ବିଶ୍ୱାଳଙ୍କ ମସ୍ତିଷ୍କାଘାତ ହୋଇଥିଲା। ତାଙ୍କୁ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭେଣ୍ଟିଲେଟର୍‌ରେ ରଖାଯାଇଥିଲା। ତେବେ ଆଜି ଭୋର୍ ପ୍ରାୟ ୪ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଝରଣାଙ୍କୁ ଭିତରୁ ଭାଙ୍ଗି ଦେଇଥିଲା। ଏ ଦୁଃଖକୁ ସେ ସହ୍ୟ କରିପାରିନଥିଲେ। ଏହି ଦୁଃଖରେ ଦିନ ପ୍ରାୟ ସାଢ଼େ ୧୧ଟାରେ ତାଙ୍କର ହୃଦ୍‌ଘାତ ହୋଇଥିଲା ଏବଂ ସେଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଉଭୟଙ୍କ ମରଶରୀରକୁ ମାହାଙ୍ଗା ଥାନା କୁଆଁପାଳସ୍ଥ ଅଡ଼ମ ଗ୍ରାମକୁ ନିଆଯାଇଥିଲା। ଗାଁ ମଶାଣିରେ ଗୋଟିଏ ଜୁଇରେ ଉଭୟଙ୍କ ଶବ ସତ୍କାର କରାଯାଇଥିଲା। ପୁଅ ସ୍ୱାଧୀନ ବିଶ୍ୱାଳ ଉଭୟଙ୍କୁ ମୁଖାଗ୍ନି ଦେଇଥିଲେ। ଝିଅ ଶାନ୍ତଝରା ମଧ୍ୟ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ମାହାଙ୍ଗାରେ ଶୋକର ଛାୟା ଖେଳିଯାଇଛି।

ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ହସ୍ପିଟାଲରୁ ପ୍ରଶାନ୍ତଙ୍କ ଶବ ଧରି ଅଡ଼ମ ଗାଁକୁ ଆସିଥିବା ବେଳେ, ସ୍ଥାନୀୟ ବିଧାୟକ ଶାରଦା ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

### ବିଶିଷ୍ଟ ସାହିତ୍ୟିକ ଓ ତାଙ୍କ ଧର୍ମପତ୍ନୀଙ୍କ ଅକାଳ ବିୟୋଗ

ପ୍ରାଧ୍ୟାପକ ଶ୍ରୀ ବିଶ୍ୱାଳଙ୍କ ସଡୁ ସାମ୍ବାଦିକ ଇନ୍ଦ୍ରମଣି ନାୟକ, ଶାଳକ ସାମ୍ବାଦିକ ମାନସ ରଞ୍ଜନ ଜେନା ମେଡିକାଲରେ ଉପସ୍ଥିତ ଥିଲେ। ପ୍ରାଧ୍ୟାପକଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଧର୍ମଶାଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ସ୍ୱରୁପାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧ୍ୟାପକ ସନ୍ତୋଷ ଦାଶ, ଅଧ୍ୟାପକ ବିଶ୍ୱଜିତ ନାୟକ, ରାକେଶ ଡୋରା, ଅଧ୍ୟାପିକ ଦେବସ୍ମିତା ଦାସ, ସୁସ୍ମିତା ଲେଙ୍କା ଓ ଆରାଧନା ସେଠୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ସ୍ୱଚ୍ଛତାକୁ ନେଇ ନିର୍ବାଚନ କମିସନଙ୍କୁ ବିଜେଡିର ପ୍ରଶ୍ନ

# ଓଡ଼ିଶା ନିର୍ବାଚନରେ କେମିତି ହେଲା ଗଡ଼ବଡ଼ ?

**ଭୁବନେଶ୍ୱର, ୨୪।୧୨(ସମିସ):** ଓଡ଼ିଶାରେ ଅନୁଷ୍ଠିତ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ଭୋଟ୍ ସଂଖ୍ୟାକୁ ନେଇ କମିସନଙ୍କ ତଥ୍ୟରେ ତାଳମେଳ ନଥିଲା। ନିର୍ବାଚନ ଅଧିକାରୀ ତଥ୍ୟ ଦେବାକୁ ମନା କରି ଦେ।ାଲେ। ଗତ ୬ ମାସ ଭିତରେ ନିଜ ଉଦ୍ୟମରେ ତଥ୍ୟ ସଂଗ୍ରହ ଓ ତର୍ଜମା ପରେ ଯାହା ଦେଖୁଛୁ ମୁଣ୍ଡ ଗୋଳମାଳ ହୋଇଯାଉଛି। ଓଡ଼ିଶାରେ ହୋଇଥିବା ନିର୍ବଚାନରେ ସଂଖ୍ୟାକୁ ନେଇ ଏତେ ବଡ଼ ତାରତମ୍ୟ ଦେଖାଦେଇଛି। ଭାରତରେ ହୁଏତ ପ୍ରଥମ ଥର ପାଇଁ ଏଭଳି ବିଭ୍ରାଟ ଦେଖାଦେଇଛି। ନିର୍ବାଚନ ପରିଚାଳନା ବ୍ୟବସ୍ଥାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇ ଆମେ ତଥ୍ୟ ମାଗିଛୁ। ନିର୍ବାଚନ କମିସନଙ୍କୁ ତଥ୍ୟ ମାଗିଲେ, ବିଜେପି କାହିଁକି ଚିହିଁକି ଉଠୁଛି? ଏହା ପଛରେ ରହସ୍ୟ କଣ? ଆମ ତଥ୍ୟ ଭୁଲ୍ ବୋଲି ପ୍ରମାଣିତ କରି ଦେଖାଉ ବିଜେପି।



- ବିଭ୍ରାଟ ପାଇଁ ଦାୟୀ କିଏ?
- କମିସନଙ୍କୁ ତଥ୍ୟ ମାଗିଲେ ବିଜେପି ଚିହିଁକି ଉଠୁଛି କାହିଁକି?
- କାହା ଚାପରେ ତଥ୍ୟ ଦେଉ ନାହାନ୍ତି ଅଧିକାରୀ?

୨୦୨୪ ନିର୍ବାଚନରେ ଭୋଟ ବିଭ୍ରାଟକୁ ନେଇ ଏପରି ବର୍ଷିଛି ବିଜୁ ଜନତା ଦଳ। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ଡ. ଅରୁଣ କୁମାର ସାହୁ ଏବଂ ପୂର୍ବତନ ଲୋକସଭା ସାଂସଦ ଶର୍ମିଷ୍ଠା ସେଠୀ ସିଧାସଳଖ ଏପରି ଆହ୍ୱାନ ଦେଇଛନ୍ତି। ଡ. ସାହୁ କହିଥିଲେ, ଏଥର ମଧ୍ୟ ଓଡ଼ିଶାରେ ନବୀନ ସରକାର ହେବ ବୋଲି ଓଡ଼ିଶାବାସୀ ବିଶ୍ୱାସ ରଖିଥିଲେ। କିନ୍ତୁ ଜୁନ୍ ୪ ତାରିଖ ପରଠାରୁ ଲୋକଙ୍କ ମନରେ ଆଶଙ୍କା, ଅବିଶ୍ୱାସ ଦେଖା ଦେଲା। ସମସ୍ତଙ୍କ ମନରେ ଗୋଟିଏ କଥା ଥିଲା ଯେ ଭୋଟ ବ୍ୟବସ୍ଥାରେ କେଉଁଠି ନା କେଉଁଠି ଅସୁବିଧା ରହିଛି। ଲୋକଙ୍କର ସେହି ଆଶଙ୍କା ଆମ ମନକୁ ଆନ୍ଦୋଳିତ କରିଥିଲା ଏବଂ ଆମେ ତଥ୍ୟ ସଂଗ୍ରହ ଆରମ୍ଭ କରିଥିଲୁ। କିନ୍ତୁ ସରକାରଙ୍କ ପକ୍ଷରୁ ଆମକୁ କୌଣସି ସୂଚନା ଦିଆଗଲା ନାହିଁ। ଏପରିକି ଆମର ପ୍ରାର୍ଥୀମାନଙ୍କୁ ସେମାନଙ୍କ ଅଧିକାର ଅନୁସାରେ ମଧ୍ୟ ତଥ୍ୟ ଦେବାକୁ ମନା କଲେ। ବିଜେଡି ପ୍ରାର୍ଥୀମାନଙ୍କୁ ସାର୍ଟିଫାଏଡ୍ କପି ମଧ୍ୟ ଦିଆଯାଉ ନାହିଁ। ଆବେଦନକୁ ଖାରଜ କରିଛନ୍ତି, କିନ୍ତୁ ଆବେଦନକାରୀଙ୍କୁ ତାହାର ସୂଚନା ବି ଦେଉନାହାନ୍ତି। କାହା ଚାପରେ ତଥ୍ୟ ଦେଉ ନାହାନ୍ତି ଅଧିକାରୀ? ତଥ୍ୟ ନଦେବାପାଇଁ ରାଜ୍ୟ ସରକାର ଅଘୋଷିତ ନିର୍ଦ୍ଦେଶନାମା ଜାରି କରିଛନ୍ତି କି? ଏହି ପ୍ରଶ୍ନର ଉତ୍ତର ଦରକାର।

ଗତକାଲି ଆମର ୭ ଜଣ ରାଜ୍ୟସଭା ସାଂସଦ ନିର୍ବାଚନ ଆୟୋଗଙ୍କୁ ଭେଟି ଭୋଟ୍ ସଂଖ୍ୟା ତାରତମ୍ୟ ଉପରେ ଜବାବ୍ ମାଗିଛନ୍ତି। ନିର୍ବାଚନ ଆୟୋଗ ସାରା ଦେଶବାସୀଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବା ଆବଶ୍ୟକ। ତେବେ ନିର୍ବାଚନ କମିସନଙ୍କୁ ତଥ୍ୟ ମାଗିଲେ ବିଜେପି କାହିଁକି ଏପରି ପ୍ରତିକ୍ରିୟା ପ୍ରକାଶ କରୁଛି? ଏହାପଛରେ ରହସ୍ୟ କଣ? ବୋଲି ପ୍ରଶ୍ନ କରିଛନ୍ତି ଡ. ସାହୁ।

ଶ୍ରୀମତୀ ସେଠୀ କହିଥିଲେ, ଭାରତର ନିର୍ବାଚନରେ ହୁଏତ ଏପରି ବିଭ୍ରାଟ ପୂର୍ବରୁ କେବେ ଦେଖା ଯାଇନାହିଁ। ଯେଉଁଠି ପ୍ରିଜାଇଡିଂ ଅଫିସର ଏବଂ ରିଟର୍ଣ୍ଣିଂ ଅଫିସରଙ୍କ ରିପୋର୍ଟରେ ତାଳମେଳ ନାହିଁ।। ଯାହା ୨୦୦୪ରୁ ୨୦୨୯ ନିର୍ବାଚନ ମଧ୍ୟରେ କେବେ ଦେଖା ଯାଇନଥିଲା। ଲୋକେ ଆଜି ବି ମନ ଦୁଃଖରେ ଅଛନ୍ତି କ'ଣ ପାଇଁ ନବୀନ ବାବୁ ମୁଖ୍ୟମନ୍ତ୍ରୀ ହେଲେ ନାହିଁ। ନିର୍ବାଚନ ପରିଚାଳନାକୁ ନେଇ ରାଜ୍ୟବାସୀଙ୍କ ମନରେ ଦ୍ୱନ୍ଦ ସୃଷ୍ଟି କରିଛି, ଅବିଶ୍ୱାସ ଭରି ଦେଇଛି।

## ଚିଟ୍‌ଫଣ୍ଡ ଦୁର୍ନୀତିକୁ ପୁଣି ଉଜ୍ଜୀବିତ କଲା ମୋହନଙ୍କ ବୟାନ

# ମୁଁ ବି ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଛି

**ଭୁବନେଶ୍ୱର,୨୪।୧୨(ସମିସ):** ରାଜ୍ୟରେ ପୁଣି ଥରେ ଉଜ୍ଜୀବିତ ହୋଇଛି ଚିଟ୍‌ଫଣ୍ଡ ଠକେଇ ପ୍ରସଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଦୁଇଦୁଇଥର ଚିଟ୍‌ଫଣ୍ଡ ଠକେଇର ଶୀକାର ହୋଇ ଅର୍ଥ ହରାଇଛନ୍ତି ବୋଲି କହିବା ପରେ ରାଜନୈତିକ ମହଲରେ ଏହି ପ୍ରସଙ୍ଗ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ ୧୯୯୦ ଏବଂ ୨୦୦୨ରେ ଦୁଇଥର ଚିଟଫଣ୍ଡ ଠକେଇର ଶିକାର ହୋଇଥିଲେ ବୋଲି କହିଛନ୍ତି। ଏଥିସହ ଟଙ୍କା ଫେରିପାଇବା ପାଇଁ ସେ ୧୯୮୬ ମସିହା ଆଇନ ଅନୁଯାୟୀ ଅପିଲ୍ ମଧ୍ୟ କରିଥିଲେ ମଧ୍ୟ ଏଯାବତ୍ ଟଙ୍କା ଫେରିପାଇନାହାଁନ୍ତି ବୋଲି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ବୟାନ ପରେ ରାଜ୍ୟରେ ଚିଟଫଣ୍ଡ ଠକେଇର ଶିକାର ହୋଇଥିବା ଲକ୍ଷ ଲକ୍ଷ ଜମାକାରୀ କେବେ ନିଜର ଟଙ୍କା ଫେରି ପାଇବେ ସେନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି।

ବିଜେପି କ୍ଷମତାକୁ ଆସିବାର ୨୪ ଘଣ୍ଟା ମଧ୍ୟରେ 'ସ୍ୱତନ୍ତ୍ର ଅଧ୍ୟାଦେଶ' ଅଣାଯାଇ ଚିଟଫଣ୍ଡ ଜମାକାରୀଙ୍କୁ ଅର୍ଥ ଫେରାଯିବ ବୋଲି ନିଜେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଘୋଷଣା କରିଥିଲେ। ଏହାକୁ ନେଇ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଥିଲା। ମାତ୍ର ଇତିମଧ୍ୟରେ ନୂଆ ସରକାରଙ୍କୁ ୬ ମାସ ପୂରିଥିବା ବେଳେ ଏ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଲକ୍ଷ ଲକ୍ଷ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ଅର୍ଥ ଫେରି ପାଇବା ଆବେଦନପତ୍ର ସମ୍ପ୍ରତି କଟକସ୍ଥିତ ପୁରୁଣା ଚିଟ୍‌ଫଣ୍ଡ କମିଶନଙ୍କ କାର୍ଯ୍ୟାଳୟରେ ଉଇ ଖାଉଥିବା ବେଳେ ଜମାକାରୀ ଭାଗ୍ୟକୁ ଆଦରି ଘୋର ନିରାଶା ମଧ୍ୟରେ କାଳ କାଟୁଛନ୍ତି।

> **କେବେ ଅର୍ଥ ଫେରିପାଇବେ ଜମାକାରୀ**
>
> **କଟକସ୍ଥିତ କମିଶନଙ୍କ କାର୍ଯ୍ୟାଳୟରେ ଖତ ଖାଉଛି ଆବେଦନପତ୍ର**
>
> **୧୬ ଲକ୍ଷ କ୍ଷୁଦ୍ର ଜମାକାରୀ ଦେଇଥିଲେ ସତ୍ୟପାଠ; ୨ ଲକ୍ଷ ଫେରିପାଇଛନ୍ତି ଅର୍ଥ**
>
> **ବିଜେପିର ନିର୍ବାଚନୀ ପ୍ରତିଶ୍ରୁତି ପାଲଟିଛି ଧୂଆଁବାଣ**

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚିଟଫଣ୍ଡ ଜମାକାରୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ ପାଇଁ ବିଜେଡି ସରକାର ପ୍ରଥମେ ଜଷ୍ଟିସ ଆର୍ କେ ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଥିଲେ। ତାଙ୍କ ନିକଟରେ ୮ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଜମାକାରୀ (୧୦ ହଜାର ଟଙ୍କାରୁ କମ୍) ନିଜ ନିଜର ସତ୍ୟପାଠ ଦାଖଲ କରିଥିଲେ। ତାଙ୍କର ଦେହାନ୍ତ ପରେ ଜଷ୍ଟିସ ଏମ ଏମ ଦାସଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ କମିଶନ ଗଠନ ହୋଇଥିଲା ଏବଂ ସେ ମଧ୍ୟ ଜମାକାରୀଙ୍କଠାରୁ ସତ୍ୟପାଠ ଆହ୍ୱାନ କରିଥିଲେ। ଦୁଇ ପର୍ଯ୍ୟାୟରେ ମୋଟ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ସତ୍ୟପାଠ ଦାଖଲ ହୋଇଥିବା ବେଳେ ଜଷ୍ଟିସ୍ ଏମ୍ ଏମ୍ ଦାସ ପ୍ରାୟ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରିଥିଲେ। ନିଜ



କାର୍ଯ୍ୟକାଳ ମଧ୍ୟରେ ସେ ମୋଟ ୭ଟି ଅନ୍ତରୀଣ ରିପୋର୍ଟ ମଧ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ଜଷ୍ଟିସ ଦାସଙ୍କ କାର୍ଯ୍ୟକାଳ ଇତିମଧ୍ୟରେ ଶେଷ ହୋଇଥିବା ବେଳେ ଚିଟ୍‌ଫଣ୍ଡ ଜମାକାରୀ ନିଜ ଅର୍ଥ ଫେରିପାଇବା ପାଇଁ ଏବେବି ଚାହିଁ ବସିଛନ୍ତି। କମିଶନଙ୍କ ପୁରୁଣା କାର୍ଯ୍ୟାଳୟରେ ସେମାନଙ୍କ ଆବେଦନପତ୍ର ଖତ ଖାଉଥିବା ବେଳେ ଅର୍ଥ ଫେରି ପାଇବା ନେଇ ଆଶଙ୍କା ଦେଖାଦେଇଛି। ଅପରପକ୍ଷେ ଗତ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଅନୁଯାୟୀ ରାଜ୍ୟରେ ମୋଟ ୩ଟି ବେଆଇନ୍ ଆର୍ଥିକ ପ୍ରତିଷ୍ଠାନର ସମ୍ପତ୍ତି ନିଲାମ ଏବଂ ବ୍ୟାଙ୍କ୍ ଜମା ଜବତ ଅର୍ଥରୁ ପ୍ରକୃତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଫେରସ୍ତ ପ୍ରକ୍ରିୟା ଚାଲୁରହିଛି। ରୋଜଭ୍ୟାଲି, ଗୋଲଡେନ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀ ଏବଂ ହାଇଟେକ୍ ଇଷ୍ଟେଟସ୍ ଗ୍ରୁପ ଅଫ୍ କମ୍ପାନୀର ସମ୍ପତ୍ତି ନିଲାମ କରାଯାଇ ପ୍ରାୟ ୧,୯୭,୪୦୨ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ରାଜ୍ୟରେ ଚିଟ୍‌ଫଣ୍ଡ ତଦନ୍ତ ପ୍ରକ୍ରିୟା ଚାଲୁ ରହିଥିବାବେଳେ ଏହା ସମ୍ପୂର୍ଣ୍ଣ ହୋଇନଥିବାରୁ ଓଡ଼ିଶାରେ ଚିଟଫଣ୍ଡ ଦୁର୍ନୀତିରେ ଜିଲ୍ଲାୱାରୀ ଦୁର୍ନୀତିର ପରିମାଣ, ସମୁଦାୟ କେତେ ସଂସ୍ଥା ଏଥିରେ ଲିପ୍ତ ତାହା ଆକଳନ ହୋଇନଥିବା ମୁଖ୍ୟମନ୍ତ୍ରୀ ଉତ୍ତର ରଖିଥିଲେ। ତେବେ ଆକଳନ ଅନୁଯାୟୀ ରାଜ୍ୟରେ ପ୍ରାୟ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକେ ଚିଟଫଣ୍ଡ କ୍ଷତିଗ୍ରସ୍ତ ରହିଛନ୍ତି। ଅପରପକ୍ଷେ ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କୁ ନେଇ ଗତ ସେପ୍ଟେମ୍ବର ମାସରେ ବିଜେପି ରାଜ୍ୟ ସଭାପତି କହିଥିଲେ ଯେ ଚିଟଫଣ୍ଡ ଟଙ୍କା ଫେରସ୍ତ ପାଇଁ ରାଜ୍ୟ ସରକାର ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଟଙ୍କା ଫେରସ୍ତ କରିବା ପାଇଁ ସମସ୍ତ ଆଇନଗତ ଦିଗକୁ ତର୍ଜମା କରୁଛି। ଚିଟଫଣ୍ଡ କ୍ଷତିଗ୍ରସ୍ତ ଖୁବଶୀଘ୍ର ଟଙ୍କା ଫେରିପାଇବେ। ବିଜେପିର ନିର୍ବାଚନୀ ପ୍ରତିଶ୍ରୁତି ସହ ରାଜ୍ୟ ସଭାପତିଙ୍କ ପ୍ରତିଶ୍ରୁତି ପାଣିର ଗାର ସାବ୍ୟସ୍ତ ହୋଇଥିବା ବେଳେ ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ଆଜି ବି କୋହଲା ପାଗ ସାଙ୍ଗକୁ ବର୍ଷା

- ୨୮ରୁ ପୁଣି ପଶ୍ଚିମା ଝଡ଼ ପ୍ରଭାବ
- ନୂଆ ବର୍ଷରୁ ବଢ଼ିବ ଶୀତ

**ଭୁବନେଶ୍ୱର,୨୪।୧୨(ସମିସ):** ରାଜ୍ୟରେ ପୁଣି ବର୍ଷା ଆରମ୍ଭ ହୋଇଯାଇଛି। ମଙ୍ଗଳବାରଠାରୁ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାଗରେ ପରିବର୍ତ୍ତନ ହେବା ସହ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ଜଗତସିଂହପୁର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, କଟକ, ପୁରୀ, ଗଞ୍ଜାମ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ହାଲୁକାରୁ ମଧ୍ୟମ ବର୍ଷା ହୋଇଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ସ୍ୱଳ୍ପ ବର୍ଷା ହୋଇଛି। ବୁଧବାର ମଧ୍ୟ ଅନେକ ଜିଲ୍ଲାରେ ସମାନ ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ବୁଧବାର ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମର କିଛି କିଛି ଜାଗାରେ ହାଲୁକାରୁ ମଧ୍ୟମ ବର୍ଷା ଓ ରାୟଗଡ଼ା, ମାଲକାନଗିରି, କୋରାପୁଟ, କନ୍ଧମାଳର ଗୋଟିଏ ଦୁଇଟି ଜାଗାରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ରହିଛି। ଏମିତି କି ଏହି ସମୟ ମଧ୍ୟରେ ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧାର ଗୋଟିଏ ଦୁଇଟି ଜାଗାରେ ଭାରି ବର୍ଷା ହେବାର ମଧ୍ୟ ଆଶଙ୍କା ରହିଛି।

ପାଣିପାଗ କେନ୍ଦ୍ର କହିଛି, ଦକ୍ଷିଣ ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ସୁଦୃଢ଼ ଲଘୁଚାପ ସକ୍ରିୟ ରହିଛି। ଏହା ଆସନ୍ତା ୨୪ ଘଣ୍ଟାରେ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହେବ। ଯଦିଓ ଲଘୁଚାପର ସିଧାସଳଖ ପ୍ରଭାବ ରାଜ୍ୟରେ ରହିବ ନାହିଁ; କିନ୍ତୁ ରାଜ୍ୟକୁ ପବନର ଗତି ପରିବର୍ତ୍ତନ ଯୋଗୁଁ ବଙ୍ଗୋପସାଗରରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ରାଜ୍ୟ ମଧ୍ୟରେ ପ୍ରବେଶ କରୁଛି। ଏହା ପ୍ରଭାବରେ ରାଜ୍ୟରେ ମେଘୁଆ ପାଗ ସହିତ ହାଲୁକାରୁ ମଧ୍ୟମଧରଣର ବର୍ଷା ପରିଲକ୍ଷିତ ହେଉଛି। ଆଜି ଉତ୍ତର ଉପକୂଳ ସମେତ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ହାଲୁକା ମଧ୍ୟମ ଧରଣର ବର୍ଷା ହୋଇଛି।



## ଟ୍ରକ୍ ଚାପାରେ ୩ ବର୍ଷର ଶିଶୁ ମୃତ

# ବାଇପାସ୍ ଦାବିରେ ୬ ଘଣ୍ଟା ଜାତୀୟ ରାଜପଥ ଅବରୋଧ



**ରାଉରକେଲା, ୨୪।୧୨(ସମିସ)**

ବିରମିତ୍ରପୁରରେ ଟ୍ରକ୍ ଚାପାରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ଦୁର୍ଘଟଣାପରେ ସ୍ଥାନୀୟଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ବାଇପାସ୍ ରାସ୍ତା ନିର୍ମାଣ ଏବଂ କ୍ଷତିପୂରଣ ଦାବିରେ ୬ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ୧୪୩ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ ନିକଟସ୍ଥ ଗ୍ରାମର ଅଭିଷେକ ମାଝୀ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କର ୨ ବର୍ଷର ଶିଶୁକନ୍ୟା ରିଆକୁ ନେଇ ଏକ ବାଇକ୍‌ରେ ରାଉରକେଲା ପଟରୁ ଝାଡ଼ଖଣ୍ଡ ଆଡ଼କୁ ଯାଉଥିବାବେଳେ ବୀରମିତ୍ରପୁର ସହରର ପେଟ୍ରୋଲ ପମ୍ପ ନିକଟରେ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ଶିଶୁକନ୍ୟାଟି ବାଇକ୍‌ରୁ ରାସ୍ତା ଉପରକୁ ଛିଟିକି ପଡ଼ିଥିଲା। ଏତିକିବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ପିଲାଟି ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଖବର ପାଇ ସ୍ଥାନୀୟଲୋକେ ଉତ୍ତେଜିତ ହୋଇ ଜାତୀୟ ରାଜପଥ ଅବରୋଧ କରିଥିଲେ। ବୀରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଲୋକଙ୍କ ଅଭିଯୋଗ ଅନୁଯାୟୀ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁଁ ଟାଉନ୍ ମଧ୍ୟରେ ବାରମ୍ବାର ଏପରି ଦୁର୍ଘଟଣା ଘଟୁଛି। ରୋଡ ସାଇଡ୍‌ରେ ଡ୍ରେନ୍ ନିର୍ମାଣ ପରେ ରାସ୍ତାର ଚଉଡ଼ା କମ୍‌ହୋଇ ଯାଇଛି। ଫଳରେ ଟ୍ରକ୍ ଗଲାବେଳେ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଛି।

### କ୍ଷତିପୂରଣ ପ୍ରଦାନ ପରେ ରାସ୍ତାରୋକ ପ୍ରତ୍ୟାହୃତ

ଶୀଘ୍ର ବାଇପାସ୍ ନିର୍ମାଣକରି ଭାରୀଯାନକୁ ସହର ମଧ୍ୟ ଦେଇ ଯାତାୟାତ ବନ୍ଦ କରିବାକୁ ଦାବିକରି ଅପରାହ୍ନ ପର୍ଯ୍ୟନ୍ତ ରାସ୍ତାରୋକ କରିଥିଲେ। ତହସିଲଦାର ଏବଂ ପୁଲିସ ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। କ୍ଷତିପୂରଣ ବାବଦକୁ ଟ୍ରକ୍ ମାଲିକ ୧ ଲକ୍ଷ ଟଙ୍କା ଓ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବାପରେ ଅପରାହ୍ନ ୪ଟାରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।



ଲାଗୁନ୍ ପାର୍କରେ ଖବର କାଗଜ ବିତରକଙ୍କ ବନ୍ଧୁ ମିଳନ ଓ ବଣଭୋଜି

# କୋର୍ଟରୁ ଅଭିଯୁକ୍ତ ଫେରାର

**ରାଉରକେଲା, ୨୪।୧୨(ସମିସ):** ନୂଆକୋର୍ଟ ପରିସରରୁ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ତାଙ୍କୁ କାବୁ କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟାରେ ଏହି ଘଟଣା ଘଟିଥିଲା। ସୂଚନା ମୁତାବକ, ବିଶ୍ରା ଥାନା ପୁଲିସ ଏକ ଘଟଣାର ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ତେବେ କୋର୍ଟରେ ପହଞ୍ଚି ଗାଡ଼ିରୁ ଓହ୍ଲାଇବା କ୍ଷଣି ଅଭିଯୁକ୍ତ ଦୌଡ଼ି ବିରଜାପାଲି ବ୍ରିଜ ନିକଟ ବସ୍ତିଦେଇ ଫେରାର ହୋଇଯାଇଥିଲା। ପୁଲିସ ପିଛାକରି ବିଫଳ ହୋଇଥିଲା। ଫେରାର ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲ୍ଲା ପଞ୍ଚଭାୟା ଅଞ୍ଚଳର ରାଜୁ ମହତୋ ଓ ସାଇବର ଅପରାଧରେ ଜଡ଼ିତ ଥିବା ସୂଚନା ମିଳିଛି। ଘଟଣାକୁ ନେଇ ପୁଲିସ ଉପରେ ନାନାଦି ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଡାକ୍ତରଖାନା, କୋର୍ଟ, ଜେଲ ଓ ଥାନାରୁ ଅଭିଯୁକ୍ତ ସମେତ କଏଦୀ ଫେରାର ହୋଇ ସାରିଛନ୍ତି। ବାରମ୍ବାର ଏଭଳି ଘଟଣା ଘଟି ଆସୁଥିବା ଯୋଗୁଁ ପୁଲିସ ଆଇନ ଶୃଙ୍ଖଳା ଉପରେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି।

## ସର୍ବଭାରତୀୟ ବହୁଭାଷୀ ନାଟକ ଓ ଲୋକନୃତ୍ୟ ମହୋତ୍ସବ

# ହିନ୍ଦୀ ନାଟକ 'ଅଗରବତୀ' ମଞ୍ଚସ୍ଥ

**ରାଉରକେଲା, ୨୪।୧୨(ସମିସ):** ସ୍ୱନ୍ଦନ ଆୟୋଜିତ ସର୍ବଭାରତୀୟ ବହୁଭାଷୀ ନାଟକ ଓ ଲୋକନୃତ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ମଧ୍ୟପ୍ରଦେଶର ଜବଲପୁରସ୍ଥିତ ନାଟ୍ୟ ସଂସ୍ଥା ସମାଗମ ରଙ୍ଗମଣ୍ଡଳର କଳାକାରମାନଙ୍କ ଦ୍ୱାରା ହିନ୍ଦୀ ନାଟକ 'ଅଗରବତୀ'। ଆଶିଷ ପାଠକଙ୍କ ରଚିତ ଏହି ନାଟକକୁ ସ୍ୱାତୀ ଦୁବେ ନିର୍ଦ୍ଦେଶନା ଦେଇଥିଲେ। ଅଭିନୟରେ ବିଶେଷ କରି ନାରୀ ଚରିତ୍ରମାନେ ଅତ୍ୟନ୍ତ ସୁନ୍ଦର ଅଭିନୟ କରିଥିଲେ। ଦର୍ଶକମାନଙ୍କୁ ସେମାନଙ୍କ ଅଭିନୟରେ ମନ୍ତ୍ରମୁଗ୍ଧ କରାଇଥିଲେ। ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜୁଲିରାଣୀ ମିଶ୍ରଙ୍କୁ ସମ୍ମାନଜନକ 'ଆୱାର୍ଡ ଏକ୍ସଲେନ୍ସ' ଉପାଧି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱନ୍ଦନର ସାଧାରଣ ସମ୍ପାଦକ ପ୍ରଫେସର ସମର ମୁଦାଲି ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସମ୍ପାଦକ ଡ. ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ଦିନର କାର୍ଯ୍ୟକ୍ରମକୁ କ୍ଷୀରୋଦ ବାଡତିଆ, ମିହିର ପରିଜା, କ୍ରିଷ୍ଣା ସିଂହ, ଶିଶିର ମୁଦାଲି, ରମେଶ ଗୌଡ଼, ସୁଦିଶ ମିଶ୍ର, ନରୋତ୍ତମ ସାମଲ, ଅମୂଲ୍ୟ ବେହେରା, ବନ୍ଦନା ଦାସ, ଅନ୍ୟନ୍ୟା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରୁ ବାଜିରାଉତ ଶିକ୍ଷାନିକେତନର ପିଲାମାନେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।



## ବାଲୁକା କଳା ମଧ୍ୟମରେ ଖ୍ରୀଷ୍ଟମାସର ଶୁଭେଚ୍ଛା




**ରାଜଗାଙ୍ଗପୁର, ୨୪।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରରେ ଯୀଶୁଙ୍କ ଜନ୍ମଦିନ ପାଳନ ପାଇଁ ପ୍ରସ୍ତୁତି ଚାଲିଛି। ମଧ୍ୟରାତ୍ରିରେ ଧରାବତରଣ କରିବେ ପ୍ରଭୁ ଯୀଶୁ। ବଡ଼ଦିନକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ରାଜଗାଙ୍ଗପୁରରେ ଥିବା ବିଭିନ୍ନ ଚର୍ଚ୍ଚଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଛି। ରଙ୍ଗବେରଙ୍ଗର ଲାଇଟ, ଭଳିକି ଭଳି ତୋରଣ ମାଳା ରେ ଝଲସୁଛି ଚର୍ଚ୍ଚ। ବାଲୁକା ଶିଳ୍ପୀ ରାଜୁସାହୁ ବାଲୁକା କଳାରେ ପ୍ରଭୁ ଯୀଶୁଙ୍କ ପ୍ରତିମୂର୍ତ୍ତି ବନାଇ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି। ରାଜଗାଙ୍ଗପୁରରେ ବଡ଼ଦିନକୁ କିଭଳି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ସେନେଇ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ତଳିତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଣାଇଁ, ୨୪।୧୨(ସମିସ):** ବଣାଇଁ ବ୍ଲକ ଅଧୀନ ତଳିତା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଥିବାବେଳେ, ଜ୍ଞାନେନ୍ଦ୍ର କୁମାର ସାହୁ, ସୁନିଲ ମୁଣ୍ଡୁ, ରାମଚନ୍ଦ୍ର ସାହୁ, କୈଳାସ କିଶାନ, ରମେଶ କିଶାନ୍ ଯୋଗ ଦେଇଥିଲେ। ମାନସ ରଞ୍ଜନ ସାହୁ ସ୍ୱାଗତ ଜଣାଇ ଥିଲେ। ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ସାହୁ ଧନ୍ୟବାଦ୍ ଦେଇଥିଲେ ଏବଂ ଜସୋବନ୍ତୀ କିଷାନ, ଅବନ୍ତୀ ସାମଲ, ଦ୍ରୌପଦୀ ଗଡ଼ନାୟକ୍ ସହଯୋଗ କରିଥିଲେ। ସିଆର୍‌ସିସି କଳାକାର ସାହୁ, ଫକିର କୈବର୍ତ୍ତ, ଯଶୋବନ୍ତ ସାହୁ, ଗୋବିନ୍ଦ ଧାରୁଆ, ସଞ୍ଜୟ ଜେନା, ସମସ୍ତ ଅଭିଭାବକ ଏବଂ ଗ୍ରାମବାସୀ ସହଯୋଗର ହାତ ବଢ଼ାଇ ଥିଲେ।

# ୨୮ରେ ଆଦର୍ଶ ଯୁବ ପରିଷଦର ବାର୍ଷିକୋତ୍ସବ ଓ ରୌପ୍ୟ ଜୟନ୍ତୀ

**ରାଉରକେଲା, ୨୪।୧୨(ସମିସ):** ରାଉରକେଲା ସହରର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦର ୨୫ତମ ବାର୍ଷିକୋତ୍ସବ ତଥା ରୌପ୍ୟଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବ ଅନିବାର୍ଯ୍ୟ କାରଣବଶତଃ ଚଳିତ ମାସ ୨୫ ତାରିଖ ପରିବର୍ତ୍ତେ ୨୮ ତାରିଖ ଦିନ ଅନୁଷ୍ଠିତ ହେବ। ଏହିକ୍ରମରେ ୨୫ ତାରିଖର ପ୍ରତିଯୋଗିତା ଗୁଡ଼ିକ ୨୮ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ୨୮ ତାରିଖର କାର୍ଯ୍ୟକ୍ରମ ସମ୍ପର୍କରେ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଆଦର୍ଶ ଯୁବ ପରିଷଦର ୨୫ତମ ବାର୍ଷିକୋତ୍ସବ ତଥା ରୌପ୍ୟ ଜୟନ୍ତୀ ସମାରୋହ ଡିସେମ୍ବର ମାସ ୨୮ ତାରିଖ ଠାରୁ ଆରମ୍ଭ ହେବ। ଚଳିତବର୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା, ଶିକ୍ଷା ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଶିକ୍ଷା ଏବଂ କ୍ରୀଡ଼ା ପ୍ରତିଯୋଗିତା ୨୮ ତାରିଖ ଦିନ ସ୍ଥାନୀୟ ସେକ୍ଟର-୭ ସ୍ଥିତ ଚିନ୍ମୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ସକାଳ ୯ଟାରୁ ସେକ୍ଟର-୭ ସ୍ଥିତ ଚିନ୍ମୟ ବିଦ୍ୟାଳୟ ପରିସରରେ ୧ମରୁ ୩ୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ (ଲିଖିତ), ଫ୍ଲାଇଙ୍ଗ କଲର୍ସ (ଜାତୀୟ ପତାକା) ପ୍ରତିଯୋଗିତା ନର୍ସରୀରୁ କେଜି-୨, ଚିତ୍ରାଙ୍କନ ୧ମରୁ ୩ୟ ଶ୍ରେଣୀ (ଫୁଲ ସହ ପ୍ରଜାପତି) ଓ ୪ର୍ଥରୁ ୭ମ ଶ୍ରେଣୀ (ମୋ ଗାଁର ଦୃଶ୍ୟ), ରାଇମ୍ସ ଆବୃତ୍ତି ନର୍ସରୀରୁ କେଜି-୨ ଛାତ୍ରଛାତ୍ରୀଙ୍କ ମଧ୍ୟରେ, କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରେ ୧ମରୁ ୩ୟ ଶ୍ରେଣୀ (ବାଳିକା) ୧୦୦ ମିଟର ଦୌଡ଼, ୧ମରୁ ୩ୟ ଶ୍ରେଣୀ (ବାଳକ) ୧୦୦ ମିଟର ଦୌଡ଼, ପ୍ରିନର୍ସରୀରୁ କେଜି-୨ (ବାଳିକା) ୫୦ ମିଟର ଦୌଡ଼, ପ୍ରିନର୍ସରୀରୁ କେଜି-୨ (ବାଳକ) ୫୦ ମିଟର ଦୌଡ଼,। ମଧ୍ୟାହ୍ନ ୨ଟା ୩୦ରୁ ମହିଳା/ଛାତ୍ରୀଙ୍କ ମଧ୍ୟରେ ରଙ୍ଗୋଲୀ ଓ ମେହେନ୍ଦି ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଜଣାପଡ଼ିଛି।

## ବସ୍‌ଷ୍ଟାଣ୍ଡରୁ ଡାକ୍ତରଙ୍କ ବାଇକ୍ ଚୋରି

**ରାଉରକେଲା, ୨୪।୧୨(ସମିସ):** ସେକ୍ଟର -୨ ବସ୍‌ଷ୍ଟାଣ୍ଡରୁ ଜଣେ ଡାକ୍ତରଙ୍କ ବାଇକ ଚୋରି ହୋଇଥିବା ସେକ୍ଟର -୩ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ହାଇଟେକ୍ ହସ୍ପିଟାଲରେ ବିଶାଲ ବେହେରା ଡାକ୍ତର ଭାବେ କାର୍ଯ୍ୟ କରନ୍ତି। ସୋମବାର ରାତି ୮ଟାରୁ ୯ଟା ମଧ୍ୟରେ ସେ ଉକ୍ତ ବସ୍‌ଷ୍ଟାଣ୍ଡକୁ ଟିକଟ କାଟିବାକୁ ଯାଇଥିଲେ। ପରେ ସ୍ଥାନୀୟ ଦୋକାନ ନିକଟରେ କିଛି ସାଙ୍ଗମାନେ ଦେଖା ହେବାରୁ କଥାବାର୍ତ୍ତା ହେଉଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବାଇକ୍ ଚୋରି କରି ଫେରାର ହୋଇଯାଇ ଥିଲେ।

# ଦୀର୍ଘସ୍ଥାୟୀ କୃଷିକୁ ସଶକ୍ତ କରିବାକୁ ସ୍ୱାକ୍ଷର

**ରାଉରକେଲା, ୨୪।୧୨(ସମିସ):** ଦୀର୍ଘସ୍ଥାୟୀ କୃଷି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପରେ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍) ର ସିଏସ୍‌ଆର ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ପକ୍ଷରୁ 'ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍' (ଓଏଆଇସି) ସହଭାଗୀତାରେ ରାଜଗାଙ୍ଗପୁରର ସମଲେଇମୁଣ୍ଡା ଗ୍ରାମରେ ଏକ ବିଦ୍ୟୁତ୍ ଓ ସୌରଶକ୍ତି ଚାଳିତ ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏହି ପ୍ରକଳ୍ପ ପାଇଁ ନାବାର୍ଡ ଅତିରିକ୍ତ ପାଣ୍ଠି ଯୋଗାଇ ଦେଇଛି। ଏକ ବୃହତ୍ ପ୍ରୟାସର ଅଂଶ ଭାବରେ ଡିବିଏଫ୍ ଅର୍କିଡ ଚାଷ ପାଇଁ ୧୦୦ ଏକର ଚାଷଜମିକୁ ଜଳସେଚିତ କରିବା ଏବଂ ୱାଡିଚାଷୀଙ୍କର ଜୀବିକାରେ ବୃଦ୍ଧି ଘଟାଇବା ନିମନ୍ତେ ୨୦ଟି ସୌରଶକ୍ତି ଚାଳିତ ନଦୀ ଜଳ ଉଠା ବ୍ୟବସ୍ଥା ସ୍ଥାପନ କରିବାକୁ ଓଏଆଇସି ସହିତ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ରେ ସ୍ୱାକ୍ଷର କରିଥିବା ଜଣାପଡ଼ିଛି। ଆଜି ସୁଦ୍ଧା ୧୨ଟି ସୌରଶକ୍ତି ଏବଂ ୪ଟି ବିଦ୍ୟୁତ୍ ଚାଳିତ ନଦୀ ଜଳ ଉଠା ବ୍ୟବସ୍ଥା ସଫଳତାର ସହିତ ସ୍ଥାପନ କରାଯାଇସାରିଛି ଏବଂ ଆହୁରି ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ପ୍ରକଳ୍ପ ଦ୍ୱାରା ୧୦୦ ପରିବାର ଉପକୃତ ହେବା ଲକ୍ଷ୍ୟ ରଖାଯାଇଛି, ଯାହା ସେମାନଙ୍କୁ ଆନ୍ତଃଫସଲ ଏବଂ ଫଳ ଗଛ ରୋପଣ ଜରିଆରେ ବାର୍ଷିକ ୧.୨୦ ଲକ୍ଷ ଟଙ୍କାରୁ ଅଧିକ ଉପାର୍ଜନ କରିବାକୁ ସମର୍ଥ କରାଇବ ବୋଲି ଜଣାପଡ଼ିଛି। ଏହି ଅବସରରେ ମାଇନ୍ସ ହେଡ୍ ଓମ୍‌ପ୍ରକାଶ ଖେଲକାର, ଡିଷ୍ଟ୍ରିକ୍ଟ ମ୍ୟାନେଜର ଓଏଆଇସି ସୁବୋଧ ପାଣିଗ୍ରାହୀ, ଡିଡିଏମ୍ ନାବାର୍ଡ ତାପସ ବେହେରା ଏବଂ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ ରାଜଗାଙ୍ଗପୁର ଚେତନ ଶ୍ରୀବାସ୍ତବ ପ୍ରମୁଖଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



# ବାର୍ଷିକ କ୍ରୀଡ଼ା ଓ ବିଜ୍ଞାନ ମେଳା

**ବଣାଇଁ, ୨୪।୧୨(ସମିସ):** ବଣାଇ ବ୍ଲକ କେନ୍ଦ୍ରୀକଳାସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ୍ ପରିସରରେ ୪ ଦିନ ଧରି ବିଜ୍ଞାନମେଳା ପ୍ରଦର୍ଶନୀ ଓ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେଇଛି। ବିଦ୍ୟାଳୟର ଅଧକ୍ଷା ସସ୍ମିତା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଣାଇ ସହକାରୀ ଜିଲ୍ଲାପାଳ କୁଳମଣି ଦଳ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବଣାଇ ଜିଲ୍ଲା ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ କୁମାର ମୁଣ୍ଡୁ, ବଣାଇ କ୍ଷୁଦ୍ର ଜଳ ସେଚନ କନିଷ୍ଠ ଯନ୍ତ୍ରୀ ସତ୍ୟଜିତ ରାଉତ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀ ମେଳାରେ ୬୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହେଇଥିବାବେଳେ ଏଥିରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହା ସହିତ ଶିଶୁ ମାନଙ୍କ ପିତା ମାତା ମାନେ ଝୋଟି, ଅଭିନୟ, ଖାଦ୍ୟ ଷ୍ଟଲ ସହିତ ଅନ୍ୟାନ୍ୟ ପ୍ରତିଯୋଗିତାରେ ରେ ଅଂଶ ଗ୍ରହଣ କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବ ସମାରୋହରେ ସମସ୍ତ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କଦ୍ୱାରା ପୁରସ୍କୃତ କରାଯାଇଥିଲା।



## ଓଷ୍ଟା ରାଉରକେଲା ସିଟି ଜୋନ୍‌ର ଶିଶୁ ଉତ୍ସବ ଉଦ୍‌ଯାପିତ

# ୧୦ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ




**ରାଉରକେଲା, ୨୪।୧୨(ସମିସ)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ( ଓଷ୍ଟା) ରାଉରକେଲା ସିଟି ଜୋନ୍ ତରଫରୁ ୪୧ତମ ଦ୍ୱିଦିବସୀୟ ଶିଶୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସେକ୍ଟର - ୧ସ୍ଥିତ ସ୍କାଉଟ ଭବନ ଠାରେ ନିମାଇଁ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଷ୍ଟାର ମୂଳମନ୍ତ୍ର ଶିଶୁ ହସିଲେ ଦୁନିଆ ହସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଲେ ଶିଶୁଭିତରେ ରହିଥିବା ଅକ୍ଷୟ ଶକ୍ତିର ଭଣ୍ଡାର, ଲୁକାୟିତ ବିବିଧ ପ୍ରତିଭାକୁ ଲୋକଲୋଚନକୁ ଆଣି ପ୍ରତିଭା ଅନ୍ୱେଷଣ ମାଧ୍ୟମରେ ଅନନ୍ୟ ଉଦାହରଣ ସୃଷ୍ଟି କରିଥିବାରୁ ଓଷ୍ଟାର ଏହି ପ୍ରୟାସକୁ ଅତ୍ୟନ୍ତ ପ୍ରଶଂସନୀୟ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ହୋତା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତର୍କ ପ୍ରତିଯୋଗିତାରେ ପ୍ରତିଭା ମାଝୀ, ସଙ୍ଗୀତରେ ସାଗର ମାଝୀ, ଚିତ୍ରାଙ୍କନରେ ଶ୍ରୀୟା ସାଲୋନି ମିଞ୍ଜ, ଆବୃତ୍ତିରେ ପଦ୍ମଲୋଚନ ବାରିକ, ଗଳ୍ପ ଲିଖନରେ ରାହୁଲ ରଞ୍ଜନ ବେହେରା, କବିତା ପାଠରେ ଚାନ୍ଦିନୀ ବାରିକ, ଏକକ ଅଭିନୟରେ ଅନୁଶ୍ରୀୟା ତ୍ରିପାଠୀ, ନୃତ୍ୟରେ ଚନ୍ଦ୍ରିକା ତନ୍ତୀ, ସାଧାରଣ ଜ୍ଞାନରେ ଶୁଭଙ୍କର ସୂତାର ଏବଂ କୁଇଜ ପ୍ରତିଯୋଗିତାରେ ଜନ୍ ମାହାଲି ଆଦି ପ୍ରଥମ ସ୍ଥାନ ଅଧିକାର କରିଥିବା ୧୦ ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଅରୁଣ କୁମାର ସ୍ୱାଇଁ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଓଷ୍ଟା ରାଉରକେଲା ସିଟି ଜୋନ୍ ର ସଭାପତି ଶିଶିର କୁମାର ପାଣିଙ୍କ ସଭାପତିତ୍ୱ ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ପ୍ରଥମ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ରା ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ, ଓଷ୍ଟାର ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ରମାକାନ୍ତ ମଲ୍ଲିକ, ଶିକ୍ଷାବିତ ପ୍ରଶାନ୍ତ କୁମାର ପତି, ସାମ୍ବାଦିକ ସୁଜ୍ଞାନୀ ରାୟ ଯୋଗଦେଇଥିଲେ।




ରାୟଗଡ଼ ଜିଲ୍ଲାର କଳା,
ସଂସ୍କୃତି ଓ ପରମ୍ପରାର ନିଦର୍ଶନ 'ଚଇତି'

==============================

ଆସନ୍ତା ଡିସେମ୍ବର ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ
ରାୟଗଡ଼ ଜିଲ୍ଲାସ୍ତରୀୟ 'ଚଇତି' ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଓ ଉନ୍ନୟନ
ପ୍ରଦର୍ଶନୀ ରାୟଗଡ଼ ସଦର ମହକୁମା ସ୍ଥିତ ଜିସିଡ଼ି ଖେଳ
ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଯାଉଛି।
ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ନିଦର୍ଶନ
'ଚଇତି' ମହୋତ୍ସବରେ ବହୁସଂଖ୍ୟାରେ ଯୋଗଦାନକରି
ଏହାକୁ ସାଫଲ୍ୟମଣ୍ଡିତ କରିବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରୁଛି।

ଶ୍ରୀମତୀ ପାରୁଲ ପଟାୱରୀ
ଭା.ପ୍ର.ସେ, ଜିଲ୍ଲାପାଳ, ରାୟଗଡ଼



## ଲାଇନ୍‌ଚ୍ୟୁତ ହେଲା ଦାଦର-ପୋର୍‌ବନ୍ଦର ସୌରାଷ୍ଟ୍ର ଏକ୍ସପ୍ରେସ୍

ସୁରଟ, ୨୪।୧୨(ଏଜେନ୍ସି): ଗୁଜରାଟର ସୁରଟ୍ ନିକଟସ୍ଥ କିମ୍ ଷ୍ଟେସନଠାରେ ମଙ୍ଗଳବାର ଦାଦର- ପୋରବନ୍ଦର ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଛି। ଏହି ଘଟଣାରେ କେହି ଆହତ ହୋଇନାହାନ୍ତି। ପଶ୍ଚିମ ରେଳବାଇର ମୁଖ୍ୟ ପବ୍ଲିକ ରିଲେସନ ଅଫିସର ଅପରାହ୍ଣରେ ଏ ନେଇ ସୂଚନା ଦେଇଛନ୍ତି। ଇଞ୍ଜିନ ପଛକୁ ଲାଗିଥିବା ନନ୍ ପ୍ୟାସେଞ୍ଜର କୋଚ୍‌ର ୪ଟି ଚକ ଲାଇନଚ୍ୟୁତ ହୋଇଥିଲା ବୋଲି ସେ କହିଛନ୍ତି। ଉଦ୍ଧାରକାର୍ଯ୍ୟ ଚାଲୁ ରହିଛି। କୌଣସି ଯାତ୍ରୀ କିମ୍ବା ରେଳବାଇ କର୍ମଚାରୀଙ୍କ କ୍ଷତି ହୋଇନାହିଁ ବୋଲି ସେ କହିଛନ୍ତି।

**ଜୟ ପାଲେଷ୍ଟାଇନ୍ ସ୍ଲୋଗାନ ପ୍ରସଙ୍ଗ**

## ଓୱେସିଙ୍କୁ ବରେଲି କୋର୍ଟଙ୍କ ସମନ

ଲକ୍ଷ୍ନୌ, ୨୪।୧୨(ଏଜେନ୍ସି): ଉତ୍ତରପ୍ରଦେଶ ବରେଲି ସ୍ଥିତ ଏକ ସ୍ଥାନୀୟ କୋର୍ଟ ରାଜନୈତିକ ଦଳ ଏଆଇଏମ୍‌ଆଇଏମ୍ ମୁଖ୍ୟ ତଥା ହାଇଦରାବାଦ ସାଂସଦ ଅସଦୁଦ୍ଦିନ ଓୱେସିଙ୍କୁ ସମନ ଜାରି କରିଛନ୍ତି। ସଂସଦରେ ଶପଥ ଗ୍ରହଣ କରିବା ବେଳେ ସେ ପାଲେଷ୍ଟାଇନ୍‌କୁ ସମର୍ଥନ କରି 'ଜୟ ପାଲେଷ୍ଟାଇନ୍' ସ୍ଲୋଗାନ ଦେଇଥିଲେ। ଏହାଦ୍ୱାରା ସାମ୍ବିଧାନିକ ମୁଲ୍ୟବୋଧର ଉଲ୍ଲଂଘନ ହୋଇଛି ବୋଲି କୋର୍ଟ କହିଛନ୍ତି। ଏ ସଂକ୍ରାନ୍ତରେ ନିଜର ଜବାବ ରଖିବା ପାଇଁ କୋର୍ଟ ତାଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ବୀରେନ୍ଦ୍ର ଗୁପ୍ତା ଏହି କାରଣରୁ ଓୱେସିଙ୍କ ବିରୋଧାର ପିଟିସନ୍ ଦାୟର କରିଥିଲେ। ଗତ ଜୁନ୍ ମାସ ୨୫ରେ ଶପଥ ଗ୍ରହଣ କରିବା ବେଳେ ସେ 'ଜୟ ଭିମ୍, ଜୟ ମିମ୍, ଜୟ ତେଲଙ୍ଗାନା, ଜୟ ପାଲେଷ୍ଟାଇନ୍' ବୋଲି ସ୍ଲୋଗାନ ଦେଇଥିଲେ।





**ଦଳାଚକଟା ମାମଲା**

## ଅଲ୍ଲୁ ଅର୍ଜୁନଙ୍କୁ ପୁଲିସ୍‌ର ୩ ଘଣ୍ଟା ଜେରା

ହାଇଦରାବାଦ, ୨୪।୧୨(ଏଜେନ୍ସି): ପୁଷ୍ପା-୨ ପ୍ରିମିୟର ଅବସରରେ ହୋଇଥିବା ଦଳାଚକଟା ମାମଲାରେ ପୁଲିସ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କୁ ୩ ଘଣ୍ଟା ଧରି ପଚରା ଉଚରା କରିଛି। ହାଇଦରାବାଦର ସେଣ୍ଟ୍ରାଲ ଜୋନ୍ ଡିସିପିଙ୍କ ନେତୃତ୍ୱରେ ଏହି ସୁପରଷ୍ଟାରଙ୍କୁ ଘଟଣା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା। ଘଟଣାସ୍ଥଳରେ ସେ ଥିଲେ କି ନା ଓ ସେ ଏହାକୁ କିପରି ସମ୍ଭାଳିଲେ ବୋଲି ଅଲ୍ଲୁଙ୍କୁ ପ୍ରଶ୍ନ କରାଯାଇଥିଲା। ଏହି ଘଟଣାରେ ମହିଳାଙ୍କ ମୃତ୍ୟୁ ଖବର ତାଙ୍କୁ ପରଦିନ ମିଳିଥିଲା ବୋଲି ସେ କହିଛନ୍ତି।

ପୁଲିସ ଏହି ମାମଲାରେ ଘଟଣାର ସିନକୁ ରିକ୍ରିଏଟ୍ କରିବାର ସମ୍ଭାବନା ରହିଛି। ମଙ୍ଗଳରେ ପୂର୍ବାହ୍ଣ ୧୧ଟାରେ ସେ ଚିକ୍କଡପଲ୍ଲୀ ଥାନାରେ ପହଞ୍ଚିଥିଲେ। ଅପରାହ୍ଣ ୨.୪୫ ପର୍ଯ୍ୟନ୍ତ ତାଙ୍କୁ ପଚାରା ଉଚରା କରାଯାଇଥିଲା। ଏହାକୁ ଦେଖି ଥାନା ଚାରିପଟେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରି ରାସ୍ତାଗୁଡ଼ିକୁ ଅବରୋଧ କରାଯାଇଥିଲା। ଗତ ୨୩ ତାରିଖରେ ତାଙ୍କୁ ହାଜର ହେବାକୁ ପୁଲିସ ନୋଟିସ ଜାରି କରିଥିଲା। ଇତିମଧ୍ୟରେ ଡିସେମ୍ବର ୪ରେ ଥିଏଟରରେ ହୋଇଥିବା ଘଟଣାର ଭିଡିଓ ସାମ୍ନାକୁ ଆସିଛି। ଏଥିରେ ପାହାଚ ଉପରୁ ଭିଡ ତଳକୁ ଆସୁଥିବାର ଦେଖାଯାଇଛି। ୮ ସେକେଣ୍ଡର ଏହି ଭିଡିଓରେ ଜଣେ ଚେତାଶୂନ୍ୟ ଲୋକଙ୍କୁ ବାହରକୁ ନେଉଥିବାର ଦେଖିବାକୁ ମିଳିଛି।

# କୋଲକାତା ମାମଲାରେ ଆସିଲା ଚାଞ୍ଚଲ୍ୟକର ତଥ୍ୟ

**■ ମୃତଦେହ ପଡ଼ିଥିବା ଗଦିରେ ନାହିଁ ସଂଘର୍ଷର ପ୍ରମାଣ ■ ସେମିନାର ହଲ୍‌ରେ ପୀଡ଼ିତାଙ୍କୁ ଦୁଷ୍କର୍ମ-ହତ୍ୟା କରାଯାଇନି**

କୋଲକାତା, ୨୪।୧୨ (ଏଜେନ୍ସି): କୋଲକାତା ଆରଜି କର ମେଡିକାଲ କଲେଜ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କ ଦୁଷ୍କର୍ମ ହତ୍ୟା ମାମଲାକୁ ନେଇ ଜୁନିଅର ଡାକ୍ତରଙ୍କ ଆନ୍ଦୋଳନ ଜାରି ରହିଛି। ଏମାନେ ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କ ସମେତ ୨ ଜଣଙ୍କ ଜାମିନକୁ ବିରୋଧ ଏବଂ ପୀଡ଼ିତାଙ୍କୁ ନ୍ୟାୟ ଦାବି କରୁଛନ୍ତି। ସିବିଆଇ ତଦନ୍ତ ଉପରେ ପ୍ରଶ୍ନ ଉଠାଉଛନ୍ତି। ମାମଲାରେ ସାମିଲ ଥିବା ଅନ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଘଣ୍ଟ ଘୋଡ଼ା ଯାଉଛି। ତଦନ୍ତ ବାଟବଣା କରାଯାଉଥିବା ନେଇ ଅଭିଯୋଗ ଲଗାଇଛନ୍ତି। ପୀଡ଼ିତାଙ୍କ ପିତା ମଧ୍ୟ ଧୋକା ଦିଆଯାଇଛି ବୋଲି କହିଛନ୍ତି। ଘଟଣାକୁ ୪ ମାସ ବିତି ଯାଇଥିବାବେଳେ ୨ ଓକିଲ ମାମଲା ଛାଡ଼ି ସାରିଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ସିବିଆଇ ପୀଡ଼ିତାଙ୍କ ମାଆଙ୍କ ବୟାନ ରେକର୍ଡ କରିନାହିଁ। ସିବିଆଇ ଯାଞ୍ଚରୁ ନ୍ୟାୟ ମିଳିବ ବୋଲି ଆଶା ଥିଲା, ମାତ୍ର ଏବେ ସିଷ୍ଟମ ଆମକୁ ଧୋକା ଦେଉଛି ବୋଲି ପୀଡ଼ିତାଙ୍କ ମାଆ କହିଛନ୍ତି। ତେଣୁ ସେ ନୂଆକରି ତଦନ୍ତ ଦାବିରେ ହାଇକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏହା ମଧ୍ୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍‌ନାକୁ ଆସିଛି। ସେଣ୍ଟ୍ରାଲ ଫରେନସିକ ସାଇନ୍ସ ଲାବୋରାଟୋରି (ସିଏଫଏସଲ) ରିପୋର୍ଟରେ ଘଟଣାର ମୋଡ଼ ବଦଳାଇଦେବା ଭଳି ଦାବି କରାଯାଇଛି।

୧୨ ପୃଷ୍ଠାର ରିପୋର୍ଟରେ କୁହାଯାଇଛି ଯେ ସେମିନାର୍ ରୁମ୍‌ରୁ ପୀଡ଼ିତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ନେଇ କୌଣସି ପ୍ରମାଣ ମିଳିନାହିଁ। ଅର୍ଥାତ୍ ସେମିନାର ହଲ୍‌ରେ ତାଙ୍କୁ ହତ୍ୟା କରାଯାଇ ନାହିଁ ବୋଲି ଜଣାପଡୁଛି। ଅନ୍ୟ କେଉଁଠି ଦୁଷ୍କର୍ମ ପରେ ହତ୍ୟା କରି ମୃତଦେହକୁ ସେମିନାର ହଲ୍‌ରେ ରଖାଯାଇଥିବା ଏଥିରୁ ସ୍ପଷ୍ଟ ହେଉଛି। ୧୨ ପୃଷ୍ଠାର ରିପୋର୍ଟର ଶେଷ ଧାଡ଼ିରେ ଲେଖାଯାଇଛି ଯେ ଯେଉଁ ସ୍ଥାନରୁ ଟ୍ରେନି ଡାକ୍ତରଙ୍କ ମୃତଦେହ ମିଳିଥିଲା ସେଠାରେ ସଂଘର୍ଷର କୌଣସି ପ୍ରମାଣ ନାହିଁ। ଯେଉଁ ଗଦିରେ ମୃତଦେହ ପଡ଼ିଥିଲା, ତା ଉପରେ ମଧ୍ୟ ହାତାହାତି ହୋଇଥିବାର ଚିହ୍ନବର୍ଣ୍ଣ ନାହିଁ। ଏଭଳି ସ୍ଥିତିରେ ଟ୍ରେନି ଡାକ୍ତରଙ୍କୁ କେଉଁଠି ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା ବୋଲି ପ୍ରଶ୍ନ ଉଠୁଛି। ପୂର୍ବରୁ ପୀଡ଼ିତାଙ୍କ ମୁଣ୍ଡ ଏବଂ ପେଟ ତଳୁ ରକ୍ତବୋହି ଉକ୍ତ ଗଦିରେ ପଡ଼ିଥିଲା। ଏହାକୁ ନେଇ ମୃତଦେହ ଅନ୍ୟ କେଉଁଠୁ ଆଣି ସେଠାରେ ରଖା ଯାଇଥିବା ସନ୍ଦେହ କରାଯାଉଥିଲା। ଗତ ଅଗଷ୍ଟ ୮-୯ରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଏବେ





ସିବିଆଇ ମାମଲାର ତଦନ୍ତ କରୁଛି। ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟ ପୁଲିସ ହେପାଜତରେ ଅଛି। ପୂର୍ବରୁ କୋଲକାତା ପୁଲିସ ସେମିନାର ହଲ୍‌କୁ ମୁଖ୍ୟ କ୍ରାଇମ୍ ସିନ୍ କହିଥିବାବେଳେ ଏବେ ସିଏଫଏସ୍‌ଏଲ ରିପୋର୍ଟରେ ପରେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଘଣ୍ଟ ଘୋଡ଼ାଇବାକୁ ଏପରି କରିଥିବା ଅଭିଯୋଗ ଲାଗିଛି। ଏହି ମାମଲାରେ ଅନେକ ବଡ଼ ବଡ଼ ବ୍ୟକ୍ତି ସାମିଲ ଥିବା ଆଶଙ୍କା କରାଯାଉଛି।

## ଆମେରିକା ଏୟାରଲାଇନ୍ସର ସବୁ ଉଡ଼ାଣ ଏକ ଘଣ୍ଟା ଠପ୍

ନ୍ୟୁୟର୍କ, ୨୪।୧୨(ଏଜେନ୍ସି): ଖ୍ରୀଷ୍ଟମାସ ଅବ୍ୟବହିତ ପୂର୍ବରୁ ବିଶ୍ୱର ସର୍ବବୃହତ୍ ଏୟାର ଲାଇନ୍ ଅପରେଟର ଆମେରିକା ଏୟାରଲାଇନ୍ସର ସବୁ ବିମାନ ଉଡାଣକୁ ଗୋଟିଏ ଘଣ୍ଟା ପାଇଁ ରୋକାଯାଇଛି। ଫଳରେ ବିମାନ ଚଳାଚଳ ଘଣ୍ଟାଏ ପାଇଁ ଠପ୍ ହୋଇଯାଇଥିଲା। ଏହା ଦ୍ୱାରା ବିଭିନ୍ନ ବିମାନ ବନ୍ଦରରେ ଯାତ୍ରୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ବୈଷୟିକ ତ୍ରୁଟି କାରଣରୁ ଏଭଳି ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା ବୋଲି ଏୟାରଲାଇନ୍ସ ତରଫରୁ ସଫେଇ ଦିଆଯାଇଛି। ହଜାର ହଜାର ଯାତ୍ରୀ ଏହା ଦ୍ୱାରା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ଅସୁବିଧା ପାଇଁ ଫେଡେରାଲ ଆଭିଏସନ ଆଡିମିନିଷ୍ଟ୍ରେସନ ତରଫରୁ କ୍ଷମା ମଗାଯାଇଛି। ଖ୍ରୀଷ୍ଟମାସ ପୂର୍ବରୁ ଦିନର ସକାଳେ ଏହି ସମସ୍ୟା ସୃଷ୍ଟି ହୋଇଥିଲା ଓ ଯାତ୍ରୀଙ୍କ ମଧ୍ୟରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା।

## ଭାରତୀୟ ଦୂତାବାସ କର୍ମଚାରୀଙ୍କ ଉପରେ ଆକ୍ରମଣ; ୩ ମୃତ

କାବୁଲ, ୨୪।୧୨ (ଏଜେନ୍ସି): ଆଫଗାନିସ୍ତାନର ଜଲାଲାବାଦସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସର କର୍ମଚାରୀଙ୍କୁ ନେଇ ଯାଉଥିବା ଗାଡ଼ି ଉପରେ ମଙ୍ଗଳବାର ସନ୍ଧ୍ୟାରେ ଆକ୍ରମଣ ହୋଇଛି। ଅଜ୍ଞାତ ଆକ୍ରମଣକାରୀ ଏହା ଉପରେ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ ୩ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ମାତ୍ର ମୃତାହତଙ୍କ ମଧ୍ୟରେ କୌଣସି ଭାରତୀୟ ସାମିଲ ନାହାନ୍ତି ବୋଲି ସୂଚନା ମିଳିଛି। ସମସ୍ତେ ଆଫଗାନ ନାଗରିକ ଥିଲେ। ଏହା 'ଟାର୍ଗେଟ କିଲିଂ' ଥିଲା ବୋଲି କୁହାଯାଉଛି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଭାରତ ସରକାର ସ୍ଥିତି ଉପରେ ନଜର ରଖିଛନ୍ତି। ସୂଚନାଯୋଗ୍ୟ ଯେ ସୁରକ୍ଷା ଦୃଷ୍ଟିରୁ ଭାରତ ୨୦୨୦ରେ ଜଲାଲାବାଦ ସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସକୁ ବନ୍ଦ କରି ଦେଇଥିଲା। ତେବେ ଆଫଗାନ ନାଗରିକଙ୍କ ଏକ କ୍ଷୁଦ୍ର ଟିମ୍ ଦୂତାବାସର କାର୍ଯ୍ୟ କରୁଥିଲେ। ଆଫଗାନର ପୂର୍ବତନ ଅସରଫ ଘନିଙ୍କ ସରକାର ସମୟରେ ଭାରତର ଅନେକ ପ୍ରକଳ୍ପରେ ଲକ୍ଷ ଲକ୍ଷ ଡଲାର ନିବେଶ କରିଥିଲା। ୨୦୨୧ରେ ତାଲିବାନ ଆସିବା ପରେ ସବୁ ବାଣିଜ୍ୟ ଦୂତାବାସକୁ ଭାରତ ବନ୍ଦ କରିଦେଇଥିଲା। ଏବେ କେବଳ କାବୁଲ ସ୍ଥିତ ଦୂତାବାସରେ ଭାରତୀୟ କର୍ମଚାରୀ କାର୍ଯ୍ୟ କରୁଛନ୍ତି।

## ଜନ୍ମଦିନ ପାର୍ଟିରେ ଅପମାନିତ ହେବାରୁ ବାଳକର ଆତ୍ମହତ୍ୟା

ଲକ୍ଷ୍ନୌ, ୨୪।୧୨(ଏଜେନ୍ସି): ଉତ୍ତରପ୍ରଦେଶର ବସ୍ତି ଜିଲ୍ଲାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଜନ୍ମଦିନ ପାର୍ଟିରେ ହଟହଟା କରାଯିବା ସହ ଅପମାନିତତ କରାଯିବା ପରେ ଜଣେ ବାଳକ ଆତ୍ମହତ୍ୟା କରିଛି। ଜନ୍ମଦିନ ପାର୍ଟିକୁ ଡକାଇବା ପରେ ବାଳକ ଜଣକୁ ସମ୍ପୂର୍ଣ୍ଣ ଉଲଗ୍ନ କରି ପିଟିବା ସହ ତାଙ୍କ ମୁହଁରେ ଅଭିଯୁକ୍ତ ଜଣକ ପରିସ୍ରା କରିଥିଲେ। ବସ୍ତି ଜିଲ୍ଲାର କପ୍ତାନଗଞ୍ଜ୍ ଥାନା କ୍ଷେତ୍ରରେ ଏହି ଘଟଣା ଘଟିଛି। ବାଳକ ଜଣକ ୧୦ମ ଶ୍ରେଣୀରେ ପଢୁଥିଲେ ଓ ତାଙ୍କ ବୟସ ୧୭ ବର୍ଷ। ପିଲାଟିର ଅଶ୍ଳୀଳ ଭିଡିଓ ମଧ୍ୟ ଉତ୍ତୋଳନ କରାଯାଇଥିଲା। ପିଲାଟି ପୁଲିସରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ଛାଡିଦେଇଥିଲା। ଏଥିରେ ନିରାଶ ହୋଇ ବାଳକ ଜଣକ ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ। ତାଙ୍କ ପରିବାରବର୍ଗ ବାଳକଙ୍କ ଶବକୁ ନେଇ ଏସ୍‌ପି କାର୍ଯ୍ୟାଳୟରେ ପହଞ୍ଚି ହୋ ହାଲ୍ଲା କରିଥିଲେ। ପୁଲିସ ବୁଝାସୁଝା କରି ଶବକୁ ପୋଷ୍ଟମର୍ଟମ ପାଇଁ ପଠାଇଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ତରଫରୁ ଆଶ୍ୱାସନା ଦିଆଯାଇଛି।



**ଆମ୍ବେଦକରଙ୍କ ଉପରେ ବିବାଦୀୟ ମନ୍ତବ୍ୟ ମାମଲା**

## ରାଜରାସ୍ତାକୁ ଓହ୍ଲାଇଲା ବିଏସ୍‌ପି

ଲକ୍ଷ୍ନୌ, ୨୪।୧୨(ଏଜେନ୍ସି): ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦ ସୃଷ୍ଟି କରିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କ୍ଷମା ମାଗିବା ନେଇ ବହୁଜନ ସମାଜବାଦୀ ପାର୍ଟି (ବିଏସ୍‌ପି) ରାଜରାସ୍ତାକୁ ଓହ୍ଲାଇ ଜୋରଦାର ପ୍ରଦର୍ଶନ କରିଛି। ଉତ୍ତରପ୍ରଦେଶ ସବୁ ଜିଲ୍ଲାର ମୁଖ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାଖାପାଖି ୩ ଘଣ୍ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନ ଚାଲିଥିଲା। ଇତିମଧ୍ୟରେ ବିଏସ୍‌ପି ମୁଖ୍ୟ ମାୟାବତୀଙ୍କ ଭଣଜା ଆକାଶ ଆନନ୍ଦ ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି ଗୃହମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ସେ ଲେଖିଛନ୍ତି। ସଂସଦରେ ଗୃହମନ୍ତ୍ରୀ ବାବା ସାହେବଙ୍କର ଅପମାନ କରିଛନ୍ତି। ତେଣୁ ତାଙ୍କୁ କ୍ଷମା ମାଗିବାକୁ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ଆଗ୍ରା, ଗୋରଖପୁର ଓ ଉତ୍ତରପ୍ରଦେଶ ଅନ୍ୟ ସହରଗୁଡିକରେ ବିଏସ୍‌ପିର ଏହି ପ୍ରଦର୍ଶନ ବେଶ୍ ପ୍ରଭାବି ସାବ୍ୟସ୍ତ ହୋଇଥିଲା। ପୂର୍ବରୁ ଗତ ୧୯ ତାରିଖରେ ମଧ୍ୟ ମାୟାବତୀ ଗୃହମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି କହିଥିଲେ। ଅମିତ ଶାହା ତାଙ୍କ ବକ୍ତବ୍ୟ ଫେରାଇ ନିଅନ୍ତୁ ବୋଲି ସେ କହିଥିଲେ।

## କଂଗ୍ରେସର ଅବିଶ୍ୱାସ ପ୍ରସ୍ତାବ କଳଙ୍କିଲଗା ଛୁରୀ ମାତ୍ର: ଉପ-ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି): ଉପ- ରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ କଂଗ୍ରେସର ତଥାକଥିତ ଅବିଶ୍ୱାସ ପ୍ରସ୍ତାବକୁ ପରିହାସ ଛଳରେ ନିନ୍ଦା କରିଛନ୍ତି। ସେ ଏହାକୁ କଳଙ୍କି ଲଗା ଛୁରୀ ମାତ୍ର ବୋଲି କହିଛନ୍ତି। ବାଇପାସ ଅପରେସନରେ କେବେ ପରିବା କାଟିବା ଛୁରୀ ବ୍ୟବହାର କରାଯାଏ ନାହିଁ ବୋଲି ସେ କହିଛନ୍ତି। ଧନଖଡଙ୍କୁ ଗାଦିରୁ ହଟାଇବାକୁ ଅବିଶ୍ୱାସ ପ୍ରସ୍ତାବ ଅଣାଯାଇଥିଲା। ଏହି ପ୍ରସ୍ତାବ ଖାରଜ ହେବା



ପରେ ନିଜ ବାସଭବନରେ ଜଣେ ସମ୍ବାଦିକାଙ୍କୁ ସାକ୍ଷାତ୍‌କାର ଦେଇ ଧନଖଡ ପ୍ରଥମଥର ପାଇଁ ନିଜର ମତ ରଖି ଏହି ମନ୍ତବ୍ୟ ଦେଇଥିଲେ। ଏହି ପ୍ରସ୍ତାବରେ ଦମ୍ ନ ଥିଲା ବୋଲି ସେ କହିଛନ୍ତି। ଡିସେମ୍ବର ୧୦ରେ ବିରୋଧୀଙ୍କ ଦ୍ୱାରା ଏହି ଅବିଶ୍ୱାସ ପ୍ରସ୍ତାବ ଅଣାଯାଇଥିଲା ଓ ଏହା ୨୦ ତାରିଖରେ ଖାରଜ ହୋଇଥିଲା। ପୂର୍ବରୁ ଉପ- ରାଷ୍ଟ୍ରପତି ସ୍କୁଲ ହେଡ୍ ମାଷ୍ଟର ଭଳି ବ୍ୟବହାର କରୁଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ କହିଥିଲେ।

**ହସ୍ପିଟାଲ, ନର୍ସିଂହୋମ୍‌ଗୁଡିକୁ ହାଇକୋର୍ଟ ନିର୍ଦ୍ଦେଶ**

## ଦୁଷ୍କର୍ମ, ଏସିଡ୍ ଆକ୍ରମଣ ପୀଡ଼ିତାଙ୍କୁ ମାଗଣା ଚିକିତ୍ସା ପ୍ରଦାନ କର

ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ବଡ଼ ରାୟ ଦେଇଛନ୍ତି। ଦୁଷ୍କର୍ମ ପୀଡ଼ିତା, ଏସିଡ୍ ଆକ୍ରମଣର ଶିକାର ବ୍ୟକ୍ତି, ଯୌନ ଉତ୍ପୀଡ଼ନ, ପୋକ୍ସୋ ମାମଲାର ପୀଡ଼ିତାଙ୍କୁ ମାଗଣା ଚିକିତ୍ସା ଦେବା ପାଇଁ ଘରୋଇ ହସ୍ପିଟାଲ, ସରକାରୀ ଡାକ୍ତରଖାନା ଏବଂ ନର୍ସିଂହୋମଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ପ୍ରତିଭା ଏମ୍ ସିଂହ ଏବଂ ଜଷ୍ଟିସ ଅମିତ ଶର୍ମାଙ୍କ ଖଣ୍ଡପୀଠ ଏ ନେଇ ସମସ୍ତ ସରକାରୀ ଅନୁଦାନ ପ୍ରାପ୍ତ ପ୍ରତିଷ୍ଠାନ ଏବଂ ଘରୋଇ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିରେ ପ୍ରାଥମିକ ଚିକିତ୍ସା, ପରୀକ୍ଷଣ, ଶଲ୍ୟ ଚିକିତ୍ସା ସହିତ ପୀଡ଼ିତା ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ବିଭିନ୍ନ ପ୍ରକାରର କାଉନସେଲିଂ ସହାୟତା ପ୍ରଦାନ କରିବାକୁ କୁହାଯାଇଛି। ଦୁଷ୍କର୍ମ ଏବଂ ପୋକ୍ସୋ ମାମଲାରେ ପୀଡ଼ିତାଙ୍କୁ ତୁରନ୍ତ ଚିକିତ୍ସା ଆବଶ୍ୟକତା ଥିବା କୋର୍ଟ ଅନୁଧ୍ୟାନ କରିଛନ୍ତି। ବିଏନଏସଏସ ଏବଂ ସିଆରପିସି ଧାରା ସହିତ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନିର୍ଦ୍ଦେଶ ସତ୍ତ୍ୱେ ଏବେ ବି ଦୁଷ୍କର୍ମ ଏବଂ ଏସିଡ୍ ଆକ୍ରମଣ ପୀଡ଼ିତାଙ୍କୁ ତୁରନ୍ତ ଚିକିତ୍ସା ସେବା ପ୍ରଦାନ କରାଯାଉ ନାହିଁ ବୋଲି କୋର୍ଟ ହୃଦ୍‌ବୋଧ କରିଛନ୍ତି।

## ଏଫିଲ ଟାୱାରରେ ନିଆଁ

ପ୍ୟାରିସ୍, ୨୪।୧୨(ଏଜେନ୍ସି): ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଥିବା ବିଶ୍ୱ ପ୍ରସିଦ୍ଧ ଏଫିଲ ଟାୱାରକୁ ଖାଲି କରାଯାଇଛି। ଲିଫ୍ଟ ନିଆଁ ଲାଗିବା କାରଣରୁ ମଙ୍ଗଳବାର ସକାଳେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଓ ଦ୍ୱିତୀୟ ତାଲାରେ ଥିବା ଏଲିଭେଟରରେ ଅପ୍ରତ୍ୟାଶିତ ଭାବେ ନିଆଁ ଲାଗିଥିଲା। ପାଖାପାଖି ୧,୨୦୦ ପର୍ଯ୍ୟଟକଙ୍କୁ ଖାଲି କରାଯାଇଥିଲା।

**ବଦଳିଲେ ୫ ରାଜ୍ୟର ରାଜ୍ୟପାଳ**

## ଅଜୟ କୁମାର ଭଲ୍ଲାଙ୍କୁ ମଣିପୁର, ଭିକେ ସିଂହଙ୍କୁ ମିଜୋରାମ ଦାୟିତ୍ୱ





ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତି ଏବଂ ବଦଳି କରିଛନ୍ତି। ସେ ମିଜୋରାମ ରାଜ୍ୟପା ଡ. ହରିବାବୁ କମ୍ଭପତିଙ୍କୁ ଓଡ଼ିଶା ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଅବସରପ୍ରାପ୍ତ ଜେନେରାଲ ଡ. ବିଜୟ କୁମାର (ଭିକେ) ସିଂହ (ପିଭିଏସଏମ, ଏଭିଏସଏମ, ୱାଇଏସଏମ)ଙ୍କୁ ମିଜୋରାମ ରାଜ୍ୟପାଳ ନିଯୁକ୍ତି କରିଛନ୍ତି। ବିହାର ଏବଂ କେରଳ ରାଜ୍ୟପାଳଙ୍କୁ ବଦଳି କରିଦେଇଛନ୍ତି। ବିହାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ କେରଳ ଓ କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ବିହାର ଦାୟିତ୍ୱ ଦେଇଛନ୍ତି। ଅବସରର କିଛି ମାସ ପରେ ପୂର୍ବତନ ଗୃହ ସଚିବ ଅଜୟ କୁମାର ଭଲ୍ଲାଙ୍କୁ ହିଂସାରତ ମଣିପୁର ରାଜ୍ୟପାଳ ଭାବେ ନୂଆ ନିଯୁକ୍ତ ଦିଆଯାଇଛି।

## ଖାଇକୁ ସେନା ଭ୍ୟାନ୍ ଖସି ୫ ଯବାନ ମୃତ

ଶ୍ରୀନଗର, ୨୪।୧୨ (ଏଜେନ୍ସି): ଜମ୍ମୁ-କାଶ୍ମୀର ପୁଞ୍ଚ ଜିଲ୍ଲା ଏଲ୍‌ଓସି ନିକଟସ୍ଥ ବଲନୋଇ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ବଡ଼ ଅଘଟଣ ଘଟିଛି। ସେନାର ଏକ ଭ୍ୟାନ ନିୟନ୍ତ୍ରଣ ହରାଇ ୩୫୦ ଫୁଟ ଗଭୀର ଖାଇକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ୫ ଯବାନଙ୍କ ମୃତ୍ୟୁ ହୋଇଛି। ୩ ଜଣ ନିଖୋଜ ଅଛନ୍ତି। ୧୦ରୁ ଅଧିକ ଯବାନ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଭାରତୀୟ ସେନା ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗାଡ଼ିରେ ୧୧ ମରାଠା ରେଜିମେଣ୍ଟର ୧୮ ଯବାନ ନିଜ ପୋଷ୍ଟ ଅଭିମୁଖେ ଯାଉଥିଲା। ମାତ୍ର ବାଟରେ ଗାଡ଼ିଟି ରାସ୍ତା ଭୁଲି ନିୟନ୍ତ୍ରଣ ହରାଇ ଖାଇକୁ ଖସି ପଡ଼ିଥିଲା। ଏହାର ସୂଚନା ପାଇ କ୍ୱିକ ରେସ୍‌ପନ୍ସ ଟିମ(କ୍ୟୁଆରଟି) ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା।





## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ମୃତ, ୨ ଗୁରୁତର

**ଲାଞ୍ଜିଗଡ଼, ୨୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଥାନା ଅଧୀନ ଗୁଲାମ ବନ୍ଧ ଛକ ନିକଟରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ କାଣ୍ଡାମା ଗ୍ରାମର ଚନ୍ଦ୍ରମଣି ଦୋରା (୨୮)। ବିଶ୍ୱନାଥପୁର ପଞ୍ଚାୟତ ବଡ ଯାମକେତୁ ଗ୍ରାମର ଖିରାଦ୍ରି ମାଝୀ (୩୨) ଏବଂ ପୂର୍ଣ୍ଣ ମାଝୀ (୨୯) ଗୁରୁତର ହୋଇଛନ୍ତି। ଚନ୍ଦ୍ରମଣି ବାଇକ ଯୋଗେ ବିଶ୍ୱନାଥପୁର ଯାଉଥିଲେ। ଆଗରୁ ଖିରାଦ୍ରି ଏବଂ ପୂର୍ଣ୍ଣ ଏକ ବାଇକରେ ଫେରୁଥିଲେ। ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ଫଳରେ ୩ ଜଣ ଗୁରୁତର ହୋଇ ରାସ୍ତା କଡରେ ପଡ଼ିଥିଲେ। ବାଇକ ଦୁଇଟି ଚୁରମାର ହୋଇଯାଇଥିଲା। ଖବର ପାଇ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜୀବ ନାଏକ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର ମଧ୍ୟ ପହଞ୍ଚିଥିଲେ। ଆମ୍ବୁଲାନ୍ସରେ ୨ ଜଣଙ୍କୁ ବିଶ୍ୱନାଥପୁର ଡାକ୍ତରଖାନା ପଠାଯାଇଥିଲା। ବିଡ଼ିଓ ତାଙ୍କ ଗାଡ଼ିରେ ଜଣେ ଗୁରୁତରଙ୍କୁ ନେଇ ମେଡିକାଲରେ ପହଞ୍ଚିଥିଲେ। ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚନ୍ଦ୍ରମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଜମି ବନ୍ଧକକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

**ଜୁନାଗଡ଼, ୨୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଗୌଡ଼ ଛେଣ୍ଡିଆ ପଞ୍ଚାୟତର ଖୁର୍ସେଲଗୁଡାରେ ଅଭାବନୀୟ ଘଟଣା ଘଟିଛି। ଜମି ବନ୍ଧକକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଗାଁର ତୋଫାନ କଟା (୪୨)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୁଣ୍ଡକୁ ଗାଁର ରାଜିନ୍ଦ୍ର ସା (୪୩) କାଠ ଫାଳିଆରେ ପିଟି ଦେଇଥିଲା। ଏହାଫଳରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସରେ ଜୁନାଗଡ଼ ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା; ହେଲେ ଚିକିତ୍ସାଧୀନ ଅବସ୍ଥାରେ ତୋଫାନଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଖବର ପାଇ ନିକଟସ୍ଥ ଚିଲିଗୁଡ଼ା ଫାଣ୍ଡି ଅଧିକାରୀ ସୁବୋଧ ଫୁଲ ଏବଂ କନଷ୍ଟେବଲ ଶଙ୍କର ଲାଲ ବାଗ ଖୁର୍ସେଲଗୁଡାରେ ପହଞ୍ଚି ଅଭିଯୁକ୍ତ ରାଜିନ୍ଦ୍ରକୁ ଗିରଫ କରିଥିଲେ। ବ୍ୟବଚ୍ଛେଦ ପରେ ପୁଲିସ ତୋଫାନଙ୍କ ପରିବାର ବର୍ଗକୁ ଶବ ହସ୍ତାନ୍ତର କରିଛି। ଏ ନେଇ ଜୁନାଗଡ଼ ଥାନାରେ ଏକ ମାଲା ରୁଜୁ ହୋଇଛି।

## ଚାନ୍ଦା ପାଇଁ କଟ୍‌ନିଛଟ୍‌ନି ଅଭିଯୋଗ

**ଭବାନୀପାଟଣା, ୨୪।୧୨(ସମିସ):** ବିଜେପିର ବଡ ବଡ ନେତାଙ୍କୁ ଚାନ୍ଦା ଦେବା ପାଇଁ ଚଷୀମାନଙ୍କ ଧାନରୁ କଟନୀ ଛଟନୀ କରାଯାଉଛି। ମଣ୍ଡିଗୁଡିକରେ ଧାନରୁ ୭ କେଜି ଲେଖାଏ କଟନି ଛଟନି ହେଉଛି। ବିଧାୟକ ସାଗର ଚରଣ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସେ ସଦର ବ୍ଲକ କର୍ଲାପଡ଼ା, ବୋର୍ଡା, ସେଁପୁର ମଣ୍ଡି ଗୁଡିକ ପରିଦର୍ଶନରେ ଯାଇ ଏହାର ପ୍ରମାଣ ପଇଛନ୍ତି। କଟନୀ କରା ନ ଗଲେ ମଣ୍ଡିକୁ ଗାଡି ନ ପଠାଇବାକୁ ଧମକ ଦିଆଯାଉଛି। ଚାଷୀଙ୍କୁ ବିହନ ଦେଲାବେଳେ ଏଫ୍‌ଏକ୍ୟୁ ନିୟମ ଲାଗୁ ହୁଏନାହିଁ; କିନ୍ତୁ ଧାନ ନେଲାବେଳେ ଏଫଏକ୍ୟୁ ନିୟମ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ଶୂନ ପ୍ରତିଶତ କଟନୀ କଥା କହୁଥିଲାବେଳେ ଏବେ ଡବଲ ଇଞ୍ଜିନ ସରକାର ଏଥିରେ ବିଫଳ ହୋଇଛି। ଅନ୍ୟପକ୍ଷେ ଭାତହାଣ୍ଡିର ଜିଲ୍ଲା କଳାହାଣ୍ଡିର ମଣ୍ଡିଗୁଡିକ ଅବ୍ୟବସ୍ଥାରେ ଗତି କରୁଛି। ଖଳା ବ୍ୟବସ୍ଥା ନାହିଁ। କ୍ୱାଲିଟି ଆନାଲାଇଜର ନାହିଁ। ପାନୀୟ ଜଳର ବ୍ୟବସ୍ଥା ନାହିଁ। ଏହି ସବୁ ସମସ୍ୟାର ସମାଧାନ କରା ନ ଗଲେ କଂଗ୍ରେସ ପକ୍ଷରୁ ଏକ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ବିଧାୟକ ସାଗର ଚରଣ ଦାସ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ ଓ ଉପ ସଭାପତି ଧନୁର୍ଦ୍ଧର ଗହୀର ଉପସ୍ଥିତ ଥିଲେ।

## ଠକେଇର ଶିକାର ହୋଇଥିବା ମହିଳାଙ୍କ ଧାରଣା

**ସୋନପୁର, ୨୪।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ବେହେରାମାଲ ଗ୍ରାମର ଅଧିବାସୀ ରଞ୍ଜିତା ପଧାନ ଅର୍ଥ ଠକେଇର ଶିକାର ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ତାଙ୍କ ଜମାଖାତାରୁ ଚଞ୍ଚକତା କରି ଜଣେ ଯୋଗାଣ ସହାୟକ ଏବଂ ସିଆରପି ଭାବେ କାମ କରୁଥିବା ତାଙ୍କ ସ୍ତ୍ରୀ ଟଙ୍କା ହଡ଼ପ କରିଥିବା ନେଇ ସେ ଗତ ନଭେମ୍ବର ୬ ତାରିଖରେ ଉଲୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ସେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପୁନଶ୍ଚ ଅଭିଯୋଗ କରିଥିଲେ। ନଭେମ୍ବର ୧୯ ତାରିଖରେ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ହେଲେ ସେ ତାଙ୍କ ଟଙ୍କା ଫେରି ନପାଇ ପାଇବାରୁ ମଙ୍ଗଳବାର ନିଜ ପିଲାଛୁଆଙ୍କୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଗଞ୍ଜେଇ ଚୋରା ଚାଲାଣରେ ମହିଳା ଗିରଫ

**ଜୁନାଗଡ଼, ୨୪।୧୨(ସମିସ):** ଜୁନାଗଡ଼ ଥାନା ତଲମଲା ଗ୍ରାମର ଜଣେ ମହିଳା ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଗିରଫ ହୋଇଛନ୍ତି। ଏହି ମହିଳା ଜଣକ ହେଲେ ନିର୍ମଳା ଦାସ (୪୬)। ସେ ଗଞ୍ଜେଇ ଧରି ରାସ୍ତାରେ ଯାଉଥିବା ବେଳେ ଅବକାରୀ ବିଭାଗ ସୂଚନା ପାଇଥିଲା। ତାଙ୍କଠାରୁ ୬ଶହ ଗ୍ରାମ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଆଞ୍ଚଳିକ ଧନୁଯାତ୍ରାର ଅଷ୍ଟମ ସନ୍ଧ୍ୟାରେ ଲୋକାରଣ୍ୟ

**କୋମନା, ୨୪।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡସ୍ଥିତ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମରେ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରାର ଅଷ୍ଟମ ସନ୍ଧ୍ୟା ଲୋକାରଣ୍ୟ ପାଲଟିଛି। ଏହି ରାତିରେ ରଙ୍ଗସଭା, ଧନୁଯାତ୍ରାର ଆୟୋଜନ ଓ ଗୋପପୁରକୁ ଅକ୍ରୁର ପ୍ରେରଣ କାହାଣୀ ଖୋଲା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଛି। ଯାହାକୁ ଉପଭୋଗ କରିବା ପାଇଁ ତରବୋଡ଼ସ୍ଥିତ କଂସରାଜ ଦରବାରରେ ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକ ରୁଣ୍ଡ ହୋଇ ବେଶ ଉପଭୋଗ କରିଥିଲେ। ବିଶେଷ ଆକର୍ଷଣ ଭାବେ ଲୋକକଳା, ସମ୍ବଲପୁରୀ ଆର୍କେଷ୍ଟ୍ରା ସହ ନୃତ୍ୟ, ଗୀତ ତଥା ପାରମ୍ପରିକ ଭିନ୍ନଭିନ୍ନ ବିଷୟବସ୍ତୁକୁ ଆଧାରିତ ଗିତିନାଟ୍ୟ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଦର୍ଶିତ ହେଉଛି। କଂସ ମହାରାଜାଙ୍କ ଦରବାରରେ ଆତିଥ୍ୟ ଗ୍ରହଣ କରିଥିବା ଅତିଥିମାନେ ହେଲେ କିସାନ ମଜଦୁର ସଂଗ୍ରାମ ପରିଷଦ ନେତା ଜଦୁମଣି ପାଣିଗ୍ରାହୀ, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ପିଇଓ ଭାନୁପ୍ରତାପ ଦଣ୍ଡସେନା, ସୁଧୀର ମିଶ୍ର, ରିଙ୍କୁ ବଗର୍ତି, କହ୍ନେଇ ହଂସ, ମୁକେସ ଅହୀର ଓ ଗୋଲି ତିବାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଞ୍ଜୀବ ପାଣିଗ୍ରାହୀ ମଞ୍ଚ ପରିଚାଳନା ଓ ସୁବାସ ଆଡବଙ୍ଗ ଦାୟିତ୍ୱ ବହନ କରିଥିଲେ। ପରିଚାଳନା କମିଟି ସଭାପତି ସମେତ ସମସ୍ତ ସଦସ୍ୟ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତାମଝିରେ ଧାନବସ୍ତା ରଖି ଚାଷୀଙ୍କ ଧାରଣା

**ସୋନପୁର, ୨୪।୧୨(ସମିସ):**



**● ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଉଠିଲେ ଚାଷୀ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସାରସମାଲ ଧାନମଣ୍ଡିରୁ ୧୪ ଦିନ ଧରି ଧାନ ଉଠୁ ନଥିବାରୁ ଶତାଧିକ ଚାଷୀ ରାମପୁର- ବରପାଲି ମୁଖ୍ୟରାସ୍ତାର ସାରସମାଲ ଛକ ରାସ୍ତାମଝିରେ ଧାନବସ୍ତା ରଖି ଧାରଣାରେ ବସିଥିଲେ। ସାରସମାଲର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଗତ ୧୦ ତାରିଖରୁ ଧାନମଣ୍ଡି ଆରମ୍ଭ ହୋଇଥିବା ବେଳେ ଆରମ୍ଭରୁ ଅବ୍ୟବସ୍ଥା ଦେଖାଦେଇଥିଲା ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ଏଠାରେ ଆରମ୍ଭରୁ ଧାନ ଉଠୁ ନଥିବାରୁ ପୂର୍ବରୁ ଚାଷୀମାନେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର ଶତାଧିକ ଚାଷୀ ସକାଳ ୮ ଟାରୁ ରାମପୁର - ବରପାଲି ମୁଖ୍ୟ ରାସ୍ତାର ସାରସମାଲ ଛକରେ ଧାନବସ୍ତା ରଖି ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। କୌଣସି ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧରୁ ଉଠିବୁ ନାହି ବୋଲି ଚାଷୀମାନେ କହିଥିଲେ। ଚାଷୀମାନଙ୍କ ଆନ୍ଦୋଳନସ୍ଥଳକୁ ଉପଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ, ରାମପୁର ତହସିଲଦାର ବିମଳ କିଶୋର ପାତ୍ର, ଅତିରିକ୍ତ ତହସିଲଦାର ଆନନ୍ଦ ଚନ୍ଦ୍ର ଦାସଙ୍କ ସହ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ ପୂର୍ବରୁ ଯେଭଳି ଭାବରେ ଧାନ ବିକ୍ରି କରୁଥିଲେ ସେହିଭଳି ଭାବରେ ଧାନ ବିକ୍ରି ପାଇଁ ଦାବି କରି କଟନି ଛଟନିକୁ ବିରୋଧ କରିଥିଲେ। ଉପଜିଲ୍ଲାପାଳ ମିଲ ମାଲିକଙ୍କ ସହ ଯୋଗାଯୋଗ କରି ଗାଡ଼ି ପଠାଇବାକୁ କହିଥିଲେ। ମିଲର୍ସ ପାଖରୁ ଗାଡ଼ି ଆସି ଧାନ ଉଠିବା ପରେ ଚାଷୀମାନେ ରାସ୍ତା ଅବରୋଧରୁ ଉଠିଥିଲେ। ମିଲର୍ସମାନେ ଯଦି ଧାନ କିଣାରେ କଟନି ଛଟନି କରନ୍ତି କିମ୍ବା କୌଣସି ଅସୁବିଧା ଦେଖାଇ ମଣ୍ଡିକୁ ଗାଡ଼ି ନପଠାଇବେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।

## ଆଦିବାସୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ଘେରଉ



**ନୂଆପଡ଼ା, ୨୪।୧୨(ସମିସ):** ବିଗତ ଦିନ ମାନଙ୍କରେ ବିଭିନ୍ନ ଦାବି ନେଇ ଜିଲ୍ଲା ପ୍ରଶାସନକୁ ଆଦିବାସୀ କଲ୍ୟାଣ ସଂଘ ଜଣାଇ ଆସୁଥିବାବେଳେ କୌଣସି ସୁଫଳ ମିଳୁନାହିଁ ବୋଲି ଶେଷରେ ଅସ୍ତ୍ରଶସ୍ତ୍ର ଧରି ଜିଲ୍ଲାପାଳ ଅଫିସ ଘେରାଉ କରିଥିବାବେଳେ ଜାତୀୟ ରାଜପଥକୁ ଦୀର୍ଘ ୫ଘଣ୍ଟା ଧରି ଅବରୋଧ କରି ରଖିଥିଲେ। ଜିଲ୍ଲାପ୍ରଶାସନର ହସ୍ତକ୍ଷେପ ପରେ ରାସ୍ତା ରୋକ ହଟିଥିଲା। ରାଜ୍ୟ ଆଦିବାସୀ ସଂଘ ସଭାପତି ବାଳକୃଷ୍ଣ ଶବର ଓ ନୂଆପଡ଼ା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝୀଙ୍କ ନେତୃତ୍ୱରେ ସ୍ଥାନୀୟ ପୁଲିସପଡ଼ିଆରୁ ଆଦିବାସୀମାନେ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରାରେ ବାହାରି ନୂଆପଡ଼ା ଜିଲ୍ଲାପାଳ ଅଫିସ ଆଗରେ ପହଞ୍ଚିଥିଲେ। ଜିଲ୍ଲାପାଳ ଅଫିସ ଆଗରେ ୩୫୩ ନମ୍ବର ଜାତୀୟ ରାଜପଥକୁ ୫ଘଣ୍ଟା ଧରି ଅବରୋଧ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ଗର୍ଜନ କରିଥିଲେ। କେନ୍ଦ୍ର ଓ ରାଜ୍ୟ

**● ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ**

ସରକାର ଆଜି ପର୍ଯ୍ୟନ୍ତ ଆଦିବାସୀମାନଙ୍କୁ ଯେପରି ମୌଳିକ ସୁବିଧା ଦେବା କଥା ଦେଇନାହାନ୍ତି। ଜିଲ୍ଲା ଶିକ୍ଷା ବିଭାଗରେ ଏଫଏଲଏନ ପାଣ୍ଠିରୁ ଟଙ୍କା ଅନିୟମିତତା ଏବଂ ଉକ୍ତ ଅଧିକାରୀଙ୍କ ବିରୋଧରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନାହିଁ ବୋଲି ସେମାନେ କହିଥିଲେ। ୨୨ ହଜାର ଜଙ୍ଗଲ ଜମିପଟ୍ଟାର କାର୍ଯ୍ୟକାରୀ ଓ ଜମିପଟ୍ଟା ପ୍ରଦାନ, ରାଜସ୍ୱ ମାଓପ୍ରବଣ ଗ୍ରାମଗୁଡିକରେ ବନ୍ଦ ହୋଇଥିବା ବିଦ୍ୟାଳୟଗୁଡ଼ିକୁ ପୁନଃ ଖୋଲାଯିବା, ଜିଲ୍ଲା ଆଦିବାସୀ ବହୁଳ ଗ୍ରାମମାନଙ୍କୁ ପେଶା ଆଇନ ଲାଗୁ କରାଯିବା ଆଦି ୨୨ଟି ଦାବି କରାଯାଇଛି। ଅପରାହ୍ନରେ ଧାରଣାସ୍ଥଳକୁ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତା, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଶେଷରେ ଦୁଇ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଘେରଉରେ ନୂଆପଡ଼ା ଆଦିବାସୀ ସଂଘ ରାଜ୍ୟ ସଭାପତି ବାଳକୃଷ୍ଣ ଶବର, ଉପସଭାପତି କମଲେଶ ଠାକୁର, ଉପଦେଷ୍ଟା ହୋମ ସିଂ ମାଝୀ, ଆଦାସୀ ସଭାନେତ୍ରୀ ସରୋଜିନୀ ମାଝୀ, ବ୍ଲକ ସଭାପତି ଭକ୍ତବନ୍ଧୁ ଧରିଆ, କୋମନା ବ୍ଲକ ସଭାପତି ଜ୍ଞାନେଶ୍ୱର ମାଝୀଙ୍କ ସହ ବହୁସଂଖ୍ୟାରେ ଆଦିବାସୀମାନେ ଉପସ୍ଥିତ ରହିଥିଲେ। ଏଠାରେ ସୂଚନାଯୋଗ୍ୟ ଠିକ ମଧ୍ୟାହ୍ନରେ ଏସ୍‌ପି ଜିଆର୍ ରାଘବେନ୍ଦ୍ର ତାଙ୍କ ତାଙ୍କ କାର୍ଯ୍ୟାଳୟରୁ ନିବାସ ଆଡ଼କୁ ଯିବା ସମୟରେ ଆନ୍ଦୋଳନକାରୀମାନେ ଅଟକାଇ ରଖିଥିଲେ। ବହୁ ସମୟ ଧରି ଆଲୋଚନା ପରେ ଅଶୋଭନୀୟ ସ୍ଥିତିକୁ ଏଡ଼ାଇବାକୁ ଯାଇ ଏସ୍‌ପି ସେଠାରୁ ଫେରିଯାଇଥିଲେ ବୋଲି ଚର୍ଚ୍ଚା ହୋଇଛି।

## ଜାତୀୟ ଉପଭୋକ୍ତା ଦିବସ



**ନୂଆପଡ଼ା, ୨୪।୧୨(ସମିସ):** ସ୍ୱେଚ୍ଛାସେବୀ ସଂଗଠନ ପରଦା ଏବଂ ଡିସିଏଲଏମର ମିଳିତ ଆନୁକୂଲ୍ୟରେ ନୂଆପଡ଼ା ରାଜୀବ ସେବା କେନ୍ଦ୍ର ସଭାଗୃହରେ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଥଣ୍ଡୁରାମ ନାଏକ, ବିଶେଷ ଅତିଥି ଡିସିଏଲଏମ ପୃଥୀରାଜ ହାଁସଦା, ମୁଖ୍ୟବକ୍ତା ଭାବେ ପରମାନନ୍ଦ ହଂସ, ସମ୍ମାନିତ ଅତିଥିଭାବେ ସରପଞ୍ଚ ସଂଘ ସଭାପତି ପ୍ରେମଲାଲ ନାଏକ, କେରମେଲି ସରପଞ୍ଚ ହୀରାଲାଲ ମାଝୀ, ବିଏଲଏଫର ହେମାଙ୍ଗିନୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ପରଦାର ନିର୍ଦ୍ଦେଶକ ରୁଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରରେ ମୁଖ୍ୟ ଅତିଥି ଶ୍ରୀ ନାଏକ ଉପାନ୍ତ ଅଞ୍ଚଳର ଗ୍ରାମବାସୀମାନେ କିପରି ସଠିକ ଓଜନ ମାପର ରାସନ ସାମଗ୍ରୀ ପାଇପାରିବେ ସେ ଉପରେ ମାର୍ଗଦର୍ଶନ କରିଥିଲେ। ଖାଉଟିଙ୍କ ଅଧିକାର ଏବଂ କର୍ତ୍ତବ୍ୟ ଉପରେ ସଚେତନତାର ବାର୍ତ୍ତା ସମାଜରେ ବାସ କରୁଥିବା ସର୍ବନିମ୍ନସ୍ତରକୁ ପହଞ୍ଚିପାରିବ ସେ ଉପରେ ଅତିଥିମାନେ କହିଥିଲେ। ଖାଉଟିମାନେ ସେମାନଙ୍କର ଅଧିକାରରେ କୌଣସି ପ୍ରକାର ବ୍ୟତିକ୍ରମ ଘଟିଲେ ଖାଉଟି ଅଦାଲତର ଆଶ୍ରୟ ନେଇପାରିବେ ବୋଲି ମୁଖ୍ୟବକ୍ତା ହଂସ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ପରଦା ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପ୍ରତାପ ସାହୁ, ସଞ୍ଜୀବ ପ୍ରଧାନ, ଉମାଶଙ୍କର ପଟେଲ, ମାନବୀ ଉଜିର, ଶଙ୍କର ବିଶ୍ୱାଳ, ରାଜେଶ ସାହୁ, ମାଧବ ଦାସ, କୁସୁମ ଜୟଶାଲ, ବଳରାମ ରାଉତ, ତୁଳସୀରାମ ମାଝୀ ଓ ବିଭୀଷଣ ପୋଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବେଦରାମ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

**● ଆନ୍ତଃରାଜ୍ୟ ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ**

## ଉଦ୍‌ଘାଟନୀ ମ୍ୟାଚରେ ନୂଆପଡ଼ା ଓ ଜରାସିଂହା ବିଜୟୀ



**ନୂଆପଡ଼ା/କୋମନା, ୨୪।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଜିତାମିତ୍ର ହାଇସ୍କୁଲ ଖେଳପଡ଼ିଆରେ ସ୍ଥାନୀୟ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ୧୮ତମ ଆନ୍ତଃ ରାଜ୍ୟ ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଅତଥି ଭାବେ କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ବିଶିଷ୍ଟ ଶିକ୍ଷାବିତ ଗଙ୍ଗାଧର ପାଣିଗ୍ରାହୀ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚରେ ନୂଆପଡ଼ା ଦଳ ୪-୨ ପେନାଲଟି ଗୋଲରେ ଟିଟିଲାଗଡ଼ ଦଳକୁ ହରାଇ ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଜରାସିଂହା ଦଳ ୨-୦ ଗୋଲରେ ଛତିଶଗଡ଼ ଭିଲାଇ ଦଳକୁ ହରାଇ ବିଜୟୀ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରର ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨୮ ତାରିଖରେ ଏହାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଫୁଟବଲ ଆସୋସିଏସନର ସଭାପତି ପ୍ରମୋଦ କୁମାର ପାଢ଼ୀ ସୂଚନା ଦେଇଛନ୍ତି।

## ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

**ଲଛିପୁର, ୨୪।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହାବିଦ୍ୟାଳୟର ଅଧକ୍ଷ ଅରୁଣ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲଛିପୁର ଥାନା ଅଧିକାରୀ ଭୋଜରାଜ ସା ଓ ସମ୍ମାନିତ ଅତିଥି ଭାବେ ପରିଚାଳନା ସଭାପତି ଶଙ୍କରପ୍ରସାଦ ସା ଯୋଗଦେଇଥିଲେ। କ୍ରୀଡ଼ାରେ ମୋଟ ୧୭୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କ୍ରୀଡ଼ା ଦାୟିତ୍ୱରେ ଥିବା ଇତିହାସ ଅଧ୍ୟାପକ ପ୍ରବୀର ମିଶ୍ରଙ୍କ ତତ୍ତ୍ୱାବଧାନ ତଥା କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ସାହୁ, ଗୁଲସନ ମହାକୁର, ସୁଧାଂଶୁ ଡାଙ୍ଗ, ଗୋବିନ୍ଦ ନାଏକ ତଥା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ଅଶ୍ୱିନୀ ଲୁହା ଓ ବାଳିକା ବିଭାଗରେ ମନୀଷା ଦେହେରୀ ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ ହୋଇଥିଲେ। ଶେଷରେ ଅଧ୍ୟାପକ ରାଜୀବ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।




**ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୪ର ତୃତୀୟ ସନ୍ଧ୍ୟା**

# 'ବନ୍ଦୀ ଜୀବନ ଅପେକ୍ଷା ଛଳନାରୂପୀ ମଣିଷ ଅଧିକ ବିପଦ'

**ଭବାନୀପାଟଣା, ୨୪।୧୨(ସମିସ):**





**● ନାଟକ 'କାରାଗାରର କାହାଣୀ' ମଞ୍ଚସ୍ଥ**

ସେମାନଙ୍କ ପାଇଁ ସ୍ୱାଭାବିକ ପ୍ରଗତିକୁ ଧକ୍କା ଲାଗୁଛି; ଯେଉଁମାନେ କାରାଗାର ବାହାରେ ରହି ଅପରାଧିକ ମାମଲାରେ ଲିପ୍ତ ରୁହନ୍ତି। ଆଜି ଆଇନ, ଶୃଙ୍ଖଳା ଓ ଅନୁଶାସନରେ ସଂସ୍କାରର ଆବଶ୍ୟକତା ପଡ଼ିଛି। ପୌରାଣିକ ପୃଷ୍ଠଭୂମି ହେଉ କିମ୍ବା ଇତିହାସର ପୃଷ୍ଠା, ସବୁ ଯେମିତି ହୃତ ଗୌରବର ଏକ ସ୍ମାରକୀ। ରାଉରକେଲାର କଳାକାରମାନେ କାରାଗାରର ସଂଜ୍ଞା ଖୋଜୁ ଖୋଜୁ ନାଟକ 'କାରାଗାରର କାହାଣୀ'ରେ ଜୀବନ୍ତ ଅଭିନୟ କରିଛନ୍ତି। ବନ୍ଦୀ ଜୀବନ ଅପେକ୍ଷା ଛଳନାରୂପି ମଣିଷ ଅଧିକ ବିପଦ ବୋଲି ଏହି ନାଟକରେ ବାର୍ତ୍ତା ରହିଛି।

ସ୍ମାରକୀ ନାଟ୍ୟ ସଂସ୍ଥା' ତରଫରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୪ର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ପୌରାଧକ୍ଷ ବିଷ୍ଣୁ ପ୍ରଧାନ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଶାନ୍ତନୁ ବେହେରା, ଲେଖକ କଳା ପରିଷଦ ସଭାପତି ଉମେଶ ଚନ୍ଦ୍ର ପଣ୍ଡା, ଅଧକ୍ଷ ପ୍ରଗତି ଶିକ୍ଷାନୁଷ୍ଠାନ ଅଜୟ ପଣ୍ଡା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ ସଭାପତିତ୍ୱ କରିଥିଲେ।

ନାଟକ 'କାରାଗାରର କାହାଣୀ' ଅନୁସାରେ ଦିନେ କାରାଗାର ମୁକ୍ତିର ଏକ୍ଟୁଡିଶାଳ ଥିଲା। ମୁକ୍ତିର ବାର୍ତ୍ତା ଏହିଠାରୁ ଲମ୍ବି ଯାଇଥିଲା। ପୁରାଣ ଯୁଗର କଂସର ବନ୍ଦୀଶାଳାଠାରୁ ଆରମ୍ଭ କରି ଇତିହାସ ବକ୍ଷରେ ଆତ୍ମପ୍ରକାଶ କରିଥିବା ବିଭିନ୍ନ ମୁକ୍ତି ସଂଗ୍ରାମ ଓ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନ ହେଉଛି ଏହାର ଦୃଷ୍ଟାନ୍ତ। ଏବେ କିନ୍ତୁ ପରିବର୍ତ୍ତିତ ସ୍ଥିତିରେ ବଦଳି ଯାଇଛି କାରାଗାରର ସଂଜ୍ଞା। ଏହା ସମାଜବିରୋଧୀ ମଣିଷମାନଙ୍କ ଆଡ୍ଡାସ୍ଥଳ ପାଲଟିଛି। କାରାଗାର ଆଉ ତୀର୍ଥକ୍ଷେତ୍ର ହୋଇନାହିଁ। କାରାଗାର ବାହାରେ ରହିଛି ପ୍ରକୃତ କାରାଗାରର ଅସ୍ତିତ୍ୱ। ଆଉ ଏକ ଦୃଷ୍ଟିରୁ ଯେମିତି ବନ୍ଦୀତ୍ୱର ଅନୁଭବରେ ପୀଡିତ। ଏ ସଂସାର ଏକ କାରାଗାର। ସାମଗ୍ରିକ ଭାବେ କାରାଗାରର ଅସ୍ତିତ୍ୱ ମଣିଷର ଭିତରେ ଓ ବାହାରେ ରହିଛି ବୋଲି ନାଟକର ବିଷୟବସ୍ତୁ ବର୍ଣ୍ଣନା କରିଥିଲା।

ବରିଷ୍ଠ ନାଟ୍ୟକାର ବିଜୟ ଶତପଥୀ ଏହି ନାଟକର ରଚନା କରିଥିବାବେଳେ ଓ ନଳିନୀ ନିହାର ନାୟକ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଚିରଞ୍ଜିବି ମହାରଣା, ଆଶୁତୋଷ ପତି, ଅମୀୟ, ବିଶ୍ୱରଞ୍ଜନ, ଭାସ୍କର ଚନ୍ଦ୍ର ସାହୁ, ବିଶ୍ୱରଞ୍ଜନ ବାରିକ ଅଶୋକ ବଳ, କିଶୋର ଚନ୍ଦ୍ର ମହାରଣା, ନିରଞ୍ଜନ ଆଚାର୍ଯ୍ୟ, ସମୀର ପତ୍ରି, ସୁବ୍ରତ ନାୟକ, ଭୀଷ୍ମ ନାରାୟଣ ସ୍ୱାଇଁ, ପ୍ରିୟଙ୍କା ପଟ୍ଟନାୟକ ପ୍ରମୁଖ ଅଭିନୟ କରିଥିଲେ। ଏହି ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଗୁଲାବ୍ ଶର୍ମା ଓ ପ୍ରମୋଦ ସାହୁ ଦେଇଥିବାବେଳେ ନଳିନୀ ନିହାର ନାୟକ ଆଲୋକ ସଞ୍ଚାଳନ କରିଥିଲେ। ବେଶ ପୋଷାକରେ ହରି ସହାୟତା କରିଥିଲେ।

ଆଶୁତୋଷ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶୁଭେନ୍ଦୁ ମହାପାତ୍ର, ଧ୍ୟାନାନନ୍ଦ ପଣ୍ଡା, ଦେବୀ ପ୍ରସାଦ ରଥ, ବିରଞ୍ଚି ନାରାୟଣ ମୁଣ୍ଡ, ରାଜେଶ ଦାଶ, ସୌରଭ ମହାପାତ୍ର, ଆଶୁତୋଷ ପୁରୋହିତ, ଆଲୋକ ସାହୁ, ରାମେଶ୍ୱର ତ୍ରିପାଠୀ, ଶୁଭମ୍ ବେହେରା, ଦୀପ୍ତିମୟୀ ସିଂ, ତଥାଗତ ମିଶ୍ର, ସୌମ୍ୟ ରଞ୍ଜନ ଜେନା, ଶିବଶକ୍ତି ପୁରୋହିତ, ଦୀପକ ଶର୍ମା, ବିକାଶ ରଞ୍ଜନ ମୁଣ୍ଡ, ଅମରେନ୍ଦ୍ର ମହାନ୍ତି, ଶୁଭାଶିଷ ମହାପାତ୍ର, ଆର୍‌ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, ଶାଳିନୀ ମହାପାତ୍ର, ସୁଶୀଲ ଆଚାର୍ଯ୍ୟ, ଅବିନାଶ ଅଗସ୍ତି, ଦୀପକ ଶର୍ମା, ଗୋପିଧର ନାୟର, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଆମ୍ବେଦକରଙ୍କ ପ୍ରତି ମନ୍ତବ୍ୟ ପ୍ରସଙ୍ଗ

# କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିରେ ରାଜ୍ୟବ୍ୟାପୀ କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୨୪।୧୨(ସମିସ):** ସଂସଦରେ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି। ଶାହଙ୍କ ମନ୍ତବ୍ୟକୁ ନେଇ ସାରା ଦେଶରେ ଝଡ଼ ଲାଗି ରହିଥିବା ବେଳେ ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଆଜି ସାରା ଦେଶରେ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ଧାରଣା ଦିଆଯାଇଛି। ଏହି

### ଭୁବନେଶ୍ୱର ଦଳର ବରିଷ୍ଠ ନେତାଙ୍କ ବିଶାଳ ଗଣଧାରଣା

କ୍ରମରେ ରାଜ୍ୟରେ ମଧ ସବୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶାହଙ୍କ କ୍ଷମାପ୍ରାର୍ଥନା ଓ ଇସ୍ତଫା ଦାବି କରିଛି।

ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ବିଶ୍ୱଜିତ୍ ଦାଶଙ୍କ ନେତୃତ୍ୱରେ ଏଜି ଛକଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ଏକ ବିଶାଳ ଶୋଭାଯାତ୍ରା ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିଶାଳ ଗଣଧାରଣା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ନେତୃବୃନ୍ଦ ସମ୍ବିଧାନପ୍ରଣେତା ଡଃ ଆମ୍ବେଦରଙ୍କର ଦେଶ ପ୍ରତି ଥିବା ତ୍ୟାଗ ଓ ବଳିଦାନକୁ ସ୍ଲୋଗାନ୍ ମାଧ୍ୟମରେ ଦର୍ଶାଇଥିଲେ। ଏହାସହ ଗୃହମନ୍ତ୍ରୀ ଅମିତ ଶାହଙ୍କର ଇସ୍ତଫା ଦାବି କରିଥିଲେ। ସେହିପରି ଦିଲ୍ଲୀରେ ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ କଂଗ୍ରେସ




ସଭାପତି ତଥା ରାଜ୍ୟସଭା ବିରୋଧ ଦଳର ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ଉପରେ କେତେକ ବିଜେପି ସାଂସଦଙ୍କ ଆକ୍ରମଣ ଏବଂ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରବେଶ ପଥରେ ବିଜେପି ସାଂସଦମାନଙ୍କ ପ୍ରତିରୋଧ ଘଟଣାକୁ ମଧ କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଥିଲା। ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଆଜିର ଏହି ବିକ୍ଷୋଭରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ମନୋରଞ୍ଜନ ଦାସ, କିଶୋର ଜେନା, ୟାସିର ନୱାଜ୍, ବାଙ୍କନିଧି ବେହେରା, ଜାନକୀ ବଲ୍ଲଭ ପଟ୍ଟନାୟକ, ରଞ୍ଜିତ ପାତ୍ର, ଉଦିତ ପ୍ରଧାନ, ରଜନୀ ମହାନ୍ତି, ନଳିନୀକାନ୍ତ ନାୟକଙ୍କ ସମେତ ଛାତ୍ର, ଯୁବ, ମହିଳା କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ।

## କଂଗ୍ରେସ ଦେଶବାସୀଙ୍କୁ ନିଃସର୍ତ୍ତ କ୍ଷମା ମାଗୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪।୧୨(ସମିସ):** ବାବାସାହେବ ଆମ୍ବେଦକରଙ୍କୁ ନେଇ ମନ୍ତବ୍ୟ ପ୍ରସଙ୍ଗରେ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପଣ୍ଡିତ ଜବାହରଲାଲ ନେହରୁଙ୍କ ଭୂମିକା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରି ମୁଖ୍ୟମନ୍ତ୍ରୀ କଂଗ୍ରେସକୁ ସମାଲୋଚନା କରିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ କଂଗ୍ରେସ ପ୍ରଥମେ ଦେଶବାସୀଙ୍କୁ କ୍ଷମାପ୍ରାର୍ଥନା କରିବା ଉଚିତ। କଂଗ୍ରେସ ଆମ୍ବେଦକରଙ୍କୁ ନିୟମିତ ଭାବେ ଅସମ୍ମାନିତ କରିଆସିଛି। ଆମ୍ବେଦକରଙ୍କୁ ନିର୍ବାଚନରେ ପରାଜିତ କରିବାକୁ କଂଗ୍ରେସ ଚେଷ୍ଟା କରିଥିଲା। ଜବାହରଲାଲ ନେହରୁ ନିଜେ ଆମ୍ବେଦକରଙ୍କ ବିରୋଧରେ ନିର୍ବାଚନ ପ୍ରଚାର କରିଥିଲେ। ଆମ୍ବେଦକରଙ୍କୁ ପରାଜିତ କରିଥିବା ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ପଦ୍ମବିଭୂଷଣ ମଧ ପ୍ରଦାନ କରାଯାଇଛି। ତେଣୁ କଂଗ୍ରେସ ଆମ୍ବେଦକରଙ୍କୁ ନେଇ ଶସ୍ତା ରାଜନୀତି ବନ୍ଦ କରୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ସଂରକ୍ଷଣ କଥା ଯେତେବେଳେ ଆସିଥିଲା, ସେତେବେଳେ ମୁସଲମାନଙ୍କୁ ସଂରକ୍ଷଣ ଦିଆଯାଇଥିଲା। ମାତ୍ର ଦଳିତ ଓ ଆଦିବାସୀମାନଙ୍କୁ ଅବହେଳା କରାଯାଇଥିଲା। ଏହି ପାତରଅନ୍ତର ପ୍ରସଙ୍ଗରେ ଆମ୍ବେଦକର ଆପତ୍ତି କରିବା ପରେ ତାଙ୍କୁ ଅପମାନ କରାଯାଇଥିଲା। ଫଳରେ ଆମ୍ବେଦକର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ।

### କଂଗ୍ରେସ ଆମ୍ବେଦକରଙ୍କୁ ଅସମ୍ମାନିତ କରିଆସିଛି

ଆମ୍ବେଦକରଙ୍କ ଇସ୍ତଫା ଦେବା ପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ପଣ୍ଡିତ ନେହରୁ ନିଜେ କହିଥିଲେ। ଏହି ସବୁ ଘଟଣା ସତ୍ତ୍ୱେ କଂଗ୍ରେସ କିପରି ବାବା ସାହେବଙ୍କ ପାଇଁ କଥା କହୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଏକ ଛୋଟ ବିବୃତ୍ତିକୁ ବିକୃତ କରି କଂଗ୍ରେସ ଦେଶବାସୀଙ୍କୁ ଭ୍ରମିତ କରୁଛି। କିନ୍ତୁ ଦେଶବାସୀ ସବୁ କଥା ଜାଣିଛନ୍ତି। ତେଣୁ କଂଗ୍ରେସ ଦେଶବାସୀଙ୍କୁ ନିଃସର୍ତ୍ତ କ୍ଷମା ମାଗିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆର. ସନ୍ଥଗୋପାଳନଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦାୟିତ୍ୱ

**ଭୁବନେଶ୍ୱର,୨୪।୧୨(ସମିସ):** ଆଇଏଏସ୍ ଆର. ସନ୍ଥଗୋପାଳନଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସଞ୍ଜୀବ ମିଶ୍ରଙ୍କ ସ୍ଥାନରେ ସନ୍ଥଗୋପାଳନଙ୍କୁ ଅତିରିକ୍ତ ଭାବେ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ଗୋପାଳନ ବର୍ତ୍ତମାନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଗୃହ(ବୈଦ୍ୟୁତିକ) ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତ ଅଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ସମ୍ବଲପୁର, ୨୪।୧୨(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ତଥା ସଦର ବନାଞ୍ଚଳ ଅନ୍ତର୍ଗତ ଆମଲିପାଣି ନୂଆମୁଣ୍ଡାଠାରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସୋମବାର ରାତିରେ ସତୋ ଟୁଟି(୬୩) ନିଜ ଘର ନିକଟରେ କରିଥିବା ପରିବା ତଥା ଧାନ ଚାଷକୁ ହାତୀ ଉପଦ୍ରବରୁ ରକ୍ଷା କରିବା ପାଇଁ ନିଆଁ ଜାଳି ଜଗି ବସିଥିଲେ। ଏହି ସମୟରେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ବନ ବିଭାଗ ତାଙ୍କୁ ଉଦ୍ଧାର କରି ବୁର୍ଲା ଭୀମସାରରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବନବିଭାଗ କହିଛି। ରବିବାର ମଧ ହାତୀ ଆକ୍ରମଣରେ ଯୁଯୁମୁରା ବ୍ଲକ ଲିପିଣ୍ଡା ଗ୍ରାମର ଜଣଙ୍କ ମୃତ୍ୟୁ ଘଟିଥିଲା।

# ଗଜାଧାନ ଧରି ଜିଲ୍ଲାପାଳଙ୍କ ଅଫିସ୍‌ରେ ଚାଷୀ



**ପାରଳାଖେମୁଣ୍ଡି,୨୪।୧୨(ସମିସ):** ଗଜାଧାନ ଧରି ଜିଲ୍ଲାପାଳଙ୍କ ଅଫିସ୍‌ରେ ଚାଷୀ। ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଏପରି ସ୍ଥିତି ଦେଖିବାକୁ ମିଳିଛି। ଅଦିନିଆ ବର୍ଷା ଯୋଗୁଁ ଜିଲ୍ଲାର ଗୋଷାଣି ବ୍ଲକରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ସରକାର କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏଯାବତ୍ ସରକାରୀ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିନାହାନ୍ତି। ତେଣୁ ମଙ୍ଗଳବାର ବ୍ଲକ୍‌ର ବିଭିନ୍ନ ପ୍ରାନ୍ତରର ଚାଷୀ ଗଜାଧାନ ଓ ନଷ୍ଟ ଧାନଗଛ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଚାଷୀମାନେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ଭେଟି ସେମାନଙ୍କ ଦୁଃଖ ଜଣାଇବା କ୍ଷତି ଭରଣା ପାଇଁ ଦାବି କରିଛନ୍ତି।

ସୂଚନାନୁଯାୟୀ, ଅଦିନିଆ ବର୍ଷା ଯୋଗୁଁ ଧାନଖଳା ଓ ବିଲରେ ବର୍ଷାପାଣି ପଶି ଧାନ ଓଦା ହୋଇ ଗଜା ହୋଇଯାଇଛି। ଚାଷୀର ବର୍ଷକର କଷ୍ଟ ପାଣିରେ ମିଶିଯାଇଛି। କିନ୍ତୁ ଏସବୁ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। କେହି ପ୍ରଶାସନିକ ଅଧିକାରୀ ଚାଷୀଙ୍କ ସମସ୍ୟା ବୁଝିବାକୁ ଯାଇନାହାନ୍ତି। କୃଷି ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ସର୍ଭେ କରି ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ସରକାର କହିଥିଲେ ହେଁ ଏଯାଏ ବ୍ଲକ୍‌ରେ ଏହାର କିଛି ସୋରଶବ୍ଦ ନାହିଁ। ସରକାରୀ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବା ପରିବର୍ତ୍ତେ ଚୁପ୍ ବସିଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ସରକାର ଗଜପତି ଚାଷୀମାନଙ୍କ ପାଇଁ ଧାନକିଣାରେ ଏଫ୍‌ଏକ୍ୟୁ ନୀତିରେ କୋହଳ କରିବାକୁ ଦାବି କରିଛି। ଅନ୍ୟପକ୍ଷରେ ୩୦ ଡିସେମ୍ବରରେ ଜିଲ୍ଲାରେ ଧାନ ମଣ୍ଡି ଖୋଲିବାକୁ ଯାଉଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଟୋକେନ୍ ପ୍ରଦାନ କରାଯାଇନଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ସେହିପରି ବୀମା କରାଯାଇଥିଲେ ମଧ ବୀମା କମ୍ପାନୀଗୁଡିକ ଏଯାଏଁ ସର୍ଭେ ଆରମ୍ଭ କରିନାହାନ୍ତି। ଫଳରେ ବୀମାରାଶି ମିଳିବ କି ନାହିଁ, ତାହାକୁ ନେଇ ମଧ ଚାଷୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ସମସ୍ତ ସମସ୍ୟାର ସମାଧାନ ଦିଗରେ ସରକାରଙ୍କୁ ଜଣାଇ ଦିଆଯିବ ଏବଂ ଅଧିକାରୀଙ୍କୁ କ୍ଷେତ୍ରକୁ ପଠାଯାଇ ବିବରଣୀ ନିଆଯିବ ବୋଲି ଜିଲ୍ଲାପାଳ ସେମାନଙ୍କୁ ଆଶ୍ୱାସନା ଦେଇଥିବା ଜଣାଯାଇଛି।

# ଗୋଟିଏ ଦିନରେ ୬ ଜଣଙ୍କୁ ଜେଲ୍‌ଦଣ୍ଡ

**ଭୁବନେଶ୍ୱର/ବ୍ରହ୍ମପୁର,୨୪।୧୨(ସମିସ):** ଦୁର୍ନୀତି, ଲାଞ୍ଚ ଏବଂ ଡିଏ ମାମଲାରେ ଗୋଟିଏ ଦିନରେ ୬ ଜଣଙ୍କୁ ଜେଲ୍‌ଦଣ୍ଡ ହୋଇଛି। ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ

- **ପୂର୍ବତନ ଆଇଏଏସ୍ ଅଫିସର ବିନୋଦଙ୍କୁ ୩ବର୍ଷ ଜେଲ୍**
- **ଲାଞ୍ଚ ମାମଲାରେ ଡବ୍ଲ୍ୟୁଇଓ ଅଫିସରଙ୍କୁ ୪ବର୍ଷ ଦଣ୍ଡ**
- **ଡିଏ ମାମଲାରେ ପିଅନ ଏବଂ ପତ୍ନୀଙ୍କୁ ୩ବର୍ଷ କାରାଦଣ୍ଡ**

ଉନ୍ନୟନ(ଓଆରଏଚ୍‌ଡିସି)ର ପୂର୍ବତନ ଏମ୍‌ଡି ବିନୋଦ କୁମାର(ଆଇଏଏସ) ଏବଂ ଅନ୍ୟ ଦୁଇ ଜଣଙ୍କୁ ଦୁର୍ନୀତି ମାମଲାରେ ଜେଲ୍‌ଦଣ୍ଡ ହୋଇଛି। ଭୁବନେଶ୍ୱର ସ୍ପେଶାଲ ଭିଜିଲାନ୍ସ କୋର୍ଟ ଏହି ମାମଲାର ଶୁଣାଣି କରି ବିନୋଦ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଟେକ୍ନିକାଲ) ପୂର୍ଣ୍ଣଚନ୍ଦ୍ର ଦାଶ ଏବଂ ରାଜ୍ୟ ସଂଯୋଜକ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ୩ବର୍ଷ ଜେଲ୍ ଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଏହି ୩ ଅଭିଯୁକ୍ତ ଜାଲ୍ ଦସ୍ତାବିଜ୍ ମାଧ୍ୟମରେ ଅଯୋଗ୍ୟ ହିତାଧିକାରୀଙ୍କୁ ବିନା ସିକ୍ୟୁରିଟ୍‌ରେ ଋଣ ମଞ୍ଜୁର କରିଥିଲେ। ଯାହାଫଳରେ ସରକାର ଲକ୍ଷାଧିକ ଟଙ୍କା କ୍ଷତି ସହିଥିଲେ। ଅଡିଟ୍‌ରୁ ଏହି ଅନିୟମିତତା ଧରାପଡ଼ିବା ପରେ ମାମଲା ରୁଜୁ କରି ଭିଜିଲାନ୍ସ ତଦନ୍ତ ଚଳାଇଥିଲା।

ସେହିପରି ଲାଞ୍ଚ ମାମଲାରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକର ପୂର୍ବତନ ଡବ୍ଲ୍ୟୁଇଓ ରଞ୍ଜନ ଜେନାଙ୍କୁ ଜେଲ୍‌ଦଣ୍ଡ ହୋଇଛି। ଫୁଲବାଣୀ ସ୍ପେଶାଲ ଭିଜିଲାନ୍ସ କୋର୍ଟ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ରଞ୍ଜନଙ୍କୁ ୪ବର୍ଷ ଜେଲ୍‌ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। କିରିକୁଟି ୟୁଜି ହାଇସ୍କୁଲର ଇଲେକ୍ଟ୍ରିବିଲ୍ ପାସ୍ କରିବାକୁ ଲାଞ୍ଚ ମାଗି ସେ ଧରାପଡିଥିଲେ।ରଞ୍ଜନ ସଂପ୍ରତି ପୁରୀ ଜିଲ୍ଲା ନିମାପଡ଼ାରେ ଡବ୍ଲ୍ୟୁଇଓ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ଚାକିରିରୁ ବିଦା କରିବା ପାଇଁ ଭିଜିଲାନ୍ସ କମ୍ପିଟାଣ୍ଟ ଅଥରିଟିଙ୍କୁ ଚିଠି ଲେଖିଛି। କୋର୍ଟଙ୍କ ଏହି ରାୟ ଆସିବା ପରେ ଅଭିଯୁକ୍ତ ରଞ୍ଜନଙ୍କୁ ଜେଲ୍ ଯିବାକୁ ପଡିଛି।

ସେହିପରି ଆୟ ବହିର୍ଭୂତ ମାମଲାରେ ଗଞ୍ଜାମ ଜିଲ୍ଲା ବଳରାମପୁର ଓଏମ୍‌ଭିଡି ଚେକ୍‌ଗେଟ୍‌ର ପୂର୍ବତନ ଡିଏଲ୍‌ଆର୍ ଆର. ଜଗାରାଓ ଏବଂ ପତ୍ନୀ ଆର. ଉର୍ବଶୀଙ୍କୁ ଜେଲ୍‌ଦଣ୍ଡ ହୋଇଛି। ବ୍ରହ୍ମପୁର ସ୍ପେଶାଲ ଭିଜିଲାନ୍ସ କୋର୍ଟ ଏହି ମାମଲାର ଶୁଣାଣି କରି ଉଭୟଙ୍କୁ ୩ବର୍ଷ ଜେଲ୍‌ଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ସିଆରପିଏଫ୍ କ୍ୟାମ୍ପ ଉପରେ ମାଓ ଆକ୍ରମଣ, ୨ ଯବାନ ଆହତ

**ମାଲକାନଗିରି, ୨୪।୧୨ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ସୁକୁମା ଜିଲ୍ଲାର ନୂତନ ସିଆରପିଏଫ୍ କ୍ୟାମ୍ପ ଉପରେ ମାଓବାଦୀ ଆଜି ଅତର୍କିତ ଆକ୍ରମଣ କରି ବିଜିଏଲ ଲଞ୍ଚର୍ ମାଡ଼ କରିଛନ୍ତି। ଯେଉଁଥିରେ ୨ଜଣ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲା ଗୋମାଗୁଡ଼ାଠାରେ ନୂତନ ଭାବେ ପ୍ରତିଷ୍ଠିତ ସିଆରପିଏଫ୍ କ୍ୟାମ୍ପ୍ ଉପରେ ମାଓବାଦୀମାନେ ଅତର୍କିତ ଆକ୍ରମଣ କରିଥିଲେ। କ୍ୟାମ୍ପ ବାହାରେ କର୍ଡନ କରି ମାଓବାଦୀମାନେ ଗୁଳି ଚଳାଇଥିଲେ।

# ଅସ୍ତ୍ରଶସ୍ତ୍ର ତିଆରି ଉପକରଣ ଓ ମାଓ ସାମଗ୍ରୀ ଜବତ

**ମାଲକାନଗିରି, ୨୪।୧୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓ ଦମନ ପାଇଁ ତଲାସୀ ଅଭିଯାନ ବେଳେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। ଜଙ୍ଗଲ ମଧ୍ୟରୁ ବିପୁଳ ମାଓସମଗ୍ରୀ ସହ ଅସ୍ତ୍ରଶସ୍ତ୍ର ତିଆରି ଉପକରଣ ଜବତ କରିଛନ୍ତି ଯବାନ। ସୂଚନାନୁଯାୟୀ, ବିଜାପୁର ଜିଲ୍ଲାର ତାରେମ ଥାନା ଅନ୍ତର୍ଗତ କୋମାଟପାଲି ଜଙ୍ଗଲରେ ଡିଆର୍‌ଜି ଯବାନ ଓ ପୁଲିସ ପକ୍ଷରୁ ତଲାସୀ ଅଭିଯାନ ବେଳେ ଏକ ମାଓ-ଡମ୍ପ ଠାବ ହୋଇଥିଲା। ସେଥିରୁ ବନ୍ଧୁକ ତିଆରି ସାମଗ୍ରୀ ସହ ବିସ୍ଫୋରକ ପ୍ରସ୍ତୁତ କରିବା ଯନ୍ତ୍ରପାତି ଏବଂ ଉପକରଣ ମିଳିଥିଲା। ଉକ୍ତ ସ୍ଥାନରୁ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ମଧ ଜବତ ହୋଇଛି। ଏସବୁ ସାମଗ୍ରୀ ମାଓବାଦୀମାନେ ଲୁଚାଇ ରଖିଥିଲେ।

# ବନ୍ଦର ନିଷିଦ୍ଧାଞ୍ଚଳରୁ ଦୁଇ ସନ୍ଦିଗ୍ଧ ପାରା ଉଦ୍ଧାର

**ପାରାଦୀପ,୨୪।୧୨(ସମିସ):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି)ରୁ ଗତକାଲି ସନ୍ଧ୍ୟାରେ ଦୁଇ ସନ୍ଦିଗ୍ଧ ପାରାକୁ ଉଦ୍ଧାର କରାଯାଇଛି। ଦୁଇ ପାରାଙ୍କ ଗୋଡ଼ରେ କିଛି ବୈଦ୍ୟୁତିକ ଯନ୍ତ୍ର ଲାଗିଥିବା ଦେଖିବାକୁ ମିଳିଥିଲା। ତଦନ୍ତ ପାଇଁ ପାରା ଦୁଇଟିକୁ କୁଜଙ୍ଗ ବନଖଣ୍ଡ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏହି ପାରା ଦୁଇଟି ପ୍ରଥମେ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଘୂରି ବୁଲୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ। କିଛି ସମୟ ବନ୍ଦର ଆକାଶରେ ଘୂରି ବୁଲିବା ପରେ ପିଆଇସିଟିରେ ଥିବା ଏକା ଜାହାଜ ଉପରେ ବସିଥିଲେ। ସେଠାରେ କାର୍ଯ୍ୟରତ ଶ୍ରମିକ ଏନେଇ ପ୍ରଥମେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଆଦର୍ଶ ଥାନାକୁ ଅବଗତ କରାଯାଇଥିଲା। ଥାନା ଅଧିକାରୀ କାବୁଲି ବାରିକ ପହଞ୍ଚି କୁଜଙ୍ଗ ବନ ବିଭାଗକୁ ଜଣାଇଥିଲେ। କୁଜଙ୍ଗ ବନଖଣ୍ଡ କର୍ମଚାରୀ ସେଠାରେ ପହଞ୍ଚି ଦୁଇ ପାରାକୁ ଉଦ୍ଧାର କରି ନିଜ ହେପାଜତକୁ ନେଇଥିଲେ। ତେବେ ପାରା ଗୋଡ଼ରେ ଲାଗିଥିବା ଯନ୍ତ୍ରକୁ କଢ଼ାଯାଇ ପରୀକ୍ଷା ପାଇଁ ପଠାଯିବ ବୋଲି ଜଣାଯାଇଛି।

ଏହି ଦୁଇ ସନ୍ଦିଗ୍ଧ ପାରା କେଉଁଠୁ ଓ କେମିତି ଆସିଛନ୍ତି, ତାଙ୍କ ଗୋଡ଼ରେ ଲଗାଯାଇଥିବା ଜିନିଷଟି କ'ଣ; ତାହା ଜାଣିବା ପୁଲିସ୍ ପକ୍ଷେ ସମ୍ଭବ ନଥିଲା। ଗୁଇନ୍ଦା ତଥ୍ୟ ସଂଗ୍ରହ କରିବାକୁ କିଏ ଏହାକୁ ପଠାଇ ଥାଇପାରେ ବୋଲି ଅନୁମାନ କରାଯାଉଛି। ଆବଶ୍ୟକ ପଡ଼ିଲେ, ଦେଶର ସୁରକ୍ଷା ସହ ଜଡ଼ିତ ସମସ୍ତ ବିଭାଗକୁ ଏ ବିଷୟରେ ଅବଗତ କରାଯିବ ବୋଲି ଜଣାପଡ଼ିଛି।

### ■ ରାଜପଥରେ ଅଭାବନୀୟ ଘଟଣା

# ଆକ୍ରମଣ ଓ ଦୁର୍ଘଟଣାରେ ଜଣେ ମୃତ; ୩ ଗୁରୁତର

**ବଲାଙ୍ଗିର/ଲୋଇସିଂହା,୨୪।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ସୋମବାର ସନ୍ଧ୍ୟାରେ ଜଣେ ୫୦ବର୍ଷୀୟ ବ୍ୟକ୍ତିଙ୍କୁ ତାଙ୍କ ସମ୍ପର୍କୀୟ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ସାହାଯ୍ୟ ମାଗୁଥିବା ବେଳେ ସେ ଭୟଭୀତ ହୋଇ ଦୁଇଜଣଙ୍କୁ ଧକ୍କା ଦେବା ସହ ନିଜେ ମଧ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନିଜଣ ଗୁରୁତର ହୋଇଛନ୍ତି।

ସୂଚନାନୁସାରେ, ଗତକାଲି ସନ୍ଧ୍ୟାରେ ବୁଦେଲବାହାଲି ଗାଁର ଈଶ୍ୱର ଝାଙ୍କର(୫୦) ଚାଲିଚାଲି ଆସୁଥିବା ବେଳେ ୨୬ନଂ ଜାତୀୟ ରାଜପଥ ଲୋଇସିଂହା-ବୁର୍ଡା ରାସ୍ତାରେ ଥିବା ବ୍ରିଜ ନିକଟରେ ତାଙ୍କର ଜଣେ ସଂପର୍କୀୟ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଆଖିରେ ଗଭୀର ଆଘାତ ଲାଗିଥିଲା। ସେତିକିବେଳେ ସେହି ରାସ୍ତାରେ ରାମପୁର ଅଞ୍ଚଳର ମଣ୍ଟୁ ଭୋଇ ବାଇକ୍‌ରେ ଯାଉଥିବା ବେଳେ ଈଶ୍ୱର ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଭୟଭୀତ ହୋଇ ସେ ଦ୍ରୁତଗତିରେ ପଳାଇ ଯାଉଥିବା ବେଳେ ବୁର୍ଡା ଗାଁର ଭାଗରଥୀ ସାହୁ ଓ ପରେ ଘୁଷୁରାମୁଣ୍ଡା ଗାଁର ରାଜକୁମାର ହୋତାଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ରାଜକୁମାର ହୋତାଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଥିଲେ। ଲୋଇସିଂହା ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ସମସ୍ତ ଆହତ ଓ ମୃତକକୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଗୁରୁତର ଆହତଙ୍କୁ ରାତିରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ମଙ୍ଗଳବାର ସକାଳୁ ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଦାହେଲେ...

ମଧ ।।ସେ ବିବାଦୀୟ ହୋଇପଡ଼ିଥିଲେ। ଓଡ଼ିଶା ରାଜଭବନକୁ ସେ ବିଜେପିର କା।।ଣ୍ଟ୍ରୋଲ ରୁମ୍ ଭଳି ବ୍ୟବହାର କରିଥିଲେ। ରାଜଭବନରେ ରହି ଝାଡ଼ଖଣ୍ଡ ନିର୍ବାଚନ ପରିଚାଳନା କରୁଥିଲେ। ରାଜ୍ୟପାଳ ପଦ ଛାଡ଼ି ଝାଡ଼ଖଣ୍ଡ ରାଜନୀତିକୁ ଫେରିବା ଲାଗି ସେ ଜିଦ୍ ଧରିବାରୁ ବିଜେପି ହାଇକମାଣ୍ଡ ଅଡୁଆ ପରିସ୍ଥିତିରେ ପଡ଼ିଯାଇଥିଲେ। ତାଙ୍କୁ ବୁଝାଇବା ଲାଗି ବିଜେପି ନେତାମାନଙ୍କୁ ଢେର କସରତ କରିବାକୁ ପଡ଼ିଥିଲା। ନିର୍ବାଚନରେ ତାଙ୍କର ବୋହୂଙ୍କୁ ବିଜେପି ପ୍ରାର୍ଥୀ କରିଥିଲେ ମଧ ରଘୁବର କୁଆଡ଼େ ସନ୍ତୁଷ୍ଟ ନଥିଲେ। ଅନ୍ୟପକ୍ଷରେ ରାଜ୍ୟରେ ବିଜେପିକୁ ହରାଇବା ଲାଗି ସେ ନିଜ ଲୋକଙ୍କୁ ଲଗାଇ ଭିତିରି ଷଡ଼ଯନ୍ତ୍ର ଚଳାଇଥିଲେ। ଏହି ଖବର ଦଳୀୟ ହାଇକମାଣ୍ଡଙ୍କ ନିକଟରେ ପହଞ୍ଚିଥିଲା। ଆଭ୍ୟନ୍ତରୀଣ ଯାଞ୍ଚ ରିପୋର୍ଟ ମିଳିବା ପରେ ହାଇକମାଣ୍ଡ କ୍ଷୁବ୍ଧ ହୋଇ ତାଙ୍କୁ ବିଦା କରିଥିବା କୁହାଯାଉଛି।

କେବଳ ବିଜେଡି କି କଂଗ୍ରେସ ନୁହେଁ, ବିଜେପି ନେତାମାନେ ମଧ ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେ ବିଶ୍ୱବିଦ୍ୟାଳୟ ଆଇନ୍‌ର ସଂଶୋଧନ ବିଲ୍‌କୁ ଦସ୍ତଖତ ନ କରି ଫେରାଦେଇଥିଲେ। ବିଜେପି ସରକାରକୁ ଏହା ଅଡୁଆରେ ପକାଇ ।।ଦେଇଥିଲା। ଏସବୁ ଘଟଣାରେ ତାଙ୍କର ଅଯଥା ହସ୍ତକ୍ଷେପକୁ ନେଇ ରାଜ୍ୟ ବିଜେପି ନେତା ହାଇକମାଣ୍ଡଙ୍କ ନିକଟରେ ଫେରାଦ ହୋଇଥିଲେ।

### ହଟିଲେ ରଘୁବର...

ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୩ରୁ ୨୦୦୪ ପର୍ଯ୍ୟନ୍ତ ସେ ଆନ୍ଧ୍ର ବିଧାନସଭାରେ ବିଜେପି ବିଧାୟକ ଦଳ ନେତା ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୧୪ରେ ସେ ବିଶାଖାପଟ୍ଟନମ୍ ନିର୍ବାଚନମଣ୍ଡଳୀରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ।୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ସେ ଆନ୍ଧ୍ର ପ୍ରଦେଶ ବିଜେପି ଶାଖାର ସଭାପତି ଥିଲେ। ୨୦୨୧ ଜୁଲାଇରେ ତାଙ୍କୁ ମିଜୋରାମର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା।

ସୂଚନାଯୋଗ୍ୟ ଯେ ୧୯୭୪-୭୫ରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ହୋଇଥିବା ଲୋକ ସଂଘର୍ଷ ସମିତି ଆନ୍ଦୋଳନରେ ସାମିଲ ହୋଇ ସେ ଜେଲ ଯାଇଥିଲେ।

**AFFIDAVIT**

I, **Srikant KumarJena,** S/o.: Basant Kumar Jena, Resident of L-189, Baramunda Housing Board Colony, Near Govt UP School, P.S.: Khandagiri, Bhubaneswar, Dist.: Khorda, PIN-751003, Odisha, declare by this affidavit No.: 18, dated-23/12/2024, that now onwards I shall be known as **SRIKANTA KUMAR JENA** for all future purposes.

**AFFIDAVIT**

I, Sunita Agrawal, W/o- Rajendra Prasad Agarwal, resident of At-Flat No. 902, Meridien Tower, Narayan Residency, Ps- Uditnagar, Rourkela, Dist-Sundargarh, Pin Code-769012, Odisha declared by this affidavit No. 2379, dtd- 23/12/2024 that now onwards I shall be known as **SUNITA AGARWAL** for all future purposes.

**AFFIDAVIT**

By virtue of an affidavit Sl. No. 7, dtd. 18.12.2024 in the Court of the Executive Magistrate, Phirinigia, Kandhamal, I Kalia Kanhar have changed my minor daughter's name from Snehansi Kanhar to Chinmayee Kanhar. Henceforth she will be known as Chinmayee Kanhar for all purposes.

**Sd/- Kalia Kanhar**

**AFFIDAVIT**

I, Rajendra Prasad Agrawal, S/o- Manoharlal Agarwal, resident of At-Flat No. 902, Meridien Tower, Narayan Residency, Ps- Uditnagar, Rourkela, Dist-Sundargarh, Pin Code-769012, Odisha declared by this affidavit No. 2378, dtd- 23/12/2024 that now onwards I shall be known as **RAJENDRA PRASAD AGARWAL** for all future purposes.

**AFFIDAVIT**

By virtue of an affidavit Sl. No. 9, dtd. 23.12.2024 in the Court of the Executive Magistrate, Phiringia, Kandhamal, I Laxmi Priya Digal, have changed my minor daughter's name from Debasmita Digal to Manisha Digal. Henceforth she will be known as Manisha Digal for all purposes.

**Sd/- Laxmi Priya Digal**

**AFFIDAVIT**

I, Karishma Kumari Agarwal, W/o- Amit Agarwal, resident of At-Birmitrapur, Main Road, Near Post Office, Ps-Birmitrapur, Dist-Sundargarh, Pin Code-770033, Odisha declared by this affidavit No. 2391, dtd- 24/12/2024 that now onwards I shall be known as **KARISHMA AGARWAL** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 18/12/2024 I, SRIKANT KUMAR PADHY (new name), Address Deula Sahi, Ward No. 07, Jubli Town, VTC - Dhenkanal, PO/Dist-Dhenkanal, Odisha - 759001 declare that I have changed my name from SRIKANTA KUMAR PADHY to SRIKANT KUMAR PADHY. Henceforth, I shall be known as SRIKANT KUMAR PADHY for all purposes.

**(SRIKANT KUMAR PADHY)**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SUNDARGARH IRRIGATION DIVISION, SUNDARGARH**
ଅଧିକ୍ଷଣ ଯନ୍ତ୍ରୀ, ସୁନ୍ଦରଗଡ଼ ଜଳସେଚନ ବିଭାଜନ, ସୁନ୍ଦରଗଡ଼
A-777
*E.mail-ID- irreesng@yahoo.in / irreesng@gmail.com*
**'e' Procurement for Civil Works**
**Bid-Identification No. SID-02/2024-25 (On-line), Dt.21.12.2024**
**Letter No. 10521, Dt. 21.12.2024**

| | | | |
|---|---|---|---|
| 1 | No. of works | :- | Nineteen (19 Nos.) |
| 2 | Estimated Cost | :- | Rs.6.35 Lakh to Rs.41.47 Lakh |
| 3 | Period of completion | :- | Two (02) Calendar Months |
| 4 | Date & Time of availability | :- | Dt.27.12.2024 at 10:00 AM to Dt.04.01.2025 up to 5:30 PM |
| 5 | Last date/Time for receipt of bids in the portal | :- | Dt.04.01.2025 up to 5:30 PM |
| 6 | Date and time of opening of tender | :- | Dt.07.01.2025 at 11:00 AM |

*Further details can be seen from the State Govt. Portal:- www.tendersodisha.gov.in.*
Any addendum/corrigendum/cancellation of tender can also be seen in the said website.

**Superintending Engineer**
**Sundargarh Irrigation Division**
**Sundargarh**

OIPR-32134/11/0002/2425

**AFFIDAVIT**

By virtue of an affidavit No 73AA 830843, Dated 17/12/2024 before the Executive Magistrate, Bhubaneswar, I, Swarnamitra Bichitra Nanda Samal, W/o- Bichitra Nanda Samal resident of AT: Flat No.302, 3rd Floor, Lane-5, Shakun Palace PO: Reasonal Research Laboratory, PS: Nayapalli, Bhubaneswar Dist: Khordha (Odisha), Pin: 751013, do hereby declare that "Swarnamitra B Samal", "Swarnamitra Samal", "Swarnamitra Bichitra Nanda Samal" & "Swarnamitra Jena" is the same and one Person for all purposes.

**AFFIDAVIT**

By Virtue of an Affidavit Sworn before R. Naik, EXECUTIVE MAGISTRATE, Bhubaneswar on dt.24/12/2024. I Saraswati Behera, aged about 36 years W/o. Late Siba Prasad Behera resident of Nalapahi, Po- Kereragarh, Dist- Kendrapara, Pin- 754246, Declared that, I want for necessary rectification of my daughter's Aadhar Card Wherein has been mentioned her first name Sangmitra Behera instead of actual name "Surekha Behera". Which is reflected in her birth certificate vide Regd no.2572 dt.04/11/2013 issued by Registrar Birth & Death's PSC,Aul,Kendrapara. Now she shall be known as Surekha Behera for all purpose. Sanghamitra Behera & Surekha Behera is one & the Same person.

ସକାଳ
THE SAKALA

# ସମ୍ପାଦକୀୟ



ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଓ ମହିଳା ସଶକ୍ତୀକରଣ ଦ୍ୱାରା ଜନସଂଖ୍ୟା ବିସ୍ଫୋରଣକୁ ରୋକାଯାଇପାରିବ।
-ବିଲ୍ ଗେଟ୍ସ

## ହସିନା କଣ୍ଟା

ଭାରତରେ ରାଜନୈତିକ ଆଶ୍ରୟ ନେଇଥିବା ବାଂଲାଦେଶର ଗାଦିଚ୍ୟୁତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ସେଠାକାର ବୈଦେଶିକ ମନ୍ତ୍ରଣାଳୟ ଭାରତ ସରକାରଙ୍କୁ ପତ୍ର ଲେଖିଛି। ହସିନାଙ୍କ ବିରୋଧରେ ଆଗତ ଆପରାଧିକ ମାମଲାର ନ୍ୟାୟିକ ବିଚାର ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାରୁ ବାଂଲାଦେଶ ସରକାରଙ୍କ ହେପାଜତରେ ତାଙ୍କୁ ରଖାଯିବା ଜରୁରୀ ବୋଲି ପତ୍ରରେ ଉଲ୍ଲେଖ ରହିଛି। ଏହାପୂର୍ବରୁ ମଧ୍ୟ ସେଠାକାର ଆନ୍ତର୍ଜାତିକ ଅପରାଧିକ ଅଦାଲତ ଗତ ଅକ୍ଟୋବର ମାସରେ ହସିନାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲା। ତେବେ ଦ୍ୱିପାକ୍ଷିକ କୂଟନୈତିକ ରାଜିନାମା ଆଧାରରେ ଭାରତ ସରକାର ହସିନାଙ୍କୁ ବାଂଲାଦେଶ ସରକାରଙ୍କୁ ପ୍ରତ୍ୟର୍ପଣ କରିବେ କି ନାହିଁ ତାହା ଉପରେ ଚର୍ଚ୍ଚା ଆରମ୍ଭ ହୋଇଛି। ଯଦି ଭାରତ ସରକାର ବାଂଲାଦେଶ ସରକାରଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରନ୍ତି ତେବେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ତିକ୍ତ ହେବ। ଅପରପକ୍ଷରେ ଯଦି ହସିନାଙ୍କୁ ପ୍ରତ୍ୟର୍ପଣ କରାଯାଏ ତେବେ ବାଂଲାଦେଶର ମୌଳବାଦୀ ଶକ୍ତି ଆଗରେ ଭାରତ ମୁଣ୍ଡ ନୁଆଁଇବା ଭଳି ହେବ ଏବଂ ତାହା ସେଠାରେ ବର୍ତ୍ତମାନ ସକ୍ରିୟ ଗଣତନ୍ତ୍ର ବିରୋଧୀ ମୌଳବାଦୀ ସଂଗଠନ ପ୍ରରୋଚିତ କାମଚଳା ସରକାରଙ୍କୁ ସୁହାଇବ। ଶେଖ ହସିନାଙ୍କୁ ପ୍ରତ୍ୟର୍ପଣ କରି ଭାରତ ତାଙ୍କ ସହିତ ୧୫ ବର୍ଷର ସମ୍ପର୍କକୁ କୁଠାରଘାତ କରିବା ଭଳି ପଦକ୍ଷେପ ଭାରତ ନେବ କି ନାହିଁ ତାହା ଉପରେ ମଧ୍ୟ ବିତର୍କ ଆରମ୍ଭ ହୋଇଛି।

ଭାରତ ପାଖରେ ଏଭଳି ଅନେକ ବିଧିବିକଳ୍ପ ରହିଛି, ଯାହା ବଳରେ ହସିନାଙ୍କୁ ଭାରତ ରାଜନୈତିକ ଆଶ୍ରୟ ଦେବାରେ କୌଣସି ଚାପ ସୃଷ୍ଟି ହେବ ନାହିଁ କି ତାଙ୍କୁ ପ୍ରତ୍ୟର୍ପଣ ପାଇଁ ବାଧ୍ୟବାଧକତା ସ୍ୱୀକାର କରିବ ନାହିଁ। ଆପରାଧିକ ଓ ଦେଶବିରୋଧୀ କାର୍ଯ୍ୟରେ ଲିପ୍ତ ଅଥଚ ଅନ୍ୟ ଦେଶରେ ଆତ୍ମଗୋପନ କରିଥିବା ପଳାତକ ଅସାମାଜିକ ତତ୍ତ୍ୱମାନଙ୍କୁ ଉଭୟ ଦେଶ ଉଭୟଙ୍କୁ ହସ୍ତାନ୍ତର କରିବା ପାଇଁ ଭାରତ-ବାଂଲାଦେଶ ମଧ୍ୟରେ ୨୦୧୩ରେ 'ପଳାତକ ପ୍ରତ୍ୟର୍ପଣ ଚୁକ୍ତି' ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ୨୦୧୬ରେ କେତେକ ସଂଶୋଧନ କରାଯାଇଥିଲା। ଏହି ସଂଶୋଧିତ ପଳାତକ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କେବଳ ସେହି ପଳାତକଙ୍କୁ ପ୍ରତ୍ୟର୍ପଣ କରାଯିବ, ଯାହାଙ୍କୁ ଉଭୟ ଦେଶର ସ୍ଥାନୀୟ ଅଦାଲତ ଦୋଷୀ ସାବ୍ୟସ୍ତ କରି ଅନ୍ୟୂନ ଏକବର୍ଷରୁ ଊର୍ଦ୍ଧ୍ୱ ସଶ୍ରମ କାରାଦଣ୍ଡ ସହିତ ଜୋରିମାନାରେ ଦଣ୍ଡିତ କରିଥିବ। ପୁଣି ପ୍ରତ୍ୟର୍ପଣ ପାଇଁ ଅନୁରୋଧ କରିଥିବା ଦେଶର ଅଦାଲତଙ୍କ ଆଦେଶ ଦ୍ୱାରା ହିଁ ଏହି ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ଉପରେ ବିଚାର କରାଯାଇପାରିବ। ଏହି ଚୁକ୍ତିନାମା ବଳରେ ଭାରତ-ବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ ଉଲ୍‌ଫା ନେତା ଅନୁପ ଛେଟିଆ ସମେତ ବାଂଲାଦେଶରେ ଆତ୍ମଗୋପନ କରିଥିବା ଦୁଇଜଣ ଉଗ୍ରବାଦୀଙ୍କୁ ବାଂଲାଦେଶ ଭାରତକୁ ପ୍ରତ୍ୟର୍ପଣ କରିଥିବା ବେଳେ ଭାରତ ମଧ୍ୟ ଦୁଇ ବାଂଲାଦେଶ ବିରୋଧୀ ତତ୍ତ୍ୱକୁ ପ୍ରତ୍ୟର୍ପଣ କରିଥିଲା। ହସିନାଙ୍କ ପ୍ରତ୍ୟାର୍ପଣ ପାଇଁ ବାଂଲାଦେଶ ଚୁକ୍ତିନାମାର ଉପରୋକ୍ତ ସର୍ତ୍ତକୁ ଦର୍ଶାଇଛି। ଅପରପକ୍ଷରେ ଚୁକ୍ତିନାମାର ଆଉ ଏକ ସର୍ତ୍ତ ଅନୁଯାୟୀ ଯଦି କୌଣସି ପଳାତକଙ୍କୁ ପ୍ରତ୍ୟର୍ପଣ ଅନୁରୋଧ ପଛର କାରଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ ତେବେ ସେହି ଅନୁରୋଧ ଗ୍ରହଣ କରିବାକୁ କିମ୍ବା ଚୁକ୍ତିର ସର୍ତ୍ତ ମାନିବାକୁ ଅପରଦେଶ ବାଧ୍ୟ ନୁହେଁ। ହସିନା ଭାରତରେ ରାଜନୈତିକ ଶରଣ ନେଇଥିବାରୁ ଚୁକ୍ତିର ଉପରୋକ୍ତ ସର୍ତ୍ତ ଅନୁସାରେ ଭାରତ ସରକାର ହସିନାଙ୍କୁ ବାଂଲାଦେଶ ସରକାରଙ୍କୁ ପ୍ରତ୍ୟର୍ପଣ କରିବାକୁ ବାଧ୍ୟ ନୁହନ୍ତି।

ଆଉ କେତେକ ବିଶେଷଜ୍ଞଙ୍କ ମତରେ ଚାର୍ଜସିଟ୍‌ରେ ହସିନାଙ୍କ ବିରୋଧରେ ହତ୍ୟା, ଅପରହରଣ ଓ ଗଣହତ୍ୟା ପରି ଅଭିଯୋଗମାନ ଉଲ୍ଲେଖ ରହିଛି। ଭାରତ-ବାଂଲାଦେଶ ପଳାତକ ପ୍ରତ୍ୟର୍ପଣ ସଂଶୋଧିତ ଚୁକ୍ତିନାମାର ଧାରା ୧୦(୩) ଅନୁଯାୟୀ ପ୍ରତ୍ୟର୍ପଣ ପାଇଁ ଅନୁରୋଧ କରିଥିବା ଦେଶ ସମ୍ପୃକ୍ତ ପଳାତକଙ୍କ ବିରୋଧରେ ବିପକ୍ଷ ଦେଶ ଆଗରେ କୌଣସି ପ୍ରମାଣ ମଧ୍ୟ ଉପସ୍ଥାପନ କରିବା ଆବଶ୍ୟକ ନାହିଁ। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ହସିନାଙ୍କୁ ଭାରତ ପ୍ରତ୍ୟାର୍ପଣ କରିବାକୁ ବାଧ୍ୟ। କିନ୍ତୁ ସେହି ଚୁକ୍ତିର ଧାରା ୭ ଅନୁସାରେ ପ୍ରତ୍ୟର୍ପିତ ହେବାକୁ ଥିବା ପଳାତକଙ୍କ ବିରୋଧରେ ଯଦି ପ୍ରତ୍ୟର୍ପଣ କରିବାକୁ ଥିବା ଦେଶର କୌଣସି ଅଦାଲତରେ ମାମଲା ରୁଜୁ ହୋଇନାହିଁ, ତେବେ ସେହି ଦେଶ ପ୍ରତ୍ୟର୍ପଣ କରିବାକୁ ବାଧ୍ୟ ନୁହେଁ। ସେହିପରି ଧାରା ୮ ଅନୁଯାୟୀ କେବଳ ପ୍ରତିଶୋଧ ଅଭିସନ୍ଧିମୂଳକ ଅଭିଯୋଗ ଆଧାରରେ ପ୍ରତ୍ୟର୍ପଣ କରାଯିବ ନାହିଁ କି ସାମରିକ ଅପରାଧ ଜନିତ ଦଣ୍ଡବିଧାନ ଯଦି ବେସାମରିକ ଆପରାଧିକ ଦଣ୍ଡବିଧାନର ବିରୁଦ୍ଧାଚରଣ କରୁଥିବ ତେବେ ମଧ୍ୟ ସମ୍ପୃକ୍ତ ପଳାତକଙ୍କୁ ପ୍ରତ୍ୟର୍ପଣ କରିବାକୁ ଚୁକ୍ତିବଦ୍ଧ ରାଷ୍ଟ୍ର ବାଧ୍ୟ ନୁହନ୍ତି। ତେଣୁ ହସିନାଙ୍କୁ ଭାରତ ଆଇନତଃ ପ୍ରତ୍ୟର୍ପଣ କରିବାକୁ ବାଧ୍ୟ ନୁହେଁ।

ହସିନା ରାଜନୈତିକ ଆଶ୍ରୟ ନେଇଥିଲେ ମଧ୍ୟ ତାଙ୍କୁ ବର୍ତ୍ତମାନ ଶରଣାର୍ଥୀ ଭାବରେ ବିବେଚନା କରାଯାଇପାରିବ। କାରଣ ଜାତିସଂଘର 'ରେଫ୍ୟୁଜି କନ୍‌ଭେନ୍‌ସନ୍ ୧୯୫୧' ଏବଂ '୧୯୬୭ ପ୍ରୋଟୋକଲ୍'ର ନିର୍ଦ୍ଧାରିତ ସଂଜ୍ଞା ଅନୁଯାୟୀ - ସେହି ଦେଶାନ୍ତରିତ ବ୍ୟକ୍ତି ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ପରିସ୍ଥିତିକୁ ଭୟ କରି କିମ୍ବା ଜୀବନପ୍ରତି ବିପଦ ଆଶଙ୍କା କରି ସ୍ୱଦେଶ ଫେରିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ପାଖରେ ଫେରିବାର ସୁଯୋଗ ନାହିଁ କିମ୍ବା ସ୍ୱଦେଶର ନାଗରିକତ୍ୱ ପରିତ୍ୟାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ରେଫ୍ୟୁଜି ବା ଶରଣାର୍ଥୀ ଭାବେ ଅଭିହିତ କରାଯିବ। 'କନ୍‌ଭେନ୍‌ସନ୍ ଅନ୍ ସିଭିଲ୍ ଆଣ୍ଡ ପଲିଟିକାଲ୍ ରାଇଟ୍'ରେ ଭାରତ ସ୍ୱାକ୍ଷର କରିଥିବାରୁ 'ନନ୍‌ରିଫାଉଲମେଣ୍ଟ' ନିୟମର ଉଲ୍ଲଙ୍ଘନ କରିପାରିବ ନାହିଁ। ଏହାର ଅର୍ଥ ଯଦି କୌଣସି ଶରଣାର୍ଥୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ଭୟ କରୁଛନ୍ତି ତେବେ ତାଙ୍କୁ ବଳପୂର୍ବକ ତାଙ୍କ ନିଜ ଦେଶକୁ ପଠାଯାଇପାରିବ ନାହିଁ। ତେଣୁ ହସିନାଙ୍କୁ ବାଂଲାଦେଶକୁ ପ୍ରତ୍ୟର୍ପଣ ନ କରିବା ପାଇଁ ଭାରତ ପାଖରେ ଉପରୋକ୍ତ ସର୍ତ୍ତ ଓ ନିୟମ ରହିଛି।

ଏବେ ହସିନା ରୂପକ କଣ୍ଟା ବାଂଲାଦେଶର ଗଳାରେ ଏଭଳି ଲଟକି ରହିଛି, ଯାହାକୁ ନା ବାହାର କରିହେଉଛି ନା ରଖି ହେଉଛି। ବସ୍ତୁତଃ, ସାମ୍ପ୍ରତିକ କୂଟନୈତିକ, ଅର୍ଥନୈତିକ ଓ ଭୌଗୋଳିକ ବାଧ୍ୟବାଧକତା ଦୃଷ୍ଟିରୁ ବାଂଲାଦେଶ ଶେଖ୍ ହସିନାଙ୍କ ପ୍ରତ୍ୟର୍ପଣକୁ ନେଇ ଭାରତ ବିରୋଧରେ ଉଗ୍ର ଆଭିମୁଖ୍ୟ ଗ୍ରହଣ କରିପାରିବ ନାହିଁ। ସେଠାରେ ଏବେ ଯେଉଁ କାମଚଳା ସରକାର ଚାଲିଛି ତା' ଆଗରେ ମୁଖ୍ୟ ଆହ୍ୱାନ ରହିଛି ରାଜନୈତିକ ସ୍ଥିରତା, ସାମ୍ପ୍ରଦାୟିକ ସଦ୍‌ଭାବନା ଓ ଅର୍ଥନୈତିକ ଅଭିବୃଦ୍ଧିର ପୁନରୁଦ୍ଧାର। ଭାରତ ସହିତ ଅଯଥା ସମ୍ପର୍କ ତିକ୍ତ କଲେ ବାଂଲାଦେଶର ଅର୍ଥନୀତି ଆହୁରି ନିମ୍ନଗାମୀ ହୋଇପାରେ, ତାହା ସେଠାକାର କାମଚଳା ସରକାରା ମୁଖ୍ୟ ଉପଦେଷ୍ଟା ତଥା ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍ ଭଲ ଭାବରେ ଅବଗତ।

## ପାରିବାରିକ ପୁରୁଷ ସୁରକ୍ଷା ଆଇନର ଆବଶ୍ୟକତା

ସୁନିତା ପ୍ରଧାନ

'ପୁରୁଷକୁ ଯନ୍ତ୍ରଣା ହୁଏ ନାହିଁ(ମର୍ଦ କୋ ଦର୍ଦ ନହିଁ ହୋତା) ।' ଏହା କେବଳ ସିନେମା ସଂଳାପରେ ଭଲ ଲାଗେ। କିନ୍ତୁ ବାସ୍ତବତା ହେଉଛି ପୁରୁଷଙ୍କୁ ମଧ୍ୟ କଷ୍ଟ ହୁଏ। ନାରୀମାନଙ୍କ ଭଳି ପୁରୁଷମାନଙ୍କର ମଧ୍ୟ ମନଟିଏ ଅଛି। ସେମାନଙ୍କୁ ଅନେକ କଥା ଦୁଃଖ ଦିଏ। ସେମାନଙ୍କ ଆଖିରେ ଲୁହ ଆସେ। କିନ୍ତୁ ଫରକ ଏତିକି ଯେ ନାରୀଟିଏ ସମସ୍ତଙ୍କ ସାମ୍ନାରେ କାନ୍ଦିପାରେ। ପୁରୁଷଟିଏ ନିଜ ଦୁଃଖ, କଷ୍ଟ ଓ ଲୁହକୁ ଓଠ ଚିପି ପିଇ ଦିଏ। କାହିଁକି ନା ଏ ସମାଜ ପୁରୁଷ ଆଖିରେ ଲୁହ ଦେଖି ତା' ଦୁଃଖ ଯନ୍ତ୍ରଣାକୁ ନ ବୁଝି ତା'କୁ କାପୁରୁଷର ଆଖ୍ୟା ଦିଏ। ତେଣୁ ପୁରଷଟି ତା'ର ସହଜାତ ପ୍ରବୃତ୍ତି ଆଉ ଆମ ସମାଜର ନୀତି ନିୟମକୁ ଦେଖି, ସବୁଦୁଃଖକୁ ସେ ନିଜ ଛାତି ଭିତରେ ଚାପି ରଖି ଉପରକୁ ହସିବାର ଅଭିନୟ କରେ। ନାରୀଟିଏ ଯେପରି ଘର ଛାଡ଼େ ପୁରୁଷଟିଏ ବି ନିଜ ପରିବାର ପାଇଁ ଘର ଛାଡ଼େ। ମାଆଟିଏ ଯେପରି ନିଜ ଛୁଆ ପାଇଁ ବ୍ୟସ୍ତ ବିବ୍ରତ ହୁଏ, ସନ୍ତାନ ଆଖିର ଲୁହ ମାଆକୁ ଯେତିକି କଷ୍ଟ ଦିଏ, ସେତିକି କଷ୍ଟ ଜଣେ ବାପା ମଧ୍ୟ ଅନୁଭବ କରେ। ପୁରୁଷଟିଏ ତମାମ ଜୀବନ କାନ୍ଧରେ ପରିବାରର ବୋଝକୁ ବୋହିଚାଲେ। ବେଳେବେଳେ ବିନା ଦୋଷରେ ଦୋଷୀ ସାବ୍ୟସ୍ତ ହୁଏ ପୁରୁଷ ଟିଏ।

ଯେତେବେଳେ ସେ ସହିବାର ସବୁ ସୀମା ଟପିଯାଏ, ପରିସ୍ଥିତି ଆଗରେ ଅସହାୟ ହୋଇ ପଡ଼େ, ନିଜ ଜୀବନ ହାରିବାକୁ ବାଧ୍ୟ ହୁଏ। ଏସବୁ ଘଟଣା ଏଇଠି ଉଲ୍ଲେଖ କରିବାର କାରଣ ହେଉଛି ଏଇ ନିକଟରେ ଘଟି ଯାଇଥିବା ଗୋଟିଏ ଘଟଣା। ଅତୁଲ ସୁଭାଷ ମୋଦୀ ନାମକ ବେଙ୍ଗାଲୁରୁର ଗୋଟିଏ କମ୍ପାନୀରେ ଇଞ୍ଜିନିୟର ଥିବା ଜଣେ ୩୪ ବର୍ଷୀୟ ଯୁବକଙ୍କ ଆତ୍ମହତ୍ୟା ଯେତିକି ଦୁଃଖଦାୟକ, ସେତିକି ଉଦ୍‌ବେଗଜନକ। ନିଜ ସ୍ତ୍ରୀ, ଶାଶୂ, ଶଳା ଓ ପରିବାର ଅଦାଲତରେ ଓକିଲଙ୍କ ଦ୍ୱାରା ନିର୍ଯାତିତ ଏବଂ ମହିଳା ସୁରକ୍ଷା କୈନ୍ଦ୍ରିକ ଆଇନର ଦୁରୁପଯୋଗର ପ୍ରଭାବରେ ଅତୁଲ୍ ଏତେ ଚାପଗ୍ରସ୍ତ ହୋଇ ପଡ଼ିଲେ ଯେ ଆତ୍ମହତ୍ୟା ଭଳି ଏକ ଚରମ ପଦକ୍ଷେପ ଆପଣେଇ ନେଲେ।

ସେ ତାଙ୍କର ୮୦ମିନିଟର ଭିଡିଓ ଓ ୨୪ପୃଷ୍ଠାରେ ନିଜ ଆତ୍ମହତ୍ୟା ପାଇଁ ଦାୟୀ ଥିବା ବ୍ୟକ୍ତି ଓ କାରଣ ସମ୍ପର୍କରେ ସବିଶେଷ ତଥ୍ୟ ଉଲ୍ଲେଖ କରିଛନ୍ତି। ସେ ନିଜ ଶେଷ ବାର୍ତ୍ତାରେ ଲେଖିଛନ୍ତି, 'ଜଷ୍ଟିସ ଇଜ ଡିଉ' - ଅର୍ଥାତ୍ 'ନ୍ୟାୟ ପାଇବା ବାକି ଅଛି।' ନିଜ ପ୍ରିୟଜନଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ଯେ ପର୍ଯ୍ୟନ୍ତ ମୋ ମୃତ୍ୟୁ ପାଇଁ ଦାୟୀ ଥିବା ବ୍ୟକ୍ତି ବା ହତ୍ୟାକାରୀମାନେ ଦୋଷୀସାବ୍ୟସ୍ତ ହୋଇ ଦଣ୍ଡ ପାଇ ନାହାନ୍ତି, ସେ ଯାଏଁ ମୋ ଅସ୍ଥିକୁ ବିସର୍ଜନ କରିବ ନାହିଁ। ଯଦି ସେମାନେ ନିର୍ଦ୍ଦୋଷରେ ଖଲାସ ହେଇ ଯାଆନ୍ତି ତେବେ ଅଦାଲତ ପାଖରେ ଥିବା ନାଳରେ ମୋ ଅସ୍ଥି ଫୋପାଡ଼ି ଦେବ। ପୁରୁଷଟିଏ ବେଳେ ବେଳେ ପରିସ୍ଥିତି ଆଗରେ କେତେ ଅସହାୟ ହୋଇପଡ଼େ ଏ ଘଟଣାରୁ ତାହା ସହଜରେ ଅନୁମେୟ।

ଜଣେ ପୁରୁଷ କେଉଁଭଳି ମାନସିକ ଚାପର ବଶୀଭୂତ ହେଇ ଏଭଳି ଏକ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିବେ ଥରେ ଭାବନ୍ତୁ। ଏହି ଘଟଣା କେବଳ ଜଣେ ଅତୁଲ ସୁଭାଷଙ୍କର ନାହିଁ। ଆଜି ଭାରତ ସମେତ ପୃଥିବୀର ଅନେକ ଦେଶରେ ଅଧିକାଂଶ ପୁରୁଷ ନିର୍ଯାତିତ। ବିକଶିତ ରାଷ୍ଟ୍ର ଆମେରିକା, ଲଣ୍ଡନ ଭଳି ଦେଶରେ ନ୍ୟାୟିକ ବ୍ୟବସ୍ଥା ଉଭୟ ନାରୀ ଓ ପୁରୁଷଙ୍କ ପାଇଁ ସମାନ। କିନ୍ତୁ ଆମ ଭାରତୀୟ ନ୍ୟାୟ ଓ ଆଇନ ବ୍ୟବସ୍ଥା ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କ ପାଇଁ ଅଧିକ ନମନୀୟ ଓ ସମ୍ବେଦନଶୀଳ। ଆମ ଆଇନରେ ଏହି ନାରୀକୈନ୍ଦ୍ରିକ ବ୍ୟବସ୍ଥା ଯୋଗୁଁ ଅଧିକାଂଶ ପୁରୁଷ ଆଜି ମିଛ ମାମଲାରେ ଅଭିଯୁକ୍ତ ପାଲଟି ଯାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ଭାରତୀୟ ସମ୍ବିଧାନ ଧାରା ୪୯୮(କ)ର ଦୁରୁପଯୋଗ ହେଉଥିବା ଅଭିଯୋଗ ହେଉଛି।




ସେଭ୍ ଇଣ୍ଡିଆନ ଫ୍ୟାମିଲି (ସିଫ) ହେଉଛି ଏକ ବେସରକାରୀ ସଂଗଠନ, ଯାହାକି ନିର୍ଯାତିତ ପୁରୁଷମାନଙ୍କୁ ନ୍ୟାୟ ଦେବା ନିମନ୍ତେ କାର୍ଯ୍ୟ କରେ। ଏହି ବେସରକାରୀ ସଂଗଠନର ଜଣେ କର୍ମକର୍ତ୍ତା ଏକଦା କହିଥିଲେ ଯେ ଆଜିକୁ ୮ ବର୍ଷ ତଳେ ଏହି ସଂଗଠନ ଜନ୍ମ ନେଇ ହେଲ୍ପଲାଇନ ନମ୍ବର୍ ଜାରି ହେବାର ୫୦ ଦିନ ଭିତରେ ପ୍ରାୟ ୧୬୦୦୦ ରୁ ଊର୍ଦ୍ଧ୍ୱ ନିର୍ଯାତିତ ପୁରୁଷଙ୍କର ଫୋନ୍ କଲ୍ ଆସିଥିଲା। ଏହି ଅନୁଷ୍ଠାନର କର୍ମଚାରୀଗଣ ଉଭୟ ମହିଳା ଓ ପୁରୁଷଙ୍କ ସହ କଥାବାର୍ତ୍ତା କରି ଅନେକ ସମସ୍ୟାର ସମାଧାନ କରିବାରେ ସଫଳ ହେଇ ପାରିଛନ୍ତି।

୨୦୨୧ ମସିହାରେ ମହେଶ ତିୱାରୀ ନାମକ ଜାଣେ ଓକିଲ ପୁରୁଷ ଆୟୋଗ ଗଠନ ନିମନ୍ତେ ଅଦାଲତରେ ଆବେଦନ କରିଥିଲେ। ସେ କହିଥିଲେ ଯେ, ୨୦୨୧ ମସିହାରେ ୧, ୬୪, ୦୩୩ ଆତ୍ମହତ୍ୟା ଘଟଣାରେ ବିବାହିତ ପୁରୁଷଙ୍କ ସଂଖ୍ୟା ୮୧, ୦୬୩। ୨୦୨୧ ମସିହାର ଗୋଟିଏ ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ୩୩.୨% ପୁରୁଷ ପାରିବାରିକ ସମସ୍ୟା ଯୋଗୁଁ ଓ ୪.୮% ବିବାହ ଜନିତ କାରଣ ଯୋଗୁଁ ନିଜର ଜୀବନ ହାରିଥିଲେ। ଏସବୁ ଘଟଣା ଦେଖିଲେ ଜଣାପଡୁଛି ଯେ ନିର୍ଯାତିତ ପୁରୁଷଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏସବୁ ପଢ଼ିବା ପରେ ଓ ଦେଖିବା ପରେ ଆମେ କ'ଣ ଏବେ ବି କହିପାରିବା ଆମ ଆଇନ ବ୍ୟବସ୍ଥା ଲିଙ୍ଗଭେଦରେ ସମସ୍ତଙ୍କ ପାଇଁ ସମାନ ଭାବେ କାମ କରୁଛି? ଆମ ସମାଜ କ'ଣ ଉଭୟ ପୁରୁଷ ଓ ନାରୀ ପାଇଁ ସମାନ ଭାବେ ଚିନ୍ତା ବ୍ୟକ୍ତ କରୁଛି? ଅତୁଲ ସୁଭାଷଙ୍କ ପାଇଁ କେତେ ଜ'ଣ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି? କେତେଜଣ ରାଜରାସ୍ତାକୁ ଓହ୍ଲାଇଛନ୍ତି? ପୁରୁଷମାନେ କ'ଣ ହାଡ଼, ମାଂସ, ରକ୍ତଧାରୀ ମଣିଷ ନୁହନ୍ତି? କାହିଁକି ତାଙ୍କ ପ୍ରତି ଏତେ ଅନ୍ୟାୟ?

ନାରୀ ଓ ପୁରୁଷ ସଂସାର ରଥର ଦୁଇଟି ଚକ ସଦୃଶ। ଜଣକ ବିନା ଆଉ ଜଣେ ଅଚଳ। ସେ ଦୁହେଁ ପରସ୍ପର ସହ ସହବନ୍ଧିତ ଓ ସମ୍ପର୍କିତ। ଏକ ବିନୁ ଆନର ପରିକଳ୍ପନା ଅସମ୍ଭବ। ପତି-ପତ୍ନୀ ଦାମ୍ପତ୍ୟ ବୀଜର ଦୁଇଟି ପାଖୁଡ଼ା ଭଳି। ଦୁହେଁ ନିଜନିଜର ଅସ୍ତିତ୍ୱ ଓ ବ୍ୟକ୍ତିତ୍ୱ ବଜାୟ ରଖି ପରିବାର ରୂପକ ବୀଜ ସହ ଯୋଡ଼ି ହୋଇ ରହିଥା'ନ୍ତି। ଏହି ପ୍ରେମବନ୍ଧନ କେବଳ ଭୋଗ ଉପରେ ନୁହଁ, ତ୍ୟାଗ ଉପରେ ଆଧାରିତ ହୋଇଥାଏ। ତେଣୁ ସ୍ତ୍ରୀ-ପୁରୁଷ ଉଭୟେ ଉଭୟଙ୍କୁ ସମ୍ମାନ କରନ୍ତୁ, ସହୋଯୋଗ କରନ୍ତୁ। ସମାଜର ସମସ୍ତ ବର୍ଗର ଲୋକ ଉଭୟ ଜାତିକୁ ସମ୍ମାନ ଦିଅନ୍ତୁ। ଆମ ସମାଜରେ, ଆମ ନ୍ୟାୟ ବ୍ୟବସ୍ଥା ଉଭୟ ସ୍ତ୍ରୀ-ପୁରୁଷଙ୍କ ପାଇଁ ସମାନ ନ୍ୟାୟ ପ୍ରଦାନ କରୁ। ଦୋଷୀକୁ ସବୁବେଳେ ଉପଯୁକ୍ତ ଦଣ୍ଡ ମିଳୁ - ସେ ସ୍ତ୍ରୀ ହେଉ ଅବା ପୁରୁଷ। ସୁରକ୍ଷା ନାଁରେ ଜଣକୁ ସୁରକ୍ଷା ଦେଇ ଦୋଷୀର ଦୋଷକୁ ଘୋଡ଼େଇ ଦିଆ ନ ଯାଉ। ନଚେତ୍ ଦିନେ ଏ ସମାଜରେ ଗୁରୁତର ବିଭ୍ରାଟ ଦେଖାଦେବ।

କୋରାପୁଟ, ମୋ: ୭୭୪୯୮୫୦୫୭୫

## ଆମେରିକା ଆଗରେ ଭାରତ ଦୃଢ଼ ଦାବି ଜଣାଉ

ସୁଧାଂଶୁ ପାତ୍ର

ପଞ୍ଜାବର ସ୍ୱର୍ଣ୍ଣମନ୍ଦିର ଆଗରେ ଶିରୋମଣି ଅକାଳୀ ଦଳ ନେତା ସୁଖବିର ସିଂହ ବାଦଲଙ୍କ ଉପରେ ଆତଙ୍କୀ ଆକ୍ରମଣ ଏବଂ ଭୁବନେଶ୍ୱରରେ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀ ବେଳେ ଖଲିସ୍ଥାନୀ ବିଚ୍ଛିନ୍ନତାବାଦୀ ଗୁରପତୱନ୍ତ ସିଂହ ପନ୍ନୁର ଧମକ ସମ୍ବଳିତ ଏକାଧିକ ଭିଡିଓ ଜାରି କରିବା ଭାରତର ଗଣତନ୍ତ୍ର ଓ ସୁରକ୍ଷା ପ୍ରତି ବିପଦ। ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଆତଙ୍କବାଦ ନିରୋଧ ଉପରେ ବିଚାରବିମର୍ଶ ହୋଇ ରଣନୀତି ପ୍ରସ୍ତୁତ ହୋଇଥିବା ବେଳେ ଉପରୋକ୍ତ ଦୁଇ ଘଟଣାକୁ କେନ୍ଦ୍ର ସରକାର ସେଭଳି ଗୁରୁତ୍ୱ ନ ଦେବା ଉଦ୍‌ବେଗର ବିଷୟ। ଅପରପକ୍ଷରେ ଭାରତ କୂଟନୈତିକ ରଣନୀତି ଜରିଆରେ ଏହି ସମସ୍ୟାର ସମାଧାନ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

ସାରା ବିଶ୍ୱକୁ ନୀତିବାଣୀ ଶୁଣାଉଥିବା ତଥା ଆତଙ୍କବାଦ ବିରୋଧରେ ଏକଜୁଟ୍ ହୋଇ ସଂଗ୍ରାମ କରିବାକୁ ଆହ୍ୱାନ ଦେଉଥିବା ଆମେରିକା ଆତଙ୍କବାଦୀଙ୍କ ଲାଳନପାଳନ ପାଇଁ ବର୍ଷକୁ ଲକ୍ଷ ଲକ୍ଷ ଡଲାର ଖର୍ଚ୍ଚ କରୁଛି, ଏହା ଅପ୍ରିୟ ହେଲେ ମଧ୍ୟ ସତ୍ୟ। ଅନ୍ୟପକ୍ଷରେ ଖଲିସ୍ଥାନୀ ଆତଙ୍କବାଦୀ ପନ୍ନୁ ପ୍ରରୋଚନାରେ ଭାରତ ବିରୋଧରେ ଭିତ୍ତିହୀନ ଆରୋପ ଲଗାଇବାକୁ ପଛାଉନାହିଁ। ଏପରିକି ଆମେରିକାର ବାଇଡେନ୍ ସରକାର ପକ୍ଷରୁ ଭାରତକୁ ପରୋକ୍ଷ ଧମକ ଦେବା ପରି ପରିସ୍ଥିତି ସୃଷ୍ଟି କରାଯାଉଛି। ଆମେରିକାର ଏହି ଦୋମୁହାଁ ନୀତିକୁ ଭାରତ ପକ୍ଷରୁ ଦୃଢ଼ ପ୍ରତିବାଦ ସହ ଖଣ୍ଡନ କରାଯାଇଛି ଏବଂ ଆମେରିକାର ଆରୋପ ଉପରେ ତର୍ଜମା କରାଯାଉଛି। ଭାରତର ବୈଦେଶିକ ଓ କୂଟନୈତିକ ମନ୍ତ୍ରଣାଳୟ ପକ୍ଷରୁ ଏକ କମିଟି ଗଠନ କରାଯାଇ ଏହା ଉପରେ ଅଧିକ ବିଚାରବିମର୍ଶ କରାଯାଉଛି। ଆମେରିକା ମାଟିରେ ଖଲିସ୍ଥାନୀଙ୍କୁ ସମର୍ଥନ ଓ ସୁରକ୍ଷା ଦେବା ପ୍ରସଙ୍ଗରେ ଭାରତ ଚିନ୍ତା ପ୍ରକଟ କରିଛି। କିନ୍ତୁ ଏ ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଆମେରିକା ଆଗରେ ଏ ସମ୍ପର୍କରେ ଦୃଢ଼ ମତ ଉପସ୍ଥାପନ କରିନାହିଁ।

ବ୍ରିଟେନ, କାନାଡ଼ା, ଆମେରିକା ତରଫରୁ ସୁରକ୍ଷା, ଆର୍ଥିକ ସହାୟତା ପାଇ ଆମେରିକା ମାଟିରେ ଖଲିସ୍ଥାନୀ ଆତଙ୍କବାଦୀମାନେ ଖୋଲାଖୋଲି ଭାରତ ବିରୋଧୀ ଗତିବିଧିକୁ ତୀବ୍ର କରୁଥିବା ଜାଣି ମଧ୍ୟ ଆମେରିକାର ନିରବତା ଭାରତକୁ ଚିନ୍ତାରେ ପକାଇଛି। ଉଦାହରଣ ସ୍ୱରୂପ ଆମେରିକା ସ୍ଥିତ ଏକ ଗୁରୁଦ୍ୱାରାରେ ଭାରତୀୟ ରାଷ୍ଟ୍ରଦୂତଙ୍କୁ କେତେଜଣ ଖଲିସ୍ଥାନୀ ସମର୍ଥକ ଠେଲାପେଲା କରିବା ସହ ମାଡ଼ ମାରିବା ପାଇଁ ଉଦ୍ୟତ ହେବା ବେଳେ ସେଠାରେ ଉପସ୍ଥିତ କିଛି ଶିଖ୍ ଯୁବକ ରାଷ୍ଟ୍ରଦୂତଙ୍କୁ ସେଠାରୁ ଉଦ୍ଧାର କରିବା ସହିତ ସୁରକ୍ଷା ଦେଇଥିଲେ। ବ୍ରିଟେନସ୍ଥିତ ଗୁରୁଦ୍ୱାରାରେ ଭାରତୀୟ ଉଚ୍ଚାୟୁକ୍ତଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଛି। ଆମେରିକା ସବୁ ଦେଖି ଶୁଣି ଏ ଘଟଣାର ତଦନ୍ତ ନ କରିବା ଏବଂ ଖଲିସ୍ଥାନୀ ଆତଙ୍କବାଦୀଙ୍କ ବିରୋଧରେ କୌଣସି ପଦକ୍ଷେପ ନ ନେବା ଖଲିସ୍ଥାନୀଙ୍କ ପ୍ରତି କାନାଡ଼ା, ବ୍ରିଟେନ୍ ପରି ଆମେରିକାର ସହାନୁଭୂତି ଓ ସମର୍ଥନକୁ ପ୍ରମାଣିତ କରୁଛି।

ଭାରତ ମାନଚିତ୍ରରୁ ପଞ୍ଜାବକୁ ଅଲଗା କରି ସ୍ୱତନ୍ତ୍ର ଶିଖ୍ ଦେଶ ଗଠନ ଲକ୍ଷ୍ୟରେ ପନ୍ନୁଙ୍କ ନେତୃତ୍ୱରେ ଶିଖ୍ ସଂଗଠନ ଉଦ୍ୟମ ଚଳାଇଛି। ଏ ଦିଗରେ ପନ୍ନୁ ବିଦେଶ ମାଟିରେ ଭାରତ ବିରୋଧୀ କାର୍ଯ୍ୟକଳାପ ଜାରି ରଖିଛି। ଏ ସମ୍ପର୍କରେ ଆମେରିକାକୁ ଭାରତର ବାରମ୍ବାର ଅବଗତ ଓ ପ୍ରତିବାଦ କରିବା ସତ୍ତ୍ୱେ ପନ୍ନୁ ଓ ତା' ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଆମେରିକା ଖଲିସ୍ଥାନୀ ଆତଙ୍କବାଦୀଙ୍କୁ ଲକ୍ଷଲକ୍ଷ ଡଲାର ଆର୍ଥିକ ଅନୁଦାନ ପ୍ରଦାନ କରୁଛି। ଆମେରିକା ସ୍ଥିତ ସାନ୍‌ଫ୍ରାନ୍‌ସିସ୍‌କୋ ସ୍ଥିତ ଭାରତୀୟ ବାଣିଜ୍ୟ ଦୂତବାସରେ ଖଲିସ୍ଥାନୀ ସମର୍ଥକମାନେ ହିଂସାତ୍ମକ ଓ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି କରିଥିଲେ ମଧ୍ୟ ସେମାନଙ୍କ ବିରୋଧରେ ଆମେରିକା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ କେବଳ ନିନ୍ଦା ଓ ଦୁଃଖ ପ୍ରକାଶ କରିଛି। ଏହା ଖଲିସ୍ଥାନୀ ଆତଙ୍କବାଦୀଙ୍କ ମନୋବଳକୁ ଦୃଢ଼ କରୁଛି। ପନ୍ନୁ ନିଜପାଖରେ ଆମେରିକା ଓ କାନାଡ଼ା ଦୁଇଦୁଇଟି ନାଗରିକତା କାର୍ଡ଼ ରଖିଛି। ତେଣୁ ପନ୍ନୁ କେତେବେଳେ ଆମେରିକାରେ ତ କେତେବେଳେ କାନାଡ଼ାରେ ରହି ଭାରତ ବିରୋଧୀ ଗତିବିଧିକୁ ତୀବ୍ର କରୁଛି। ଏବେ ଭାରତକୁ ଧମକ ଦେବା ମଧ୍ୟ ଆରମ୍ଭ କରିଦେଇଛି। ଦୁଇ ଦେଶର ନାଗରିକତ୍ୱ ସହ ଦୁଇ ଦେଶର ସମର୍ଥନ ଯୋଗୁଁ ପନ୍ନୁକୁ ଆହୁରି ସୁରକ୍ଷା ମିଳୁଛି ଏବଂ ନିର୍ଭୟରେ ସେଠାରୁ ଆତଙ୍କବାଦୀ କାର୍ଯ୍ୟକଳାପକୁ ଜାରି ରଖିଛି। ଅପରପକ୍ଷରେ ଖଲିସ୍ଥାନୀ ବିଚ୍ଛିନ୍ନତାବାଦୀ ହରଦୀପ ସିଂ ନିଜ୍ଜାର ହତ୍ୟାକାଣ୍ଡରେ ତତ୍‌କାଳୀନ ଭାରତୀୟ ପ୍ରତିନିଧିଙ୍କର ହାତ ରହିଛି ବୋଲି ଯେଉଁ ଆରୋପ କାନାଡ଼ା ଲଗାଇଥିଲା, ତା'ର କୌଣସି ପ୍ରମାଣ ଏ ପର୍ଯ୍ୟନ୍ତ ଦେଇପାରିନାହିଁ। କିନ୍ତୁ ଏହି ହତ୍ୟାକାଣ୍ଡ ତଦନ୍ତରେ ଭାରତ ସହଯୋଗ କରିବା ଦରକାର ବୋଲି ଉପଦେଶ ଦେଉଛି। ଏହା ଅବଶ୍ୟ ସତ୍ୟ ଯେ ଭାରତର ବିନା ସହଯୋଗରେ କୌଣସି ତଦନ୍ତ କୌଣସି ଦେଶ କରିବା ଅସମ୍ଭବ। ପନ୍ନୁକୁ ହତ୍ୟା କରିବା ପାଇଁ ଭାରତ ଉଦ୍ୟମ କରୁଛି ବୋଲି ଆମେରିକାର ଆରୋପ ମଧ୍ୟ ଭିତ୍ତିହୀନ ଏବଂ ଭାରତ ଉପରେ ଚାପ ପ୍ରୟୋଗର ଏକ ଅପଚେଷ୍ଟା ମାତ୍ର।

ଭାରତର ବୈଦେଶିକ ମନ୍ତ୍ରାଳୟ ଏହି ଆରୋପକୁ କଡ଼ା ଭାଷାରେ ଖଣ୍ଡନ କରିବାର ଆବଶ୍ୟକତା ରହିଛି। ଏଥିସହ ଉଭୟଦେଶ କୂଟନୈତିକ ସମ୍ପର୍କ କାଏମ୍ ରଖିବା ମଧ୍ୟ ଜରୁରୀ। ଆମେରିକା, ବ୍ରିଟେନ୍ ଓ କାନାଡ଼ାକୁ ଖଲିସ୍ତାନୀ ଆତଙ୍କମାନଙ୍କ ପ୍ରତି ସହାନୁଭୂତି ପ୍ରତ୍ୟାହାର ପାଇଁ ଭାରତ ସମସ୍ତ ଦେଶ ନିକଟରେ ଦାବି ଉପସ୍ଥାପନ କରିବା ଆବଶ୍ୟକ। ଏବେ ପନ୍ନୁ ହାତ ଗୋଡ଼ରେ ବେଡ଼ି, କଡ଼ି ପିନ୍ଧାଇବାର ସମୟ ଆସିଛି। ଆମେରିକା ପ୍ରଶାସନ ଆଗରେ ଭାରତ ଆତଙ୍କବାଦ ବିରୁଦ୍ଧରେ କଡ଼ା ସ୍ୱର ଉତ୍ତୋଳନ କରି ସବୁ ତଥ୍ୟ ଅବଗତ କରିବା ଆବଶ୍ୟକ।

ମୋ: ୮୦୯୩୫୪୮୫୦୬

## ଶ୍ରୀକ୍ଷେତ୍ରେ ଶ୍ରୀଲୋକନାଥ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ପୂର୍ବପ୍ରକାଶିତ ଉତ୍ତାରୁ...

କଳିଯୁଗରେ ମା'ଲକ୍ଷ୍ମୀ-ଶ୍ରୀଜଗନ୍ନାଥଙ୍କ ବିବାହ ପରେ ସେମାନେ ଲକ୍ଷ୍ମୀଙ୍କ ବାପଘର ବରୁଣାଳୟରେ ରହୁଥିଲେ। ଅନେକ ଦିନର ଅବସ୍ଥାନ ପରେ ଲକ୍ଷ୍ମୀଙ୍କ ସଖୀମାନେ ତାଙ୍କୁ ଟାହିଟାପରା କରିବାକୁ ଲାଗିଲେ। ଏ କଥା ମା' ଲକ୍ଷ୍ମୀ ମହାପ୍ରଭୁଙ୍କୁ କହିଲେ। ଶ୍ରୀଜଗନ୍ନାଥ କିଛି ସମୟ ଚିନ୍ତା କରି କହିଲେ, ମୁଁ ମଧ୍ୟ ଶ୍ୱଶୁର ଘରେ ବେଶି ଦିନ ରହିବାକୁ ଚାହେଁ ନାହିଁ। କିନ୍ତୁ ତମ ପରି ଜଣେ ନୂଆବୋହୂକୁ ଧରି ମୁଁ ତ ଯେକୌଣସି ସ୍ଥାନରେ ରହିପାରିବି ନାହିଁ। ଆମର ସତ୍ୟଯୁଗର ବଦ୍ରିନାଥ ଧାମ ବର୍ଷରେ ଛଅ ମାସ ବରଫାବୃତ ରହୁଛି। ତ୍ରେତୟା ଯୁଗର ରାମେଶ୍ୱର ଧାମକୁ ଆମେ ରାମନାଥ ଶିବଙ୍କୁ ସମର୍ପଣ କରି ଦେଇଛେ। ଦ୍ୱାପର ଯୁଗର ଦ୍ୱାରକା ମଝିରେ ଜଳମଗ୍ନ ହୋଇ ଯାଉଛି। ତେଣୁ ମୁଁ ନିଷ୍ପତ୍ତି କରିଛି ଯେ ଆମେ କଳିଯୁଗରେ ପୁରୁଷୋତ୍ତମ ଧାମରେ ବାସ କରିବା। ସେଠାରେ ଆଜିପର୍ଯ୍ୟନ୍ତ ମୁଁ ଏକା ଖୋଲା ମଣ୍ଡପରେ ବିରାଜମାନ କରୁଥିଲି। ଜଣେ ନବବଧୂ ସହ ଖୋଲାମଣ୍ଡପରେ ରହିବା ସମ୍ଭବ ନୁହେଁ। ତେଣୁ ମୁଁ ରାଜା ଚୋଳଗଙ୍ଗଙ୍କୁ ଏକ ଭବ୍ୟ ମନ୍ଦିର ନିର୍ମାଣ କରିବା ପାଇଁ ଆଦେଶ ଦେଉଛି। ତା' ପରେ ଆମେ ସେଠାକୁ ଚାଲିଯିବା।



ରାଜା ଚୋଳଗଙ୍ଗଙ୍କୁ ସ୍ୱପ୍ନାଦେଶ ହେଲା। ରାଜା ବର୍ତ୍ତମାନର ଭବ୍ୟ ମନ୍ଦିର ନିର୍ମାଣ କଲେ। ଜଗନ୍ନାଥ ସପତ୍ନୀକ ସେ ମନ୍ଦିରକୁ ବିଜେ କଲେ। ବରୁଣଙ୍କ ଆଉ ଏକ ନାମ ରତ୍ନାକର। ସେ ସୁନା, ରୁପା, ମଣି, ମାଣିକ୍ୟ, ବୈଦୁର୍ଯ୍ୟ, ରତ୍ନାଳଙ୍କାର ଦେଇ ଝିଅଜୋଇଁଙ୍କୁ ମେଲାଣି ଦେଲେ। ସ୍ୱାମୀଙ୍କ ସହ ନୂଆ ମନ୍ଦିରକୁ ଆସି ମା'ଲକ୍ଷ୍ମୀ ବହୁତ ଖୁସି ହେଲେ। ତା'ପରେ ତାଙ୍କ ମନକୁ ଆଉ ଏକ ଚିନ୍ତା ଆସିଲା - ବାପଘରୁ ଆଣିଥିବା ଅମାପ ଧନସମ୍ପତ୍ତି ଭଣ୍ଡାର ଘରେ ରଖା ଯାଇଥିଲା। ଘରଟା ଦୃଷ୍ଟି ଆଢୁଆଳରେ ଅଛି। ତା'ର ସୁରକ୍ଷା ଦାୟିତ୍ୱ ଜଣେ ବିଶ୍ୱସ୍ତ ଦେବତାଙ୍କ ହାତରେ ନ ଦେଲେ ଚୋରି ହୋଇ ଯିବାର ଭୟ ଥିଲା। ସେ କଥାଟା ମହାପ୍ରଭୁଙ୍କ କାନକୁ ନେଲେ। ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ବିଜେ କରିଥିବା ପ୍ରତ୍ୟେକ ଦେବତାଙ୍କ ବିଷୟରେ ଚିନ୍ତା କଲେ। ତା' ପରେ ସେ ତ୍ରେତୟା ଯୁଗରେ ଲୋକନାଥଙ୍କୁ ଦେଇଥିବା କଥା ମନେ ପକେଇଲେ ଏବଂ ଲକ୍ଷ୍ମୀଙ୍କୁ କହିଲେ, 'ଭଣ୍ଡାର ଘରର ସୁରକ୍ଷା ପାଇଁ ପ୍ରତ୍ୟେକ ଦେବତାଙ୍କ କଥା ଚିନ୍ତା କରି ମୁଁ ଠିକ କରିଛି ଯେ ଲୋକନାଥ ଶିବ ଏଥିପାଇଁ ସବୁଠାରୁ ବେଶି ଉପଯୁକ୍ତ। ପ୍ରଥମ କଥା ହେଲା ଯେ ମୁଁ ତାଙ୍କୁ ରାମାବତାରରେ ପ୍ରତିଷ୍ଠା କରିଥିବାରୁ ସେ ମୋ ପ୍ରତି ଅତ୍ୟନ୍ତ ଅନୁରକ୍ତ। ଦ୍ୱିତୀୟ କଥା ହେଲା ଯେ ଶ୍ରୀକ୍ଷେତ୍ରବାସୀ ତାଙ୍କୁ ବହୁତ ଭୟ କରନ୍ତି। ସେ ସୁରକ୍ଷା ଦାୟିତ୍ୱରେ ରହିଲେ ଲୋକମାନେ ଚୋରି କରିବାକୁ ଭୟ କରିବେ। ତୃତୀୟ କଥା ହେଲା ଯେ ସେ ପଞ୍ଚପାଣ୍ଡବ ମହାଦେବଙ୍କ ଭିତରେ ମହାବଳୀ ଭୀମ। ସୁରକ୍ଷା ଅଧିକାରୀ ରୂପେ ନିଯୁକ୍ତି ପାଇଁ ଆବଶ୍ୟକ ଶାରୀରିକ ଯୋଗ୍ୟତା ତାଙ୍କ ପାଖରେ ସମସ୍ତଙ୍କଠାରୁ ବେଶି ଅଛି। ତେଣୁ ଭଣ୍ଡାର ଘରର ଦାୟିତ୍ୱ ତାଙ୍କୁ ଦେଲେ ଉତ୍ତମ ହେବ। ଲକ୍ଷ୍ମୀଙ୍କର ସ୍ୱାମୀଙ୍କ କଥାରେ ଅରାଜି ହେବାର କୌଣସି କାରଣ ନ ଥିଲା। ବାବା ଲୋକନାଥ ମହାପ୍ରଭୁଙ୍କ କଥାରେ ରାଜି ହୋଇ ଭଣ୍ଡାର ଘରର ସୁରକ୍ଷା ଦାୟିତ୍ୱ ନେଇ ସେଠାରେ ବିରାଜମାନ କରୁଛନ୍ତି।

(ସମାପ୍ତ)

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଭିନ୍ନ ସ୍ଥାନରେ ଧାନକିଣା







**ବୌଦ୍ଧ, ୨୪।୧୨(ସମିସ):** ଖୁଣ୍ଟବନ୍ଧ ମାର୍କେଟ ୟାର୍ଡରେ ବୌଦ୍ଧ ବ୍ଲକସ୍ତରୀୟ ଖରିଫ ଧାନ କ୍ରୟର ଶୁଭାରମ୍ଭ ହୋଇଛି। ସେହିପରି ହରଭଙ୍ଗା ବ୍ଲକର ବୀରନରସିଂହପୁର ମାର୍କେଟ ୟାର୍ଡରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ମିଲର୍ସ ଆସୋସିଏସନ ସଭାପତି ଅଶୋକ କୁମାର ଅଗ୍ରୱାଲା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡିବନ୍ଧୁ ମହାଖୁଡ, ସହକାରୀ ନିବନ୍ଧକ ଫକୀର ଚରଣ ବାଘ, ଆରଏମସି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଚାଷୀ ନେତା ସୂର୍ଯ୍ୟ ନାରାୟଣ ମହାପାତ୍ର ଏବଂ ଚାଷୀ ଉପସ୍ଥିତ ଥିଲେ।

**ଶଗଡ଼ା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଉମା ସେବା ସମବାୟ ସମିତି ଅଧୀନ ଖୁଣ୍ଟିଗୋରା ମଣ୍ଡିରେ ଖରିଫ ଧାନକ୍ରୟର ଶୁଭାରମ୍ଭ ହୋଇଛି। ସମିତି ସମ୍ପାଦକ ସନ୍ତୋଷ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଡେର ଗ୍ରାମର ଗୌନ୍ତିଆ ତଥା ଚାଷୀନେତା ପିତାମ୍ବର ଭୋଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ପେକ୍ସ ସଭାପତି କାହ୍ନୁଚରଣ ରାଉତ, ସହକାରୀ ସମ୍ପାଦକ ଯୁଧିଷ୍ଠିର ରଣା, ଡିଇଓ ସମୀର ରାଉତ, ଆରଏମସି କର୍ମଚାରୀ ଶଶିଭୁଷଣ ରଣାଙ୍କ ସମେତ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୩ଜଣ ଚାଷୀଙ୍କ ନିକଟରୁ ୧୪୪.୩୩ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ଉମା ପେକ୍ସ କର୍ମଚାରୀ ରୋହନ ରଣା ଓ ପ୍ରଶାନ୍ତ କୁମ୍ଭାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ହରଭଙ୍ଗା :** ବିରନରସିଂହପୁର ମାର୍କେଡ଼ ୟାର୍ଡରେ ଧାନ କ୍ରୟ ଆରମ୍ଭ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଏହାର ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାଖୁଡ, ଆରଏମସି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ହରଭଙ୍ଗା ବିଡ଼ିଓ ଶରତ ସେଠୀ, ମିଲର ସଭାପତି ଅଶୋକ ଅଗ୍ରୱାଲ ଓ ଅଞ୍ଚଳ ଚାଷୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ଜିଲ୍ଲାରେ ସମୁଦାୟ ୪୩୧୦୯ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଛନ୍ତି। ୧୫, ୯୯, ୦୦୦ଧାନ କ୍ରୟ ହେବ। ହରଭଙ୍ଗା ବ୍ଲକରେ ୧୧, ୦୦, ୨ ଜଣ ଚାଷୀ ୪୧, ୬୦, ୦୦ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ନିଆଁଲାଗି ପୋଡ଼ିଗଲା ଧାନଖରି

**ବୌଦ୍ଧ, ୨୪।୧୨(ସମିସ):** ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଗିରାସିଙ୍ଗାରେ ନିଆଁ ଲାଗି ଚାଷୀଙ୍କ ଧାନ ଖରି ପୋଡ଼ି ଯାଇଛି। ଗିରାସିଙ୍ଗା ଗ୍ରାମର ରୋହିତ ଭୋକ୍ତା ନିଜ ଜମିରେ କରିଥିବା ଧାନ ଚାଷ ଜମିରୁ ଧାନ କାଟି ଅମଳ ପାଇଁ ଖଳାରେ ରଖିଥିଲେ। ମଙ୍ଗଳବାର କୌଣସି କାରଣରୁ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଚାହୁଁ ଚାହୁଁ ଧାନ ଖରି ପୋଡ଼ ପାଉଁଶ ହୋଇଯାଇଥିଲା। ଖବର ପାଇ ବୌଦ୍ଧ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଧାନ ଖରି ପୋଡ଼ି ଯାଇଥିଲା।

## ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ମନମୁଣ୍ଡା, ୨୪।୧୨(ସମିସ):** କଣ୍ଟାମାଳ ଅତିରିକ୍ତ ଜିଲ୍ଲା ଦୌରାଜଜ ଅଜୟ କୁମାର ପ୍ରଧାନ ଏକ ବଳାତ୍କାର ମାମଲାର ରାୟ ଶୁଣାଇଛନ୍ତି। ମନମୁଣ୍ଡା ଥାନା କପାଶିରା ଗ୍ରାମର ଜୟପାଳ ବାଘ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଜଣେ ଯୁବତୀଙ୍କୁ ସେ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହାଫଳରେ ଗର୍ଭବତୀ ହୋଇଥିଲେ। ପରବର୍ତ୍ତୀ ସମୟରେ କିନ୍ତୁ ବିବାହ କରିବାକୁ ମନା କରିଦେଇଥଲେ। ଏ ନେଇ ମନମୁଣ୍ଡା ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା। କଣ୍ଟାମାଳ ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ଅଦାଲତରେ ମାମଲା ବିଚାରାଧୀନ ଥିଲା। ଶେଷରେ ଏଡିଜେ ଅଜୟ କୁମାର ପ୍ରଧାନ ୧୨ ଜଣ ସାକ୍ଷ୍ୟ ଓ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌କୁ ଆଧାର କରି ଏହାର ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତକୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଓକିଲ ତ୍ରିନାଥ ପ୍ରଧାନ ମାମଲା ପରିଚାଳନା କରିଥିଲେ।

## ରେଙ୍ଗାଲି ଗ୍ରାମରେ କୃଷି ସାମଗ୍ରୀ ବଣ୍ଟନ



**ପଲଶାଗୋରା, ୨୪।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ରେଙ୍ଗାଲି ଗ୍ରାମରେ କୃଷି ସାମଗ୍ରୀ ବିତରଣ ଓ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଆଭା ପ୍ରାୟୋଜିତ, ୱାଇସିଡିଏ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଅରବିନ୍ଦ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ କୃଷି ସାମଗ୍ରୀ ବଣ୍ଟନ କରିଥିଲେ। ବରିଷ୍ଠ କୃଷି ବୈଜ୍ଞାନିକ ସନ୍ତୋଷ ଦାସ, ଅତିରିକ୍ତ କୃଷି ଅଧିକାରୀ ଉତ୍କଳ କ୍ରୀଷ୍ଣା ସାହୁ, ବ୍ଲକ କୃଷି ଅଧିକାରୀ ଲଳିତ ସାହୁ, ଅତିରିକ୍ତ କୃଷି ଅଧିକାରୀ ରାଜୀବ ସାହୁ, ଅତିରିକ୍ତ କୃଷି ଅଧିକାରୀ ଚାନ୍ଦିନୀ ପ୍ରଧାନ, ପଞ୍ଚାୟତ କୃଷି ଅଧିକାରୀ ଅଂଶୁମାନ ଦଣ୍ଡୁଆସି, ପୂର୍ଣ୍ଣାନନ୍ଦ ସାହୁ, ଗଣେଶ୍ୱର ବସ୍ତିଆ, ସିଆରଏଫଏମର ବ୍ଲକ ସଂଯୋଜକ ମଧୁସୂଦନ ଗିଭେଲା, କ୍ଲଷ୍ଟର ସଂଯୋଜକ ମାନସ ରଞ୍ଜନ ଦୀପ, ରାଜକୁମାର ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କୁ ମୁଗ, ବିରି, ମଟର, ଚଣା, ସୋରିଷ ଆଦି ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ଦେହ ପାଇଁ କିପରି ଉପକାରୀ ସେ ଉପରେ ଅଧିକାରୀମାନେ ଲୋକଙ୍କୁ ବୁଝାଇଥିଲେ। ମାଣ୍ଡିଆରେ ବିଭିନ୍ନ ସୁ ସୁଆଦୁ ଖାଦ୍ୟ ପ୍ରସ୍ତୁତି କରି ସୁବାସିନୀ ପ୍ରଧାନ ଖାଦ୍ୟ ମେଳାରେ ପ୍ରଦର୍ଶନୀ କରିଥିଲେ।

## ଦପଲା ଧନୁଯାତ୍ରା ପାଇଁ କଂସବରଣ



**ପଲଶାଗୋରା/କଣ୍ଟାମାଳ, ୨୪।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା -ଯୁରମୁଣ୍ଡା ଗ୍ରାମରେ ଫେବୃଆରୀ ୨ରୁ ୮ ତାରିଖ ପର୍ଯ୍ୟନ୍ତ ଆଞ୍ଚଳିକ ଧନୁଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅରିଗାଁର ଅଭିନେତା ଗୋପାଳ ଦାସଙ୍କୁ କଂସ ଭାବେ ବରଣ କରାଯାଇଛି। କମିଟି ସଭାପତି ପୁରନ୍ଦର ଦନ୍ତା, ଉପସଭାପତି ସୁରପତି ଦନ୍ତା, ସମ୍ପାଦକ ଦୀନବନ୍ଧୁ ଦନ୍ତା, କୋଷାଧକ୍ଷ ଭୁବନ ମହାକୁଡ଼, ଭକ୍ତଚରଣ କର୍ଣ୍ଣ, କୈଳାଶ ଦନ୍ତା, ପଦ୍ମନାଭ ସିଂହ, ରଞ୍ଜନ ସିଂହ, ସନ୍ନ୍ୟାସୀ ଦନ୍ତା, ସିଦ୍ଧେଶ୍ୱର ମହାକୁଡ଼, ହେମନ୍ତ ଦେହେରିଆ, ଧର୍ମାନନ୍ଦ ସିଂହ, ରାଧାକାନ୍ତ ଦନ୍ତା, ପ୍ରମୋଦ ମହାକୁଡ଼, ଆଚାର୍ଯ୍ୟ ଜାନି ପ୍ରମୁଖ ଉପସ୍ଥିତ ଥିଲେ।

## ବବଡ଼ା ଅଞ୍ଚଳର ଅଧିବାସୀଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ବୌଦ୍ଧ, ୨୪।୧୨(ସମିସ):** ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବବଡ଼ା ଅଞ୍ଚଳର ଅଧିବାସୀଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗ୍ରାମ୍ୟ ନିର୍ମାଣ ଅଧିକ୍ଷଣ ଯନ୍ତ୍ରୀ ସୁଧାକର ନାଏକ, ସହକାରୀ ଯନ୍ତ୍ରୀ ବିଦ୍ୟାଧର ମହାନ୍ତି, ଶାଗୁ ନାଏକ, ବାଳ ଗୋପାଳ ସିକା ପ୍ରମୁଖ ଉପସ୍ଥିତ ଥିଲେ।

### ମନ୍ଦିର ମାଳିନୀ ସହରରେ ଅସୁରକ୍ଷିତ ଦେବପୀଠ

## ମାଣିକେଶ୍ୱରୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଗହଣା ଚୋରି

**ସୋନପୁର, ୨୪।୧୨(ସମିସ):** ଦିନକୁ ଦିନ ମନ୍ଦିର ମାଳିନୀ ସହର ସୁବର୍ଣ୍ଣପୁରର ମନ୍ଦିରଗୁଡ଼ିକ ଅସୁରକ୍ଷିତ ହୋଇଯାଉଛି। ଗୋଟିଏ ପରେ ଗୋଟିଏ ମନ୍ଦିରକୁ ଦୁର୍ବୃତ୍ତମାନେ ଟାର୍ଗେଟ କରୁଛନ୍ତି। ତେବେ ଅଧିକାଂଶ ଘଟଣାରେ ଏଯାଏଁ ଦୁର୍ବୃତ୍ତ ଧରାପଡ଼ି ନାହାନ୍ତି। ତେଣୁ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେବାରେ ସେମାନେ ପଛାଉ ନାହାନ୍ତି। ସୋମବାର ରାତିରେ ସୋନପୁର-ମନମୁଣ୍ଡା ରାସ୍ତାରେ ପୂଜା ପାଉଥିବା ମା' ମାଣିକେଶ୍ୱରୀ ମନ୍ଦିରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗତ ମାସରେ ରାଜବାଟି ସମ୍ମୁଖରେ ଥିବା କନକ ଦୁର୍ଗା ମନ୍ଦିରରୁ ଚୋରି ହୋଇଥିବା ବେଳେ ଏଥର ମାଣିକେଶ୍ୱରୀ ମନ୍ଦିରରୁ ଚୋରି। ଏଭଳି ମନ୍ଦିରଗୁଡ଼ିକରୁ ବାରମ୍ବାର ଚୋରି ହେଉଥିବାରୁ ଭକ୍ତମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ସୋମବାର ରାତିରେ ମନ୍ଦିରର ଭିତର ଫାଟକର ଦୁଇଟି ତାଲା ଭାଙ୍ଗିବା ସହ ଦୁଇଟି କଳିଣି ତାଡି ଦୁର୍ବୃତ୍ତମାନେ ମା'ଙ୍କ ବହୁ ସୁନା ଓ ରୁପା ଗହଣା ନେଇ ଯାଇଛନ୍ତି। ମା'ଙ୍କ ସୁନା ମଥାମଣି, ରୂପା ମୁକୁଟ, ହାର, ରୂପା ତ୍ରିଶୂଳ ଚୋରି କରି ନେଇଛନ୍ତି। ଏହା ସହ ଅନ୍ୟ କିଛି ପୂଜା ସାମଗ୍ରୀ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳୁ ମନ୍ଦିର ପୂଜକ ଦେବଦତ୍ତ ପୁରୋହିତ ମା'ଙ୍କ ନୀତିକାନ୍ତି ପାଇଁ ମନ୍ଦିରରେ ପହଞ୍ଚିବା ପରେ ମନ୍ଦିରରୁ ଚୋରି ହୋଇଥିବା ଦେଖିବାକୁ ପାଇ ତୁରନ୍ତ ସୋନପୁର ପୁଲିସକୁ ଲିଖିତ ଜଣାଇଥିଲେ। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ସହ ସୋନପୁର ପୁଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ସନ୍ଧାନୀ କୁକୁର ମନ୍ଦିରର ବାଡ଼ ନିକଟରୁ ବିଲ ରାସ୍ତା ଦେଇ ପାଏନନାଗର ପୋଖରୀ ଯାଏଁ ଯାଇଥିଲା ବୋଲି ସୂଚନା ମିଳିଛି। ଦୁର୍ବୃତ୍ତମାନେ ସେଠାରୁ ବାଇକରେ କୁଆଡ଼େ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ସୋନପୁର ସହରରେ ପୂର୍ବରୁ ଦୁର୍ଗା ମନ୍ଦିର, ପଞ୍ଚରଥ ମନ୍ଦିର, ମା' ସୁରେଶ୍ୱରୀ ମନ୍ଦିର, ସୁବର୍ଣ୍ଣମେରୁ କାଳୀ ମନ୍ଦିର, ଶ୍ମଶାନ ଚଣ୍ଡୀ ମନ୍ଦିର, ଆମ୍ବଘାଟ ଗଣେଶ ମନ୍ଦିର ଆଦିରୁ ଚୋରି ହୋଇଛି। ତେବେ ଅଧିକାଂଶ ଘଟଣାରେ ଦୁର୍ବୃତ୍ତ ଧରା ପଡୁନଥିବାରୁ ଚୋରି ବଢ଼ି ଚାଲିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଶଗଡ଼ା/କଣ୍ଟାମାଳ, ୨୪।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ସଦସ୍ୟା ସୁମିତ୍ରା ସାହୁ, ଭବାନୀ ଶଙ୍କର ରାଉତ, କାର୍ତ୍ତିକେଶ୍ୱର ବେହେରା, ଖୁଣ୍ଟିଗୋରା ସରପଞ୍ଚ ରବିଶ୍ୱର ମହାକୁଡଅତିଥି ଭାବେ ଯୋଗ ଦେଇଥିଲେ। ହରିଶ୍ଚନ୍ଦ୍ର ମେଣ୍ଡିଲୀ ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ ଦେଇଥିବା ବେଳେ ଅଭିଭାବକ ସଞ୍ଜୀବ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭକ୍ତ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଧର୍ମାନନ୍ଦ ସାହୁ କବିତା ମାଧ୍ୟମରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶ୍ରୀକାନ୍ତ କୁଦେଇ, ରୋଶନ ସାହୁ, ନେପାଳ ପ୍ରଧାନ, ଝରଣା ପ୍ରଧାନ, ସାଇବନି ପାତ୍ର, ସନ୍ଧ୍ୟାରାଣୀ ମନହୀରା, ମମିତା ରଣା, ବେଦମତି କୁଦେଇ, ସୁରୁସୂତା ଭୋଇ, ସ୍ୱାଗତିକା ନାଗ, ରାଜକୁମାର ରଣା ସହଯୋଗ କରିଥିଲେ।

### ● ଜାତୀୟ ଖାଉଟି ଦିବସ

## 'ସଚେତନ ଗ୍ରାହକ ହିଁ ସୁରକ୍ଷିତ ଗ୍ରାହକ'

**ତରଭା, ୨୪।୧୨(ସମିସ):** ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗିର ଓ ତରଭା ଶାଖାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ଖାଉଟି ଦିବସ ପାଳନ କରାଯାଇଛି। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶା ପଶ୍ଚିମପ୍ରାନ୍ତ ସଭାପତି ଶଶୀଭୂଷଣ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ବଲାଙ୍ଗିର ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ, ଉପ ସଭାପତି ମହେଶ୍ୱର ସାହୁ, ତରଭା ଶାଖାର ଅଶୋକ କୁମାର ସାହୁ, ମାଙ୍ଗେରାମ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଖାଉଟିମାନଙ୍କ ସୁରକ୍ଷା ପାଇଁ କିଭଳି କାର୍ଯ୍ୟ କରୁଛି ସେ ସମ୍ବନ୍ଧେ ଆଲୋକପାତ କରିଥିଲେ। ଆଇନଜୀବୀ ରାଜେନ୍ଦ୍ର ବିଜୟ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସାହିତ୍ୟିକ ଅଶୋକ କୁମାର ସା ତାଙ୍କ ବକ୍ତବ୍ୟରେ ସଚେତନ ଗ୍ରାହକ ହିଁ ସୁରକ୍ଷିତ ଗ୍ରାହକର ଯଥାର୍ଥତା ପ୍ରତିପାଦନ କରିଥିଲେ। ତରଭା ଗ୍ରାହକ ପଞ୍ଚାୟତର ବିଚିତ୍ର କୁମାର ସାହୁ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଦେଇଥିଲେ। ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ମହେନ୍ଦ୍ର ନାଏକ, ଯୋଗୀନ୍ଦ୍ର ମଟାରୀ, ଗୋପାଳ ଅଗ୍ରୱାଲ, ଭୋଳା କୁମାର ବର୍ମା, ବିଷ୍ଣୁ କୁମାର ବେଜ ଓ ସନ୍ଦୀପନି ଠାକୁରଙ୍କ ସମେତ ଗ୍ରାହକ ପଞ୍ଚାୟତର ସଦସ୍ୟମାନେ ଉପସ୍ଥିତ ଥିଲେ।



## ସ୍ୱାବଲମ୍ବୀ କାରିଗରଙ୍କ ବିକ୍ଷୋଭ



**ବୌଦ୍ଧ, ୨୪।୧୨(ସମିସ):** ବୌଦ୍ଧ ଜିଲ୍ଲାର ଗ୍ରାମୀଣ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗରମାନେ ବିଭିନ୍ନ ଦାବିନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବୌଦ୍ଧ ଜିଲ୍ଲାର ନିଯୁକ୍ତିପ୍ରାପ୍ତ ସମସ୍ତ ସ୍ୱାବଲମ୍ବୀ କାରିଗରଙ୍କୁ ସ୍ଥାୟୀ ନିଯୁକ୍ତି, ଜିଲ୍ଲାର ସମସ୍ତ ପଞ୍ଚାୟତରେ ନୂତନ ନିଯୁକ୍ତି ବନ୍ଦ କରି ପୁରୁଣା ନିଯୁକ୍ତିପ୍ରାପ୍ତ ସ୍ୱାବଲମ୍ବୀ କାରିଗରଙ୍କୁ ନିଯୁକ୍ତି, ସ୍ୱାବଲମ୍ବୀ କାରଗରଙ୍କୁ କୁଶଳୀ କାରିଗର ଭାବେ ସର୍ବନିମ୍ନ ମଜୁରୀ ପ୍ରଦାନ, ସ୍ୱାବଲମ୍ବୀ କାରିଗରଙ୍କ ସମସ୍ତ ବକେୟା ପ୍ରାପ୍ୟ ୧୫ଦିନ ମଧ୍ୟରେ ପୈଠ କରିବା ସହ ପ୍ରତିମାସର ୧୦ ତାରିଖ ମଧ୍ୟରେ ଦରମା ପ୍ରଦାନର ବ୍ୟବସ୍ଥା ଓ ପ୍ରତ୍ୟେକ ତାଲିମପ୍ରାପ୍ତ ସ୍ୱାବଲମ୍ବୀ କାରିଗରଙ୍କୁ ନିଯୁକ୍ତି ଗ୍ୟାରେଣ୍ଟି ଆଦି ରହିଛି। ୨ ଶହରୁ ଅଧିକ କାରିଗର ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଏସ୍‌ଆର୍ ଗ୍ଲୋବାଲ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ

**ମନମୁଣ୍ଡା, ୨୪।୧୨(ସମିସ):** ବୌଦ୍ଧ ଜିଲ୍ଲା ମନୁମଣ୍ଡା ଶ୍ରୀ ରାମାନୁଜନ ଗ୍ଲୋବାଲ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ ପାଳିତ ହୋଇଛି। ସନୋଜ ସେଠୀ, ଡ. ଦେବାଶିଷ ପାଣ୍ଡିଆ, ପଞ୍ଚାନନ୍ ମିଶ୍ର, ରାମଜୀ ମହାକୁଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସରିତା ମେହେର ବାର୍ଷିକ ବିବରଣୀ ପଠନ କରିଥିଲାବେଳେ ଶୁଭେନ୍ଦ୍ର ପ୍ରସାଦ ଦେହୁରୀ ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀପ୍ରିୟା ମିଶ୍ର, ପିଙ୍କି ଗୁରୁ, ଅନିତା ମହକୁର, ଅଭିଜିତ ମିଶ୍ର, ଅମିତି ମେହେର, ଛବିଲ ବଞ୍ଛୋର୍, ମେନକ ଜେନା, ସୁବାସଚନ୍ଦ୍ର ଦେହୁରୀ, ରେଣୁବାଳା ମହାକୁଡ, ପଞ୍ଚାନନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମା' ବନଦୁର୍ଗା କ୍ରିକେଟ ଟୁର୍ଣ୍ଣାମେଣ୍ଟ

### ● ସେମିରେ ଉଫୁଲା ଟିମ୍

**ସୁବଳୟା, ୨୪।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅଧୀନ ମାଣିକପୁର ଖେଳପଡ଼ିଆରେ ମା' ବନଦୁର୍ଗା କ୍ରିକେଟ କପ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କମିଟିର ସଭାପତି ବାଲକିଶୋର ଡାଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ ଯୋଗଦେଇ କ୍ରିକେଟ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ ମାଣିକପୁର ଓ ଚୌକା ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଚୌକା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୪୩ ରନ କରିଥିଲା। ଜବାବରେ ମାଣିକପୁର ଦଳ ନିର୍ଦ୍ଧାରିତ ୧୦ ଓଭରେ ୧୦୧ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ହିଲୁଙ୍ଗ ଓ ଉଫୁଲା ମଧ୍ୟରେ ହୋଇଥିଲା। ଏଥିରେ ହିଲୁଙ୍ଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ରେ ୯୭ ରନ କରିଥିଲା। ଜବାବରେ ଉଫୁଲା ଦଳ ଆବଶ୍ୟକୀୟ ୧୧୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍‌ଟି ଚୌକା ଓ ଉଫୁଲା ମଧ୍ୟରେ ହୋଇଥିଲା। ଏଥିରେ ଚୌକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରେ ୪୪ ରନ କରିଥିଲା। ଜବାବରେ ଉଫୁଲା ଦଳ ନିର୍ଦ୍ଧାରିତ ୫ ଓଭର ୬୧ ରନ କରି ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ପ୍ରଭାସ ଭୋଇ ଓ ପ୍ରଭୁଦତ୍ତ ଭୋଇ ଖେଳ ପରିଚାଳନା କରିଥିଲେ। ପିଣ୍ଟୁ ହାତୀ, ନିରାକାର ବାରିକ, ବାଲ୍ମୀକି ଡାଙ୍ଗ, ମଣ୍ଟୁ କଅଁର, ପ୍ରହଲ୍ଲାଦ ପଧାନ, ରଞ୍ଜନ ଅମାତ ଓ ସତ୍ୟବ୍ରତ ହାତୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଜୟଦୀପ ତଣ୍ଡିଆ ଧାରାବିରଣୀ ପ୍ରଦାନ କରିଥିଲେ।

### ସୁବଳୟା ୱାଇଏସ୍‌ଏ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା

## ସୁବର୍ଣ୍ଣପୁରର ରାଜେଶ ଓ ଅଭୟ ଯୋଡ଼ି ଚାମ୍ପିଅନ

**ବୀରମହାରାଜପୁର, ୨୪।୧୨(ସମିସ):** ବୀରମହାରାଜପୁର ବ୍ଲକ ସୁବଳୟା ୱାଇଏସ୍‌ଏ ବ୍ୟାଡମିଣ୍ଟନ ଟିମ୍ ଆୟୋଜିତ ଦ୍ୱିତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ତରଭାର ପ୍ରତୀକ ଓ ଦିନେଶ ଯୋଡିକୁ ୨-୧ ସେଟରେ ହରାଇ ସୁବର୍ଣ୍ଣପୁରର ରାଜେଶ ଓ ଅଭୟ ଯୋଡ଼ି ଚାମ୍ପିଅନ ହୋଇଥିଲେ। ବ୍ୟାଡମିଣ୍ଟନ ପ୍ରତିଯୋଗିତାକୁ ସୁବଳୟା ଡାକ୍ତଖାନାର ଡ଼ା. ଲିପୁନ କୁମାର ପ୍ରଧାନ ଓ ଯୁକ୍ତଦୁଇ କଲେଜର ପ୍ରିନ୍ସିପାଲ୍ ଭୋଳାନାଥ କର୍ମି ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବଲାଙ୍ଗିର, ବୌଦ୍ଧ, ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲ୍ଲାର ୨୭ଟି ଟିମ୍ ଅଂଶଗ୍ରହଣ କରିଥିଲେ। ୱାଇଏସ୍‌ଏ ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ସମ୍ମାନିତ ଅତିଥି ଭାବରେ ଆସିଷ୍ଟାଣ୍ଟ କଲେକ୍ଟର ନରେନ୍ଦ୍ର ଭୋଇ ଓ ଡେପୁଟି କଲେକ୍ଟର ଉପେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଚନ୍ଦ୍ରମଣି ବାଘ ସଭା ସଂଯୋଜନା କରିଥିବା ବେଳେ ଟୁନା ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ। ମ୍ୟାଚ୍‌ଗୁଡ଼ିକୁ ଦିଲ୍ଲୀପ ମେହେର ପରିଚାଳନା କରିଥିବା ବେଳେ ଚନ୍ଦ୍ରମଣି ବାଘ୍ ଓ ଚନ୍ଦନ ମେହେର ସ୍କୋର କାର୍ଯ୍ୟ ସମ୍ପାଦନ କରିଥିଲେ। ୱାଇଏସ୍‌ଏର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୧୩ • ପାଉଣ୍ଡ ୧୦୭.୮୫
- ୟୁରୋ ୮୮.୬୧ • ୟେନ୍ ୦.୫୪

### ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୧,୧୪୦ (ନୂଆଦିଲ୍ଲୀ)
- ରୁପା : ୯୧,୪୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୪୭୨.୦୦
- ନିଫ୍ଟି ୨୩,୭୨୭.୫୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



ଆଇଏମ୍‌ଏଫ୍ ରିପୋର୍ଟ | ବିଶ୍ୱର ସବୁ ରାଷ୍ଟ୍ର ଉପରେ ୧୦୨ ଟ୍ରିଲିୟନ୍ ଡଲାରର ଋଣ ବୋଝ

# ଋଣ କରିବାରେ ଭାରତ ୭ମ ସ୍ଥାନରେ

ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି)

ଭାରତ ସମେତ ବିଶ୍ୱର ଅନେକ ଦେଶ ଋଣଗ୍ରସ୍ତ। ବିଶ୍ୱର ସବୁ ରାଷ୍ଟ୍ରଗୁଡିକର ଋଣ ପରିମାଣ ୧୦୨ ଟ୍ରିଲିୟନ୍ ଡଲାର ରହିଛି। ହେଲେ ବିଶ୍ୱର ଏହି ଋଣକାରୀ ଦେଶଗୁଡିକ ମଧ୍ୟରେ ଆମେରିକାର ନାମ ସବୁଠୁ ଆଗରେ ରହିଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ ୱାର୍ଲ୍ଡ ଅଫ୍ ଷ୍ଟାଟିଷ୍ଟିକ୍ସକୁ ଆଧାର କରି ବିଶ୍ୱର ସର୍ବାଧିକ ଋଣକାରୀ ରାଷ୍ଟ୍ରର ତାଲିକା ପ୍ରକାଶ କରାଯାଇଛି। ଏହି ତାଲିକାରେ ଚୀନ୍ ଏବଂ ଜାପାନ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ଋଣ କରିବାରେ ଭାରତ ଦୁନିଆରେ ୭ମ ସ୍ଥାନରେ ରହିଛି।

ଦୁନିଆର ଅନେକ ଦେଶ ଋଣରେ ଫସି ରହିଛନ୍ତି। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକା ଉପରେ ସର୍ବାଧିକ ୩୬ ଟ୍ରିଲିୟନ୍ ଡଲାରର ଋଣ ଭାର ରହିଛି। ୱାର୍ଲ୍ଡ ଅଫ୍ ଷ୍ଟାଟିଷ୍ଟିକ୍ସ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ସମଗ୍ର ବିଶ୍ୱରେ ଦେଶଗୁଡିକର ସମୁଦାୟ ଋଣ ପରିମାଣ ୧୦୨ ଟ୍ରିଲିୟନ୍ ଡଲାର ରହିଛି। ଏହି ଋଣରେ ଆମେରିକାର ସର୍ବାଧିକ ଅଂଶ ରହିଛି। କେବଳ ଆମେରିକା କରିଥିବା ସମଗ୍ର ବିଶ୍ୱର ରାଷ୍ଟ୍ରଗୁଡିକ ଦ୍ୱାରା କରାଯାଇଥିବା ମୋଟ ଋଣର ୩୪.୬ ପ୍ରତିଶତ ହେବ। ଆମେରିକା ପରେ ଚୀନ୍ ଉପରେ ସର୍ବାଧିକ




ମୋଟ କରଜର ୩.୨% ଭାରତ ଆଣିଛି

ଆମେରିକା ଉପରେ ସର୍ବାଧିକ ୩୬ ଟ୍ରିଲିୟନ୍ ଡଲାରର ଋଣ

ଋଣ ରହିଛି। ଚୀନ୍‌ର ମୋଟ ଋଣ ପରିମାଣ ୧୪.୬୯ ଟ୍ରିଲିୟନ, ଯାହା ବିଶ୍ୱର ମୋଟର ଋଣର ୧୬.୧ ପ୍ରତିଶତ ହେବ।

ଏହାବ୍ୟତୀତ ଋଣ କରିବାରେ ଜାପାନବିଶ୍ୱରେ ତୃତୀୟ ସ୍ଥାନରେ ରହିଛି, ଯାହାର ଋଣ ୧୦.୮୦ ଟ୍ରିଲିୟନ ଡଲାର। ଏହା ଦୁନିଆର ମୋଟ ଋଣର ୧୦ ପ୍ରତିଶତ। ଏହି ତାଲିକାରେ ବ୍ରିଟେନ ଚତୁର୍ଥ ସ୍ଥାନରେ ରହିଛି, ଯାହାର ମୋଟ ଋଣ ପରିମାଣ ୩.୬ ପ୍ରତିଶତ ରହିଛି। ଏହା ପଛକୁ ଫ୍ରାନ୍ସ ଏବଂ ଇଟାଲୀର ନାମ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି। ଅପରପକ୍ଷେ ଭାରତ ବିଷୟରେ କହିବାକୁ ଗଲେ, ଏହି ତାଲିକାରେ ଭାରତ ସପ୍ତମ ସ୍ଥାନରେ ରହିଛି। ଭାରତ ଉପରେ ମୋଟ ୩.୨ ପ୍ରତିଶତ ଋଣ ରହିଛି। ଭାରତ ବ୍ୟତୀତ ଜର୍ମାନୀ, ବ୍ରାଜିଲ, କାନାଡା ଭଳି ଦେଶ ମଧ୍ୟ ବିଶ୍ୱର ଏହି ଋଣ ତାଲିକାରେ ଅନ୍ତର୍ଭୁକ୍ତ।

■ ଟ୍ରାଭେଲ୍ ପେଡିଆ ୨୦୨୪ ରିପୋର୍ଟ

# ଓୟୋ ବୁକିଂରେ ପୁରୀ ଆଗରେ

ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି): ୨୦୨୪ ବର୍ଷ ଶେଷ ହେବାକୁ ଆଉ ସପ୍ତାହେ ଅଳ୍ପ କିଛି ଦିନ। ଏହି ବର୍ଷ ଲୋକେ ବହୁଳ ସଂଖ୍ୟାରେ ଯାତ୍ରା କରିଛନ୍ତି। ଓୟୋ ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା ଏକ ରିପୋର୍ଟରେ ଓୟୋ ବୁକିଂରେ ପୁରୀ ଆଗରେ ରହିଥିବା ଦର୍ଶାଇଛି। ଏଥିରେ ବର୍ଷକ ମଧ୍ୟରେ ଅଧିକ ଓୟୋ ବୁକିଂ ହାସଲ କରିଥିବା ସହରମାନଙ୍କର ନାମ ପ୍ରକାଶ କରାଯାଇଛି। ଭ୍ରମଣ ପ୍ରଯୁକ୍ତିବିଦ୍ୟା ପ୍ଲାଟଫର୍ମ ଓୟୋର ଟ୍ରାଭେଲ୍ ପେଡିଆ ୨୦୨୪ ରିପୋର୍ଟରେ ଭ୍ରମଣ ଢାଞ୍ଚା ଉପରେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟ ଅନୁସାରେ, ଚଳିତ ବର୍ଷ (୨୦୨୪) ପୁରୀ, ବାରଣାସୀ ଏବଂ ହରିଦ୍ୱାର ହେଉଛି ସବୁଠୁ ଅଧିକ ଲୋକ ଯାତ୍ରା କରାଯାଇଥିବା ଅଧ୍ୟାତ୍ମିକ ଗନ୍ତବ୍ୟ ସ୍ଥଳୀ। ହେଲେ ହାଇଦ୍ରାବାଦ ପାଇଁ ସବୁଠୁ ଅଧିକ ବୁକିଂ ହାସଲ ହୋଇଛି। ଏହି ଅନୁସନ୍ଧାନ ବର୍ଷକର ଓୟୋ ପ୍ଲାଟଫର୍ମରେ ବୁକିଂ ସମ୍ବନ୍ଧୀୟ ତଥ୍ୟ ଉପରେ ଆଧାରିତ। ରିପୋର୍ଟ ମୁତାବକ, ଭାରତରେ ଚଳିତବର୍ଷ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଯେଉଁ ଧାର୍ମିକ ସହରଗୁଡିକରେ ସବୁଠୁ ଅଧିକ ଓୟୋ ବୁକିଂ ହୋଇଛି, ସେଥିରେ ପୁରୀ, ବାରଣାସୀ ଏବଂ ହରିଦ୍ୱାର ସହରର ନାମ ସବୁଠୁ ଉପରେ ରହିଛି। ଏହାବ୍ୟତୀତ ଦେବଘର, ପଲାନୀ ଏବଂ ଗୋବର୍ଦ୍ଧନରେ ମଧ୍ୟ ବୁକିଂରେ ପର୍ଯ୍ୟାପ୍ତ ବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ଓୟୋର ରିପୋର୍ଟ ମୁତାବକ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଦିଲ୍ଲୀ ଏବଂ କୋଲକାତା ଭଳି ସହର ବୁକିଂ ମାମଲାରେ ସର୍ବଶ୍ରେଷ୍ଠ ସ୍ଥାନରେ ରହିଛି। ମହାରାଷ୍ଟ୍ର, ତେଲେଙ୍ଗାନା ଏବଂ କର୍ଣ୍ଣାଟକ ଯାତ୍ରା କରିଥିବା ଲୋକଙ୍କ ସଂଖ୍ୟା ଅଧିକ ରହିଛି। ପାଟଣା, ରାଜମୁନ୍ଦ୍ରୀ ଏବଂ ହୁବୁଲି ଭଳି ଛୋଟ ସହର ପାଇଁ ବୁକିଂରେ ବାର୍ଷିକ ଆଧାରରେ ୪୮ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଥିବା ରିପୋର୍ଟରେ କୁହାଯାଇଛି।

ବଜେଟ ୨୦୨୫

# ଅର୍ଥନୀତିଜ୍ଞଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି)




୨୦୨୫-୨୬ ଆର୍ଥିକବର୍ଷର ସାଧାରଣ ବଜେଟ ଆସନ୍ତା ଫେବୃଆରୀ ପହିଲାରେ ସଂସଦରେ ଆଗତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ବିଶେଷଜ୍ଞମାନଙ୍କୁ ଭେଟି ଆଗାମୀ ବଜେଟ୍ ପାଇଁ ସେମାନଙ୍କର ମତାମତ ଏବଂ ପରାମର୍ଶ ସଂଗ୍ରହ କରିଛନ୍ତି। ଆସନ୍ତା ବଜେଟ ଉପରେ ସେମାନଙ୍କର ମତାମତ ଏବଂ ପରାମର୍ଶ ପାଇଁ ଆୟୋଜିତ ହୋଇଥିବା ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ରୋଜଗାର, କୃଷି ଉତ୍ପାଦନ ଏବଂ ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜି ବୃଦ୍ଧି ଭଳି ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। 'ନିତି' ଆୟୋଗରେ ଆୟୋଜିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ୨୦୨୫-୨୬ର ବଜେଟ୍ ସମ୍ବନ୍ଧରେ ଅର୍ଥନୀତିଜ୍ଞ ଏବଂ ବିଶେଷଜ୍ଞଙ୍କ ମତ ଏବଂ ପରାମର୍ଶ ଶୁଣିଛନ୍ତି।

ଏହି ବୈଠକରେ ଉପସ୍ଥିତ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ବିଶ୍ଳେଷକମାନଙ୍କ ମଧ୍ୟରେ ସୁରଜିତ ଏସ୍ ଭାଲା, ଅଶୋକ ଗୁଲାଟି, ସୁଦୀପ୍ତୋ ମଣ୍ଡଳ, ଧରମକର୍ତ୍ତୀ ଯୋଶୀ, ଜନ୍ମେଜୟ ସିହ୍ନା, ମଦନ ସାବନାଭିସ୍, ଅମିତା ବାତ୍ରା, ରିଧମ୍ ଦେଶାଇ, ଚେତନ ଘାଟେ, ଭରତ ରାମସ୍ୱାମୀ, ସୌମ୍ୟ କାନ୍ତୀ ଘୋଷ, ସିଦ୍ଧାର୍ଥ ସନ୍ୟାଲ୍, ରଜନୀ ସିହ୍ନା, କେଶବ ଦାସ, ପ୍ରୀତମ ବାନାର୍ଜୀ, ରାହୁଲ ବାଜୋରିଆ, ନିଖିଲ ଗୁପ୍ତା ଏବଂ ଅନନ୍ତ ଆଲୋକ ରହିଛନ୍ତି। ନିଯୁକ୍ତି ଉତ୍ପାଦନ, କୃଷି ଉତ୍ପାଦନ ଏବଂ ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜି ବୃଦ୍ଧି ଭଳି ପ୍ରସଙ୍ଗଗୁଡିକ ଆଗାମୀ ବଜେଟ ଉପରେ ସେମାନଙ୍କର ମତାମତ ଏବଂ ପରାମର୍ଶ ଖୋଜିବା ପାଇଁ ଆଲୋଚନା କରାଯାଇଥିଲା।

ବୈଠକରେ ଶିକ୍ଷା ବଜାରର ଉଦୀୟମାନ ଆବଶ୍ୟକତା ସହିତ ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମକୁ ଯୋଡିବା, କୃଷି ଉତ୍ପାଦନ ବୃଦ୍ଧି ଏବଂ ଗ୍ରାମୀଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଘରୋଇ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ଏବଂ ଅର୍ଥନ ତିକ ଅଭିବୃଦ୍ଧିକୁ ନେଇ ଆଲୋଚନା କରାଯାଇଥିଲା ଦେଶର ଅର୍ଥନୈତିକ ଅଭିବୃଦ୍ଧିର ମନ୍ଥରତା ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୫.୪ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଜୁନ୍ ତ୍ରୈମାସିକରେ ଏହା ୬.୭ ପ୍ରତିଶତ ରହିଥିଲା। ସମ୍ପ୍ରତି ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଚଳିତ ଆର୍ଥିକ ବର୍ଷ ପାଇଁ ଭାରତର ଆର୍ଥିକ ଅଭିବୃଦ୍ଧି ପୂର୍ବାନୁମାନକୁ ୭ପ୍ରତିଶତରୁ ୬.୫ ପ୍ରତିଶତକୁ ହ୍ରାସ କରିଛି।

ପରିବା ମଣ୍ଡିରେ ରାହୁଲ ଗାନ୍ଧୀ

# '୪୦ ଟଙ୍କା ଥିବା ରସୁଣ ଏବେ ଚାରିଶହ'

ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି)





ଦରବୃଦ୍ଧି ନେଇ ଆଜି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ। ରାହୁଲ ଆଜି ଦିଲ୍ଲୀର ଗିରି ନଗର ପରିବା ମଣ୍ଡିରେ ପହଞ୍ଚିଛନ୍ତି। ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସେ ସାଧାରଣ ଲୋକ ଏବଂ ପନିପରିବା ବିକ୍ରେତାଙ୍କଠାରୁ ପନିପରିବା ମୂଲ୍ୟ ପଚାରିଥିଲେ। ଏହା ପରେ ରାହୁଲ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପ୍ରାୟ ୬ ମିନିଟର ଏକ ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଭିଡିଓ ସେୟାର କରି ରାହୁଲ ମୋଦୀ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ରସୁଣ ଏକଦା ୪୦ ଟଙ୍କା ଥିଲା, ଆଜି ଏହା ୪୦୦ ଟଙ୍କାରେ ପହଞ୍ଚିଛି। ପରିବା ବଜାର ପରିଦର୍ଶନ କରିବା ପରେ ରାହୁଲ କିଛି ମହିଳାଙ୍କ ଘର ପରିଦର୍ଶନ କରିଥିଲେ। ଏହି ସମୟରେ ସେ ମୁଦ୍ରାସ୍ଫୀତି ଯୋଗୁ ବିଗିଡିଯାଇଥିବା ଘରର ରୋଷେଇ ବଜେଟ୍ ଉପରେ ମହିଳାମାନଙ୍କଠାରୁ ମତାମତ ଲୋଡିଥିଲେ।

ରାହୁଲ ଏକ ପରିବା ବିକ୍ରେତାଙ୍କୁ ପଚାରିଥିଲେ ଯେ, ରସୁଣର ମୂଲ୍ୟ କ'ଣ ରହିଛି। ଏହା ଉପରେ ବିକ୍ରେତା କହିଛନ୍ତି ଯେ ଏହା କିଲୋ ପିଛା ୪୦୦ ଟଙ୍କା। ନିକଟରେ ଛିଡା ହୋଇଥିବା ଜଣେ ମହିଳା କହିଥିଲେ ଯେ ସୁନା ଶସ୍ତା ହୋଇଗଲା କିନ୍ତୁ ରସୁଣ ହେଲା ନାହିଁ ବୋଲି ତାଚ୍ଛଲ୍ୟ କରିଛନ୍ତି।

ରାହୁଲ କହିଥିଲେ ଯେ ପ୍ରତିବର୍ଷ ମୁଦ୍ରାସ୍ଫୀତି ବୃଦ୍ଧି ପାଉଛି, ଏହା ଆପଣଙ୍କ ଉପରେ ଚାପ ପକାଉଛି କି। ଏତାଛଡା ଜିଏସ୍‌ଟି ଯୋଗୁଁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି କି ନାହିଁ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ମହିଳାମାନେ କହିଛନ୍ତି ଯେ ହଁ ଏହା କ୍ଷୀପ୍ର ଗତିରେ ବଢି ଚାଲିଛି। ଆଉ ପଚାରନ୍ତୁ ନାହିଁ ସାର୍। ଏଥର ପନିପରିବା ମହଙ୍ଗା ହୋଇଛି। କାହାର ଦରମା ବୃଦ୍ଧି ହୋଇନାହିଁ କିନ୍ତୁ ଦର ବୃଦ୍ଧି ପାଇଛି।

**ମହଙ୍ଗା ମାଡ଼ରେ ଲହୁଲୁହାଣ ଜନତା: କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ସରକାର**

**ରାହୁଲ ଗାନ୍ଧୀ ସେୟାର କଲେ ପରିବା ବଜାର ଭିଡିଓ...**

ଏସ୍‌ବିଆଇ ରିପୋର୍ଟ | ଦେଶରେ କ୍ରମାଗତ ବଢୁଛନ୍ତି ନିବେଶକ

# ଚଳିତବର୍ଷ ଖୋଲିଛି ୩.୯ କୋଟି ଡିମାଟ୍ ଆକାଉଣ୍ଟ

ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି)

ଭଲ ରିଟର୍ଣ୍ଣ ଆଶାରେ ଘରୋଇ ଷ୍ଟକ୍ ବଜାରରେ ନିବେଶକଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ଡେମାଟ୍ ଆକାଉଣ୍ଟ ସଂଖ୍ୟାରେ ତୀବ୍ର ବୃଦ୍ଧି ଏହା ପ୍ରମାଣିତ କରୁଛି। ଏସ୍‌ବିଆଇ ରିପୋର୍ଟରେ ଏ ସମ୍ପର୍କରେ ଦର୍ଶାଯାଇଛି। ରିପୋର୍ଟ ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ଦେଶରେ ନୂତନ ଡେମାଟ ଆକାଉଣ୍ଟ ସଂଖ୍ୟା ୩୯ ଗୁଣ ବୃଦ୍ଧି ପାଇଛି। ୨୦୧୪ ରେ, ଦେଶରେ ୧୦ ଲକ୍ଷ ଡିମାଟ୍ ଆକାଉଣ୍ଟ ଖୋଲାଯାଇଥିଲା, ଯାହାର ସଂଖ୍ୟା ଚଳିତବର୍ଷ ଅକ୍ଟୋବର ସୁଦ୍ଧା ରେକର୍ଡ ୩.୯୧ କୋଟିରେ ପହଞ୍ଚିବ। ଆଶା କରାଯାଉଛି ଯେ ଚଳିତ ବର୍ଷ ନୂଆ ଡେମାଟ ଆକାଉଣ୍ଟ ସଂଖ୍ୟା ଚାରି କୋଟି ଅତିକ୍ରମ କରିଯିବ। ରିପୋର୍ଟରେ କୁହାଯାଇଛି ଯେ କ୍ୟାଲେଣ୍ଡର ବର୍ଷ ୨୦୨୧ରୁ ପ୍ରତିବର୍ଷ ପ୍ରାୟ ତିନି କୋଟି ଡେମାଟ ଆକାଉଣ୍ଟ ଖୋଲାଯାଉଛି। ଏହାର ଅର୍ଥ ହେଉଛି




୧୦ ବର୍ଷରେ ସଂଖ୍ୟାରେ ୩୯ ଗୁଣା ବୃଦ୍ଧି

୪.୮୫ କୋଟି ନୂତନ ଏସ୍‌ଆଇପି ଆକାଉଣ୍ଟ ଖୋଲିଛି

ପ୍ରତିବର୍ଷ ବହୁ ସଂଖ୍ୟକ ନିବେଶକ ଷ୍ଟକ୍ ବଜାରରେ ଯୋଗ ଦେଉଛନ୍ତି | ରିପୋର୍ଟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷ ସୁଦ୍ଧା ଦେଶରେ ମୋଟ ଡେମାଟ ଆକାଉଣ୍ଟ ସଂଖ୍ୟା ୧୫ କୋଟି ଅତିକ୍ରମ କରିବ, ଯାହା ୨-୦୧୩-୧୪ ରେ ୨.୨୦ କୋଟି ରହିଥିଲା। ସେଥିମଧ୍ୟରୁ ଏନ୍‌ଏସ୍ ନିବେଶକଙ୍କ ସଂଖ୍ୟା ହେଉଛି ୯.୨ କୋଟି | ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ଡେମାଟ ଆକାଉଣ୍ଟଧାରୀଙ୍କ ସଂଖ୍ୟା ୧୭.୭୬ କୋଟି ସ୍ତରକୁ ବୃଦ୍ଧି ପାଇଛି। ବଜାରରେ ନିବେଶକଙ୍କ ସଂଖ୍ୟାରେ ବୃଦ୍ଧି ହେତୁ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ବଜାର ପୁଞ୍ଜି ୨୦୧୩-୧୪ ଠାରୁ ୬ ଗୁଣରୁ ଅଧିକ ବୃଦ୍ଧି ପାଇଛି। ୨୦୧୩-୧୪ ରେ ଏନ୍‌ଏସ୍‌ଇର ବଜାର ପୁଞ୍ଜି ୭୩,୦୦୦ କୋଟି ଥିଲା, ଯାହା ୨୦୨୪-୨୫ ସୁଦ୍ଧା ୪୪୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ, ୨୦୨୧୩-୧୪ ରୁ ଅକ୍ଟୋବର ୨୦୨୪-୨୫ ମଧ୍ୟରେ ରାଇଟ୍ସ ଇସ୍ୟୁ, ଆଇପିଓ ଏବଂ ଅନ୍ୟାନ୍ୟ ଇସ୍ୟୁ ମାଧ୍ୟମରେ ୧୦ ଗୁଣ ଅଧିକ ଅର୍ଥ ସଂଗ୍ରହ କରାଯାଇଥିଲା। ୨୦୧୫୪ ରେ ଏହା ୧୨.୦୦୮ କୋଟି ଥିଲା, ଯାହା ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୧.୨୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୩-୧୪ ରେ ସମୁଦାୟ ୫୬ ଟି ଇସ୍ୟୁ ଆସିଥିଲା, ଯାହାର ସଂଖ୍ୟା ବର୍ତ୍ତମାନ ୩୦୨ରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ମୋଟ ୪.୮୫ କୋଟି ନୂତନ ଏସ୍‌ଆଇପି ଆକାଉଣ୍ଟ ଖୋଲାଯାଇଥିବାବେଳେ ୨୦୧୭-୧୮ ରେ ସେହି ସଂଖ୍ୟା ୧.୧୬ କୋଟି ରହିଥିଲା। ଏହି ଅବଧି ମଧ୍ୟରେଏସ୍‌ଆଇପି ମାଧ୍ୟମରେ ବିନିଯୋଗ ପରିମାଣ ୧.୮୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ୨୦୧୭-୧୮ ରେ ୬୭,୦୦୦ କୋଟି ଟଙ୍କା ରହିଥିଲା।

# ହାର୍ଭାର୍ଡ ଇଣ୍ଡିଆ ସମ୍ମିଳନୀରେ ନୀତା ଅମ୍ବାନୀ ଭାରତର ବିଶ୍ୱ ଶକ୍ତି ଉପରେ ରଖିବେ ମତ

ବୋଷ୍ଟନ୍,୨୪।୧୨(ଏଜେନ୍ସି): ଫେବୃଆରୀ ୧୫-୧୬, ୨୦୨୫ ରେ ବୋଷ୍ଟନରେ ଅନୁଷ୍ଠିତ ହେବାକୁ ଥିବା ସମ୍ମାନଜନକ ହାର୍ଭାର୍ଡ ଇଣ୍ଡିଆ କନଫରେନ୍ସ (ଆଇସିଏଚ) ରେ ରିଲାଏନ୍ସ ଫାଉଣ୍ଡେସନର ଚେୟାରମ୍ୟାନ୍ ନୀତା ଅମ୍ବାନୀ ଭାରତର ବିଶ୍ୱ ଶକ୍ତି ଏବଂ ସମ୍ଭାବନା ଉପରେ ନିଜର ମତ ରଖିବେ। ଏଥିନେଇ ରବିବାର ଦିନ ଆଇସିଏଚ ପକ୍ଷରୁ ଘୋଷଣା କରାଯାଇଛି। ଏହି ବର୍ଷର ଥିମ୍ 'ଭାରତରୁ ବିଶ୍ୱ ପର୍ଯ୍ୟନ୍ତ' ରଖାଯାଇଛି। ନୀତା ଅମ୍ବାନୀ ତାଙ୍କ ସାମାଜିକ କାର୍ଯ୍ୟ ମାଧ୍ୟମରେ ୮ କୋଟିରୁ ଅଧିକ ଲୋକଙ୍କ ଜୀବନରେ ସକରାତ୍ମକ ପ୍ରଭାବ ପକାଇଛନ୍ତି। ନିକଟରେ ନିଜର ସଫଳ ଉଦ୍ୟମ ବଳରେ ସେ ଚାରି ଦଶନ୍ଧି ପରେ ଭାରତରେ ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଅଧିବେଶନ ଆୟୋଜନ କରିବା ସହିତ ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତର ଆବେଦନକୁ ମଜବୁତ କରିଛନ୍ତି। ତାଙ୍କର ଏହି ସଫଳତା ଭାରତର ବିଶ୍ୱ ପ୍ରଭାବ ଏବଂ ନେତୃତ୍ୱ ସାମର୍ଥ୍ୟର ପ୍ରତୀକ। ଆୟୋଜକଙ୍କ ସୂଚନା ଅନୁସାରେ ଏହି ସମ୍ମିଳନୀରେ ୮୦ ରୁ ଅଧିକ ବକ୍ତା ଅଂଶଗ୍ରହଣ କରିବେ। ନୀତା ଅମ୍ବାନୀଙ୍କ ସହ ଫାୟାରସାଇଡ ବାର୍ତ୍ତାଳାପରେ ଭାରତର ବିଶ୍ୱ ସ୍ତରରେ ଭୂମିକା ଏବଂ ଦୃଷ୍ଟିକୋଣ ଉପରେ ମଧ୍ୟ ଆଲୋଚନା କରାଯିବ। ଏହା ସହିତ ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ନେଇ ଏକ ପଲିସି ହ୍ୟାକାଥନ୍ ଏବଂ ଭାରତୀୟ ଉଦ୍ୟୋଗୀମାନଙ୍କ ପାଇଁ ଏକ ଷ୍ଟାର୍ଟଅପ୍ ପିଚ୍ ପ୍ରତିଯୋଗିତା ଆୟୋଜିତ ହେବ। ଅନ୍ୟାନ୍ୟ ପ୍ରମୁଖ ବକ୍ତାମାନଙ୍କ ମଧ୍ୟରେ ରହିଛନ୍ତି ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜିନେସର ପ୍ରତିଷ୍ଠାତା ଡିନ୍ ପ୍ରମଥ ରାଜ ସିହ୍ନା, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ସିଇଓ ଅନିଶ ଚୌହାନ, ଫ୍ୟାଶନ୍ ଡିଜାଇନର୍ ସାବ୍ୟାସାଚୀ ମୁଖାର୍ଜୀ ଏବଂ ଅଞ୍ଜଳି ବଂଶଲ।

ସପ୍ତାହକରେ ବିଟ୍ କଏନ୍ ମୂଲ୍ୟରେ ବୃହତ୍ ହ୍ରାସ

# କ୍ଷତି ଅର୍ଥରେ ଫିନ୍‌ଲ୍ୟାଣ୍ଡ, ପର୍ତ୍ତୁଗାଲ ଭଳି ଦେଶ ଗଠନ ହୋଇଯାଇଥାନ୍ତା

ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି)

ମାତ୍ର ସପ୍ତାହକ ପୂର୍ବରୁ, ବିଶ୍ୱର ସର୍ବବୃହତ କ୍ରିପ୍ଟୋକରେନ୍ସି ବିଟ୍ କଏନ୍ ରେକର୍ଡ ଭାଙ୍ଗୁଥିଲା। ଏହାର ମୂଲ୍ୟ କ୍ରମାଗତ ଭାବରେ ବୃଦ୍ଧି ହେଉଥିଲା। ବିଟ୍ କଏନ୍ ମୂଲ୍ୟରେ ହ୍ରାସ ହେତୁ ବିଟ୍ କଏନ୍‌ର ବଜାର ପୁଞ୍ଜି ମଧ୍ୟ ହ୍ରାସ ପାଇଛି। ବିଟ୍ କଏନ୍‌ର ବଜାର ପୁଞ୍ଜି ଋଷର ମୋଟ ଘରୋଇ ଉତ୍ପାଦ (ଜିଡିପି) ସହିତ ସମାନ ସ୍ତରରେ ପହଞ୍ଚିଛି। ହେଲେ ଗତ ଏକ ସପ୍ତାହ ମଧ୍ୟରେ ବିଟ୍ କଏନ୍ ମୂଲ୍ୟରେ ପ୍ରାୟ ୧୫ ପ୍ରତିଶତ ହ୍ରାସ ଘଟିଛି। ବିଟ୍ କଏନ୍‌ର ବଜାର ପୁଞ୍ଜି ୨ ଟ୍ରିଲିୟନ୍ ଡଲାରରୁ ତଳକୁ ଖସିଆସିଛି। କ୍ଷତି ଏତେ ମାତ୍ରାରେ ହୋଇଛି ଯେ ସେହି କ୍ଷତି ଅର୍ଥରେ ଫିନ୍‌ଲ୍ୟାଣ୍ଡ,ପର୍ତ୍ତୁଗାଲ, କାଜାଖାସ୍ତାନ ଭଳି ରାଷ୍ଟ୍ରା ଗଠନ ହୋଇଯାଇଥାନ୍ତା।

ଏହି ଅବଧି ମଧ୍ୟରେ, ବିଟ୍ କଏନ୍‌ର ବଜାର ପୁଞ୍ଜିରେ ୩୦୦ ବିଲିୟନ ଡଲାରରୁ ଅଧିକ କ୍ଷତି ହୋଇଛି। ଗତ ଏକ ସପ୍ତାହ ମଧ୍ୟରେ ବିଟ୍ କଏନ୍ ମୂଲ୍ୟରେ ଏକ ବଡ଼ ହ୍ରାସ ଘଟିଛି। କଏନ୍ ମାର୍କେଟ କ୍ୟାପର ତଥ୍ୟ ଅନୁଯାୟୀ, ଗତ ଏକ ସପ୍ତାହ ମଧ୍ୟରେ ବିଟ୍ କଏନ୍ ମୂଲ୍ୟରେ ପାଖାପାଖି ୧୫ ପ୍ରତିଶତ ହ୍ରାସ ଘଟିଛି। ଯଦି ଆମେ ତଥ୍ୟକୁ ଦେଖିବା, ଡିସେମ୍ବର ୧୭ରେ ବିଟକଏନ୍ ମୂଲ୍ୟ ୧,୦୮,୨୬୮.୪୫ ଡଲାରରେ ପହଞ୍ଚିଛି, ଯାହା ଡିସେମ୍ବର ୨୪ ରେ ୯୨,୪୦୩.୧୩ ଡଲାରକୁ ଖସି ଆସିଥିଲା। ଏହାର ଅର୍ଥ ହେଉଛି ଗତ ଏକ ସପ୍ତାହରେ ବିଟ୍ କଏନ୍ ମୂଲ୍ୟରେ ୧୫୮୬୫.୩୨ ଡଲାର ହ୍ରାସ ଘଟିଛି। ବର୍ତ୍ତମାନ, ବିଟ୍ କଏନ୍ ମୂଲ୍ୟ ୧.୨୫ ପ୍ରତିଶତ ହ୍ରାସ ସହିତ ୯୪,୧୨୯.୦୯ ଡଲାରରେ କାରବାର କରୁଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଫେଡେରାଲ ରିଜର୍ଭର ନୀତି ହେତୁ ବିଟ୍ କଏନ୍ ମୂଲ୍ୟରେ ହ୍ରାସ ଘଟିଛି।



ଆଗାମୀ ଦିନରେ ଆମେ ବିଟ୍ କଏନ୍ ମୂଲ୍ୟରେ ଆହୁରି ହ୍ରାସ ଦେଖିପାରିବା। ବିଟ୍ କଏନ୍‌ର ବଜାର ପୁଞ୍ଜିରେ ୩୧୦ ବିଲିୟନ ଡଲାରର କ୍ଷତି ସହିଛି। ଏହି କ୍ଷତି ଅର୍ଥରେ ଫିନଲ୍ୟାଣ୍ଡ, ପର୍ତ୍ତୁଗାଲ ଏବଂ କାଜାଖସ୍ତାନ ଭଳି ଦେଶ ସୃଷ୍ଟି କରାଯାଇପାରିଥାନ୍ତା। କାରଣ ଏହି ଦେଶଗୁଡିକର ଜିଡିପି ୩୦୦ବିଲିୟନ ଡଲାର ମଧ୍ୟରେ ରହିଛି। ଆଇଏମ୍‌ଏଫ୍ ଆକଳନ ଅନୁଯାୟୀ ଫିନଲ୍ୟାଣ୍ଡର ମୋଟ ଜିଡିପି ୩.୬ ବିଲିୟନ ଡ଼ଲାର, ଯେତେବେଳେ କି ପର୍ତ୍ତୁଗାଲର ଆନୁମାନିକ ଜିଡିପି ହେଉଛି ୩୦୩ ବିଲିୟନ ଡ଼ଲାର। ଆଇଏମ୍‌ଏଫ୍ ଆକଳନ ଅନୁଯାୟୀ, କାଜାଖସ୍ତାନର ଜିଡିପି ୨୯୩ ବିଲିୟନ ଡ଼ଲାର।

# ଭଷ୍ମା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



ସୁନ୍ଦରଗଡ଼, ୨୪।୧୨(ସମିସ): ଭଷ୍ମା ଥାନାର ନୂତନ ଆଇଆଇସି ଭାବେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ଅଶୋକ କୁମାର ଦାସ ଯୋଗ ଦେଇଛନ୍ତି। ବିଦାୟୀ ଆଇଆଇସି ରାମପ୍ରସାଦ ନାଗଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିବାବେଳେ ଶ୍ରୀ ନାଗ ବୀରମିତ୍ରପୁର ଥାନା ଆଇଆଇସି ଭାବେ ଦାୟିତ୍ୱ ନେଇଛନ୍ତି। ବୀରମିତ୍ରପୁର ଥାନାର ବିଦାୟୀ ଆଇଆଇସି ବନ୍ଦନା ପାତ୍ରଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଫଳରେ ଭଷ୍ମା ଥାନାରେ ଆଇଆଇସି ପଦକୁ ନେଇ ଲାଗି ରହିଥିବା ଛକାପନ୍ଝାର ଅନ୍ତ ଘଟିଛି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ଜିଲ୍ଲାର ୪ ଜଣ ଇନ୍ସପେକ୍ଟରଙ୍କ ବଦଳି ଆଦେଶ ଦେଇଥିଲେ। ଭଷ୍ମା ଥାନା ଆଇଆଇସି ଶ୍ରୀ ନାଗଙ୍କ ବୀରମିତ୍ରପୁର ଥାନାକୁ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ଆଇୟୁସିଏଡବ୍ଲ୍ୟୁରେ କାର୍ଯ୍ୟରତ ଭଷ୍ମା ଥାନାର ପୂର୍ବତନ ଆଇଆଇସି ପ୍ରୀତିମଞ୍ଜରୀ ମେଣ୍ଡୁଲିଙ୍କୁ ପୁନର୍ବାର ବଦଳି କରା ଯାଇଥିଲା। ବୀରମିତ୍ରପୁର ଆଇଆଇସି ବନ୍ଦନା ପାତ୍ରଙ୍କୁ ଆଇୟୁସିଏଡବ୍ଲ୍ୟୁକୁ ବଦଳି ହୋଇଥିଲା। ସେହିପରି ହେମଗିରି ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁଙ୍କ ଲେଫ୍ରିପଡ଼ା ଥାନାକୁ ବଦଳି ଆଦେଶ ଦିଆ ଯାଇଥିଲା। ତେବେ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଭଷ୍ମାଥାନା ପରିଦର୍ଶନ ସମୟରେ ଅଞ୍ଚଳର ଲୋକେ ଭଷ୍ମାଥାନାର ପୂର୍ବତନ ଆଇଆଇସିଙ୍କୁ ପୁଣି ଉକ୍ତ ଥାନାକୁ ବଦଳି କରାଯିବାର ବୈଧତା ନେଇ ପ୍ରଶ୍ନ ଉଠାଇବା ପରେ ଗତ ୧୮ ତାରିଖରେ ଉକ୍ତ ବଦଳି ଆଦେଶରେ ଆଂଶିକ ପରିବର୍ତ୍ତନ କରାଯାଇଥିଲା। ଆଇୟୁସିଏଡ୍‌ବ୍ଲ୍ୟୁରେ କାର୍ଯ୍ୟରତ ଇନ୍ସପେକ୍ଟର ଶ୍ରୀମତି ମେଣ୍ଡୁଲଙ୍କୁ ଭଷ୍ମା ଥାନାକୁ ବଦଳି ଆଦେଶ ବାତିଲ କରାଯାଇ ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥାପିତ ଶ୍ରୀଦାଶଙ୍କୁ ଭଷ୍ମା ଥାନାକୁ ବଦଳି କରାଯାଇଛି।

**ଜାତୀୟ କୃଷକ ଦିବସ ପାଳିତ**

# ବିଷମୁକ୍ତ ଫସଲ ଓ ସାତ୍ତ୍ୱିକ ଖାଦ୍ୟ ଉତ୍ପାଦନ ଉପରେ ଗୁରୁତ୍ୱାରୋପ

ସୁନ୍ଦରଗଡ଼, ୨୪।୧୨(ସମିସ)




ସ୍ଥାନୀୟ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ କୁଣ୍ଡୁକେଲା ଠାରେ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କୃଷି ଅଧିକାରୀ ଉଦିତ କୁମାର ନାଏକ ଅତିଥି ଭାବେ ଯୋଗଦେଇ ବିଷମୁକ୍ତ ଫସଲ, ପୁଷ୍ଟିକର ଓ ଅଧିକ ସାତ୍ୱିକ ଖାଦ୍ୟ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ସୁନ୍ଦରଗଡ଼ ସେବା କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ଜ୍ୟୋତ୍ସ୍ନା ଅମୃତବେଳାରେ ପରମାତ୍ମାଙ୍କୁ ଧ୍ୟାନକରି କୃଷିକ୍ଷେତ୍ରରେ ଯୋଗ ଅଭ୍ୟାସ ଦ୍ୱାରା ଶକ୍ତିରକିରଣ ବିତରଣ କଲେ କୃଷକର ଉନ୍ନତି ତଥା କ୍ଷେତରୁ ଶୁଦ୍ଧ ସାତ୍ୱିକ ଯୌଗିକ ପ୍ରଦୂଷଣ ମୁକ୍ତ ଅନ୍ନ ଉତ୍ପାଦନ ହୋଇ ପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ମୌସମ ସରଟିଆ ଅନ୍ନଦାତା କୃଷକ ଯଦି ଈଶ୍ୱରଙ୍କୁ ଧ୍ୟାନ କରି ଚାଷ କରିବେ ତେବେ ଶୁଦ୍ଧଅନ୍ନ ହେବ ଏବଂ ଅନ୍ନର ପ୍ରଭାବ ମନ ଉପରେ ପଡ଼ିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ରହ୍ମାକୁମାରୀ ସଂସ୍ଥା ଦ୍ୱାରା ରାଷ୍ଟ୍ରକୁ ଖାଦ୍ୟ ଯୋଗାଉ ଥିବା ଅନ୍ନଦାତା ମାନଙ୍କୁ ସମ୍ମାନିତ କରା ଯାଇଥିଲା। ହେମଗିରି ସଞ୍ଚାଳିକା ବ୍ରହ୍ମାକୁମାରୀ କିରଣ ସଞ୍ଚାଳନ କରିଥିବାବେଳେ ବ୍ରହ୍ମକୁମାରୀ ନିରୁପମା, ସୁଜାତା, ପ୍ରତିମା, ଚମ୍ପକଙ୍କ ସମେତ ବ୍ରହ୍ମା କୁମାର ବିଜୟମହାପାତ୍ର, ରମାକାନ୍ତ ପଟେଲ, ବାଣେଶ୍ୱର ସୁବୁଦ୍ଧି ସହଯୋଗ କରିଥିଲେ। ସତ୍ୟନାରାୟଣ ପଟେଲ, ପଦ୍ମନ ନାୟକ, ସମୀର ନାୟକ, ରିତେଶ ପଟେଲ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ନିଆଁ ଲିଭାଇବାକୁ ଯାଇ ବୃଦ୍ଧ ଅର୍ଦ୍ଧଦଗ୍ଧ

ବାଲିଶଙ୍କରା, ୨୪।୧୨(ସମିସ): ବାଲିଶଙ୍କରା ବ୍ଲକ ବନଡେଗା ପଞ୍ଚାୟତ ମୁର୍କିଆ ଗ୍ରାମର ରୂପନ ଭୁଆଁର (୭୦) ନିଆଁ ଲିଭାଇବାକୁ ଯାଇ ନିଆଁରେ ପୋଡି ହୋଇ ଅର୍ଦ୍ଧଦଗ୍ଧ ହୋଇଯାଇଛନ୍ତି। ସୂଚନା ଅନୁସାରେ କେହି ଦୁର୍ବୃତ୍ତ ପାଳ ଗଦାରେ ନିଆଁ ଲଗାଇଦେଇଥିବାବେଳେ ନିଆଁକୁ ଲିଭାଇବାକୁ ଯାଇ ରୂପନ ଭୁଆଁର (୭୦) ନିଆଁରେ ପୋଡ଼ିଯାଇ ଚିତ୍କାର କରୁଥିଲେ। ଏହି ସମୟରେ ରାସ୍ତାରେ ଯାଉଥିବା ପଥଚାରୀ ଶୁଣି ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଛନ୍ତି। ଏବେ ସେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ପରେ ବାଲିଶଙ୍କରା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

କୁତ୍ରା, ୨୪।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ଝାରବେଡ଼ା ବସ୍‌ଷ୍ଟାଣ୍ଡ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ତୁନମୁରା ଗ୍ରାମର ମନିଷ ଟେଟେ(୨୩) ବୋଲି ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଏକ ଟ୍ରେଲର ଝାରବେଡ଼ା ଛକ ନିକଟରେ ବ୍ରେକ୍‌ଡାଉନ ହୋଇ ଛିଡା ହୋଇଥିବା ବେଳେ ବାଇକ୍‌ରେ ଯାଉଥିବା ମନିଷ ଛିଡ଼ା ହୋଇଥିବା ଟ୍ରେଲରକୁ ଧକ୍କା ଦେଇଥିଲେ। ତାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ରାଜଗାଙ୍ଗପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରଯାଇଥିଲା।

## ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

ହେମଗିର, ୨୪।୧୨(ସମିସ): ହେମଗିର ଥାନା ଅଧୀନ ସାରସମାଲ ତେନ୍ତୁଳିକୁଦର ଜଙ୍ଗଲରୁ ମାନସିକ ବିକୃତ ନିଖୋଜ ମହିଳାଙ୍କ ଗଳିତ ଶବ ଉଦ୍ଧାର କରିଛି ହେମଗିର ପୁଲିସ। ମହିଳା ଜଣକ ହେଲେ ଲେଫ୍ରିପଡ଼ା ଥାନା ଅଧୀନ ରାଏଡ଼ିହି ଗ୍ରାମର ଭଗବତୀ ଡିଲା (୪୬)। ସୂଚନା ଅନୁସାରେ ଗତ ୧୦ ତାରିଖରୁ ଭଗବତୀ ଡିଲା ମାନସିକ ବିକୃତ ଅବସ୍ଥାରେ ରାଏଡିହି ସ୍କୁଲପାଖରୁ ନିଖୋଜ ହୋଇଥିବା ନେଇ ତାଙ୍କ ପୁଅ ସୁଜିତ ଡିଲା ଲେଫ୍ରିପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋମବାର ସନ୍ଧ୍ୟାରେ ହେମଗିର ପୁଲିସ ସାରସମାଲ ନିକଟ ତେନ୍ତୁଳିକୁଦର ଜଙ୍ଗଲରୁ ଭଗବତୀ ଡିଲାଙ୍କ ଗଳିତ ଶବ ଉଦ୍ଧାର କରିଛି। ଏ ନେଇ ପୁଲିସ ଶବ ଚିହ୍ନଟ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ କରି ପରିଜନଙ୍କୁ ଶବ ହସ୍ତାନ୍ତର କରିଛି।

## ଜରଙ୍ଗଲେଇ ହନୁମାନ ମନ୍ଦିରରୁ ଚୋରି

ବଡ଼ଗାଁ, ୨୪।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଧୀନ ଜରଙ୍ଗଲେଇଠାରେ ଥିବା ହନୁମାନ ମନ୍ଦିରରୁ ସୋମବାର ରାତ୍ରିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ରାତିରେ କିଛି ଦୁର୍ବୃତ୍ତ ଜରଙ୍ଗଲେଇଠାରେ ଥିବା ହନୁମାନ ମନ୍ଦିରରେ ପଶି ସେଠାରେ ଥିବା ହୁଣ୍ଡି ଭାଙ୍ଗି ୨୫ହଜାର ଟଙ୍କା ଓ ମନ୍ଦିରରେ ଲାଗିଥିବା ସାଉଣ୍ଡ ସେଟ୍‌କୁ ଚୋରି କରି ନେଇଯାଇଛନ୍ତି। ଏ ବାବଦରେ ଏକ ଲିଖିତ ଅଭିଯୋଗ ବଡ଼ଗାଁ ଥାନାରେ କରାଯାଇଥିବା ମନ୍ଦିର ପୂଜକ ସୁନିଲ ଦାସ ଓ ମନ୍ଦିର ପ୍ରତିଷ୍ଠାତା ନବୀନ ମହାନନ୍ଦିଆଙ୍କଠାରୁ ଜାଣିବାକୁ ମିଳିଛି। ପୁଲିସ ଏ ଘଟଣା ବିଷୟରେ ଅଧିକ ତଦନ୍ତ କରି ଚୋରଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିବା ଜାଣିବାକୁ ମିଳିଛି।

## ହଜି ଯାଇଥିବା ମୋବାଇଲ ବ୍ୟବହାର କରି ଉଠାଇ ନେଲେ ଟଙ୍କା

ସୁନ୍ଦରଗଡ଼, ୨୪।୧୨(ସମିସ): ହଜି ଯାଇଥିବା ମୋବାଇଲକୁ ବ୍ୟବହାର କରି କେହି ୮୫ ହଜାର ଟଙ୍କା ଉଠାଇ ନେଇଯାଇଥିବା ନେଇ ଭଷ୍ମା ଥାନାରେ ଅଭିଯୋଗ ହୋଇଛି। ଫଳରେ ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୁର୍ଷିବାଦର ଏମ୍‌ଡି ନେକବର ଅଲ୍ଲୀ ମିସ୍ତ୍ରୀ କାମ କରି ଯୋଗୀମାଳରେ ରହି ଆସୁଛନ୍ତି। ସୋମବାର ଯୋଗିମାଳ ସାପ୍ତାହିକ ବଜାରକୁ ସେ ଆସିଥିବା ବେଳେ ତାଙ୍କ ମୋବାଇଲଟି ହଜି ଯାଇଥିଲା। ମଙ୍ଗଳବାର ସେ ତାଙ୍କ ସିମ କାର୍ଡ ରିପ୍ଲେସ କରିବା ପରେ ତାଙ୍କ ଜମା ଖାତାରୁ ବାରମ୍ବାର ଟଙ୍କା କଟି ୮୫ ହଜାର ଟଙ୍କାରେ ପହଞ୍ଚି ଥିବା ଜାଣିବାକୁ ପାଇଥିଲେ। ଏହାପରେ ଆଜି ସନ୍ଧ୍ୟାରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

**■ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ**

# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ସୁନ୍ଦରଗଡ଼, ୨୪।୧୨(ସମିସ): ୫ ବର୍ଷ ତଳେ ରାଜଗାଙ୍ଗପୁର ଥାନା ଅଧୀନ ହାତୀମୁଣ୍ଡ ଗ୍ରାମରେ ବୃଦ୍ଧାଙ୍କ ତଣ୍ଟି ଚିପି ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲ୍ଲା ଦୌରାଜଜ୍ ଶିଖାରାଣୀ ରଥ ମାମଲାର ବିଚାର କରି ଅଭିଯୁକ୍ତ ମହେନ୍ଦ୍ର ନାୟକ ( ୩୮) ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କରାଦଣ୍ଡର ରାୟ ଶୁଣାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଅଭିଯୁକ୍ତ ମହେନ୍ଦ୍ର ଏବଂ ତାଙ୍କ କାକୀ ଲାଲୁ ନାୟକ (୬୦)ଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ରହିଥିଲା। ଉକ୍ତ ଘଟଣାକୁ କେନ୍ଦ୍ରକରି ୨୦୧୯ ନଭେମ୍ବର ୧୬ ତାରିଖ ରାତି ପ୍ରାୟ ୧୦ଟା ସମୟରେ ଅଭିଯୁକ୍ତ ମହେନ୍ଦ୍ର କାକୀ ଲାଲୁଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ। ଏ ନେଇ ପୁଲିସ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପୁଲିସ ପକ୍ଷରୁ ଅଦାଲତରେ ଚାର୍ଯ୍ୟସିଟ ଦାଖଲ ପରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା।୨୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ସରକାରୀ ଓକିଲଙ୍କ ଦୃଢ଼ଯୁକ୍ତି ଏବଂ ୨୦ଟି ଦସ୍ତାବିଜ୍‌କୁ ଆଧାରକରି ଜିଲ୍ଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ ଜିଲ୍ଲା ମୁଖ୍ୟ ଆଭିଯୋଜକ ଦିଲୀପ କୁମାର ମୁର୍ମୁ ମାମଲା ପରିଚାଳନା କରୁଥିଲେ।

# ବଡ଼ଗାଁ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



ବଡ଼ଗାଁ, ୨୪।୧୨(ସମିସ):ବଡ଼ଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ର ବାର୍ଷିକ ଉତ୍ସବ ଆଜି କଲେଜ ପରିସରରେ ଆୟୋଜିତ ହୋଇଯାଇଛି। ଏଥିରେ ବିଧାନସଭା ଉପ ବାଚସ୍ପତି ଭବାନୀ ଭୋଇ ମୁଖ୍ୟ ଅତିଥିଭାବେ, ବଡ଼ଗାଁ ଜିଲ୍ଲା ପରିଷଦ ସଭ୍ୟ ଅମୀୟ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ ବାର୍ଷିକ ଉତ୍ସବ କୁ ଶୁଭାରମ୍ଭ କରି ଥିଲେ। କଲେଜ ଅଧକ୍ଷା ବନଜକ୍ଷରାଣୀ ଷଡ଼ଙ୍ଗୀ ଅର୍ଦ୍ଧକ୍ଷତା କରି ବାର୍ଷିକ ବିବରଣୀ ଦେଇଥିଲେ। ଏଥିରେ ଛାତ୍ର ଛାତ୍ରୀ ଙ୍କ ଶିକ୍ଷା ସହିତ ସାଂସ୍କୃତିକ ସୃଜନଶିଳତା ଓ ବିଭିନ୍ନ କକ୍ଷର୍ଯ୍ୟକ୍ରମ ଆୟୋଜନ ହେଉଥିବା ବିଷୟରେ ଓ କଲେଜ ର ଭିତିଭୂମି ର ଉନ୍ନତି କରଣ ର ଏକାନ୍ତ ଆବଶ୍ୟକତା ରହିଥିବା କୁହାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ଭୋଇ ଛାତ୍ର ଛାତ୍ରୀ ଙ୍କ ଡିଗ୍ରୀ ଶ୍ରେଣୀ ଭବିଷ୍ୟତ ସଂଘର୍ଷ ର ଅୟମକ୍ଷରଓଭ ବୋଲି କହିଥିଲେ। ଦ୍?ତୀୟପର୍ଯ୍ୟାୟ କକ୍ଷର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ସ୍ଥାନୀୟ ନର୍ସିଙ୍ଗ କଲେଜ ଅଧକ୍ଷ ଡ଼ଃ ଅରୁଣ ନାଏକ ଯୋଗଦେଇ ତାଙ୍କର ଛାତ୍ର ଜୀବନ ର ଅନୁଭୂତି ବିଷୟରେ ଛାତ୍ର ଛାତ୍ରୀ ଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ବରିଷ୍ଠ ଅଧ୍ୟାପକ ହେମନ୍ତ ପଣ୍ଡା କରିବା ସହିତ ଧନ୍ୟବାଦ ଦେଇଥିଲେ।

# ସୁଶାସନ ସପ୍ତାହ ଅବସରରେ କର୍ମଶାଳା




ସୁନ୍ଦରଗଡ଼, ୨୪।୧୨(ସମିସ): ଜିଲ୍ଲାରେ ସୁଶାସନ ସପ୍ତାହ ପାଳନ ଅବସରରେ ଏକ କର୍ମଶାଳା ଆୟୋଜିତ ହୋଇଛି। ବଡ଼ଗାଁ ବ୍ଲକରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ କର୍ମଶାଳାରେ ଜିଲ୍ଲାପାଳ ମନୋଜ ମହାଜନ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ଅଧୀନ ଚାଲୁଥିବା ବିଭିନ୍ନ ଜନହିତକର ଯୋଜନା, କାର୍ଯ୍ୟକ୍ରମ ଉପରେ ଉପସ୍ଥାପନ କରିଥିଲେ ଏବଂ ଏହି ଜନସାଧାରଣ ଏହି ସବୁ ଯୋଜନା ଆଦିରେ ସାମିଲ ହୋଇ ତାହାର ଲାଭ ନେବାକୁ ଉତ୍ସାହିତ କରିଥିଲେ। ସେହିଭଳି ବିଭାଗୀୟ ଅଧିକାରୀମାନେ ଯୋଜନା ଆଦିର ଲିଫଲେଟ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ପକ୍ଷରୁ ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ସୂଚନା ଶିକ୍ଷା ଯୋଗାଯୋଗ ସମ୍ବଳିତ ଷ୍ଟଲ ମଧ୍ୟ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଶ୍ରମବିଭାଗ ପକ୍ଷରୁ ୩୦ ଜଣଙ୍କୁ ନିର୍ମାଣ ଶ୍ରମିକ ପଞ୍ଜୀକରଣ କାର୍ଡ ଏବଂ ଜିଲ୍ଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ୭ ଜଣଙ୍କୁ ଭତ୍ତା ଏବଂ ୨ ଜଣଙ୍କୁ ହ୍ୱିଲ୍‌ଚେୟାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବଡ଼ଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବହୁ ସଂଖ୍ୟାରେ ହିତାଧିକାରୀ ଉପସ୍ଥିତ ଥିଲେ।

# ଜାତୀୟ ଖାଉଟି ଦିବସ ପାଳିତ

ସୁନ୍ଦରଗଡ଼, ୨୪।୧୨(ସମିସ): ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ସୁନ୍ଦରଗଡ଼ ଶାଖା ପକ୍ଷରୁ ସ୍ଥାନୀୟ ରେଭେନ୍ୟୁ କଲୋନୀସ୍ଥିତ ସେବା ନିବୃତ ସଂଘ କାର୍ଯ୍ୟାଳୟଠାରେ ମଙ୍ଗଳବାର ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି। ସଭାପତି ନବୀନ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଡ. ରିନତୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଦ୍ରବ୍ୟ କ୍ରୟ କଲାବେଳେ ଦ୍ରବ୍ୟର ମାନ, ପରିମାଣମୂଲ୍ୟକୁ ମୂଳଭାବରେ ଯାଞ୍ଚ କରି କିଣିଲେ କଲେ ଠକାମୀ ର ଶିକାର ହେବେ ନାହିଁ ଏବଂ ବିକ୍ରେତାମାନେ ମଧ୍ୟ ଲୋଭନୀୟ କଥା କହି ଗ୍ରାହକମାନଙ୍କୁ ଶୋଷଣ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଧା ମାଧବ ବହିଦାର ଯୋଗଦେଇ ଥିଲେ। ଅନ୍ୟତମ ବକ୍ତାଭାବେ ଜିଲ୍ଲା ଗ୍ରାହକ ପଞ୍ଚାୟତର ପୂର୍ବତନ ସଭାପତି ଚିନ୍ମୟ ପାଣିଗ୍ରାହୀ ଗ୍ରାହକଙ୍କ ସୁରକ୍ଷା ସମ୍ମାନ ଓ ଅଧିକାର ଉପରେ ସଚେତନ କରାଇଥିଲେ। ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ଲକ୍ଷ୍ମଣ ମାଝୀ ଗ୍ରାହକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁନ୍ଦରଗଡ଼ ପୌରପାଳିକାର ଅଧକ୍ଷା ତନୟା ମିଶ୍ର ଗ୍ରାହକମାନଙ୍କୁ ଜାଗିବା ପାଇଁ ଆହ୍ୱାନ ଦେଇଥିବା ବେଳେ ଜିଲ୍ଲା ଖାଉଟି ମଞ୍ଚର ପୂର୍ବତନ ଅଧକ୍ଷା ସ୍ନେହଲତା ପଟେଲ ନିଜର ଅନୁଭୂତି ଦର୍ଶାଇ ଥିଲେ। ପରିଚାଳନା ସମ୍ପାଦକ ଚିରବ୍ରତ ଦତ୍ତ ଅତିଥିପରିଚୟ ପ୍ରଦାନ କରିଥିବାବେଳେ ସୁରେଶ କୁମାର ପୃଷ୍ଟି ବିବରଣୀ ରଖି ଥିଲେ। କାର୍ଯ୍ୟ ନିର୍ବାହୀ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ସୁଆର ସଭା ସଞ୍ଚାଳନ ତଥା ଉପସଭାପତି ସୁଧାଂଶୁ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଗାଁ ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

ସୁନ୍ଦରଗଡ଼, ୨୪।୧୨(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ଗାଁ ବ୍ଲକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବା ସହ ସମସ୍ତ ଅଭିଯୋଗ ଗୁଡ଼ିକ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମୋଟ୍ ୯୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୪୪ଟି ସାମୂହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍‌ଠଥକ ସହାୟତା ନିମନ୍ତେ ୧୨ଟି ଆବେଦନ ରହିଥିବାବେଳେ ଏହି ସବୁ ଅଭିଯୋଗ ମଧ୍ୟରୁ ୧୯ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମୀରାସେ ପ୍ରମୁଖଙ୍କ ସମେତ ବିଭିନ୍ନ ଜିଲ୍ଲା ଏବଂ ବଡଗାଁ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ଦର୍ଶନ ଏକାଡେମୀରେ ଖ୍ରୀଷ୍ଟମାସ ପାଳିତ



ସୁନ୍ଦରଗଡ଼, ୨୪।୧୨(ସମିସ): ମହୁଲପାଲିସ୍ଥିତ ଦର୍ଶନ ଏକାଡେମୀରେ ମଙ୍ଗଳବାର ଖ୍ରୀଷ୍ଟମାସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଏକ ବିଶେଷ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ଅଶୋକ କୁମାର ଖ୍ରୀଷ୍ଟମାସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କୁନିକୁନି ଛାତ୍ର ଛାତ୍ରୀମାନେ ସହରରେ ଥିବା ବିଭିନ୍ନ ଚର୍ଚ୍ଚ ପରିଭ୍ରମଣ କରି ସମସ୍ତଙ୍କୁ ଉପହାର ପ୍ରଦାନ ପୂର୍ବକ ଖ୍ରୀଷ୍ଟମାସର ଅଭିନନ୍ଦନ ଜଣାଇ ଥିଲେ। ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ସମାନ, ଆମେ ସମସ୍ତ ଭାରତୀୟ, ସବୁ ଧର୍ମକୁ ସମ୍ମାନ ଦେବା ବୋଲି ଲୋକଙ୍କୁ ବାର୍ତ୍ତା ଦେଇଥିଲେ। ଶିକ୍ଷୟିତ୍ରୀ ଭାରତୀ ମେହେର, କଳ୍ପନା ବନଛୋର, ମମତା କହର, ମାନିନୀ ନାଏକ, ମଧୁସୂଦନ ମହାକୁଡ଼, ବଳବନ୍ତ ପାଣ୍ଡେ ପ୍ରମୁଖଙ୍କ ସହଯୋଗ କ୍ରମେ ଏହା ଆୟୋଜିତ ହୋଇଥିଲା।

# ତାମିଲନାଡୁରୁ ଯୁବତୀଙ୍କୁ ଫେରାଇ ଆଣିବା ଦାବିରେ ବିକ୍ଷୋଭ

ସୁନ୍ଦରଗଡ଼, ୨୪।୧୨(ସମିସ)



**■ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର**

ତାମିଲନାଡୁର ପୋଷାକତିଆରି କାରଖାନାକୁ ପଠା ଯାଇଥିବା ଲେଫ୍ରିପଡ଼ା ବ୍ଲକ ଅଞ୍ଚଳର ୯୦ ଯୁବତୀଙ୍କୁ ଫେରାଇ ଆଣିବା ଦାବିରେ ମଙ୍ଗଳବାର କୋଶଳ ସମାଜ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ସେମାନେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଲେଫ୍ରିପଡ଼ା ବ୍ଲକ ଅଞ୍ଚଳର ସମ୍ପୃକ୍ତ ଯୁବତୀଙ୍କୁ କମ୍ପ୍ୟୁଟର ତାଲିମ ନାମରେ ଆସ୍‌ମାକ୍ସ ସଂସ୍ଥା କଟକ ସ୍ଥିତ ନିଜ ତାଲିମ କେନ୍ଦ୍ରକୁ ନେଇ ୪୫ ଦିନିଆ ସିଲେଇ ତାଲିମ ଦେଇଥିଲା। ଏହାପରେ ତାମିଲନାଡୁକୁ ନେଇ ଏକ ପୋଷାକ ତିଆରି କମ୍ପାନୀରେ କାମ କରିବା ପାଇଁ ଛାଡି ଦେଇଛି। ସେଠାରେ ଏମାନଙ୍କୁ ୮ ରୁ ୧୦ ଘଣ୍ଟା କାମ କରାଯାଉଛି। ଦେହ ଅସୁସ୍ଥ ହେଲେ ମଧ୍ୟ ବାଧ କରି କାମ ନିଆଯାଉଛି। ଘରକୁ ଆସିବାକୁ ଚାହିଁଲେ ଧମକ ଚମକ ଦେଇ ଛଡ଼ାଯାଉ ନାହିଁ। କାମ କରିବା ସମୟରେ ଭୁଲ ହେଲେ ଗାଳିଗୁଲଜ କରାଯାଉଛି। ଏମାନଙ୍କୁ ଫେରାଇ ଅଣାଯିବାକୁ ଆଗରୁ ଜିଲ୍ଲାପାଳ ଓ ଲେଫ୍ରିପଡ଼ା ବିଡିଓଙ୍କୁ ଲିଖିତ ଅନୁରୋଧ କରା ଯାଇଥିଲେ ହେଁ ଏ ଦିଗରେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏଣୁ ସମ୍ପୃକ୍ତ ଯୁବତୀଙ୍କ ପରିବାରଲୋକେ ହତାଶ ହୋଇ ପଡ଼ିଛନ୍ତି। ଶେଷରେ କୋଶଳ ସମାଜର ଆନ୍ଦୋଳନରେ ସାମିଲ ହୋଇଛନ୍ତି। କୋଶଳ ସମାଜର ମହାସଚିବ ଦିଲ୍ଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା।

# ଗଣିତ ବିଭାଗର ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

ସୁନ୍ଦରଗଡ଼, ୨୪।୧୨(ସମିସ): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଗଣିତ ବିଭାଗ ଓ ଆଇକ୍ୟୁଏସି ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା 'ଗଣିତର ତତ୍ୱ ଓ ପ୍ରୟୋଗ' ବିଷୟକ ଆଲୋଚନା ଚକ୍ର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆଇଏମ୍‌ଏର ପୂର୍ବତନ କୁଳସଚିବ ପ୍ରଫେସର ଶିଶିର କୁମାର ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ତଥା ବିଷୟ ବିଶେଷଜ୍ଞ ଭାବେ ଝାରଖଣ୍ଡ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଗଣିତ ବିଭାଗର ମୁଖ୍ୟ ଡ. ପ୍ରଦୀପ କୁମାର ପରିଡ଼ା, ଏଲଏନ୍‌ଏମ୍‌ଆଇଆଇଟିର ପ୍ରଫେସର ଡ. ଅଜିତ୍ କୁମାର ପଟେଲ ଯୋଗ ଦେଇଥିଲେ। ଭୁବନେଶ୍ୱରର ସହକାରୀ ପ୍ରଫେସର ଡ. ତୁଷାରକାନ୍ତ ନାଏକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀ ମାଝୀ, ଭିଆଇଟି ଚେନ୍ନାଇର ସହକାରୀ ଗବେଷକ ଶୁଭଶ୍ରୀ ସାହୁ, ପଦାର୍ଥ ବିଜ୍ଞାନର ସହକାରୀ ପ୍ରଫେସର ଦୀପକ ରାଉତ ପ୍ରମୁଖ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ସେହିପରି ଅନଲାଇନ ମାଧ୍ୟମରେ ଏନଆଇଟି ରାଉରକେଲାର ପ୍ରଫେସର କିଶୋରଚନ୍ଦ୍ର ପତି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ. ଉମାଚରଣ ପତି ପ୍ରମୁଖ ପ୍ରବନ୍ଧ ଉପସ୍ଥାପନା କରିଥିବାବେଳେ ଆବାହକ ତଥା ଗଣିତ ବିଭାଗର ମୁଖ୍ୟ ପ୍ରଫେସର ଆଲୋକ କୁମାର ନାଏକ ଧନ୍ୟବାଦ ଦେଇଥିଲେ।

# ୨୭ରେ ସୁନ୍ଦରଗଡ଼ ଜିଲ୍ଲା ଭଲିବଲ୍ ଦଳ ଚୟନ

ସୁନ୍ଦରଗଡ଼, ୨୪।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ରାଉରକେଲାସ୍ଥିତ ସିଭିଲ ଟାଉନ ସିପ୍ ଖେଳପଡ଼ିଆଠାରେ ଆସନ୍ତା ୨୭ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାର ଉଭୟ ମହିଳା ଓ ପୁରୁଷ ବରିଷ୍ଠ ଭଲିବଲ ଦଳ ଚୟନ କରାଯିବ। ଇଚ୍ଛୁକ ଖେଳାଳିମାନେ ଉକ୍ତ ଦିନ ସକାଳ ୯ ଟାରେ ନିଜର ଆଧାରକାର୍ଡ ଦାଖଲ କରିବା ସହ ନିଜର ନାମ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଭାଗନେଇ ପାରିବେ। ଚୟନ ହୋଇଥିବା ଖେଳାଳିମାନେ ଆସନ୍ତା ୩୧ ତାରିଖରେ କନ୍ଧମାଳ ଜିଲ୍ଲାରେ ହେବାକୁ ଥିବା ଅନ୍ତଃଜିଲ୍ଲା କବାଡି ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସୂଚନା ଦେଇଛନ୍ତି। ସବିଶେଷ ତଥ୍ୟ ଜାଣିବା ପାଇଁ ଭଲିବଲ ସମ୍ପାଦକ ପ୍ରସାଦ ନାଏକଙ୍କୁ ୮୩୨୮୮୩୨୦୦୬ ଓ ୭୮୦୯୫୬୨୩୮୬ ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ସମ୍ପୂର୍ଣ୍ଣା

ସକାଳ THE SAKALA www.sakalaepaper.com

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୭୭୧- ଶାହା ଆଲମ୍ ଦ୍ୱିତୀୟ ଦିଲ୍ଲୀ ସିଂହାସନରେ ବସିଲେ।
- ୧୮୯୨- ସ୍ୱାମୀ ବିବେକାନନ୍ଦ କନ୍ୟାକୁମାରୀରେ ତିନିଦିନ ପର୍ଯ୍ୟନ୍ତ ସାଧନା କଲେ।
- ୧୯୭୭- ଜଣାଶୁଣା ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଦେହାନ୍ତ।
- ୧୯୯୧- ମିଖାଇଲ୍ ଗୋର୍ବାଚୋଭ୍ ସୋଭିଏତ୍ ସଂଘର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ।
- ୨୦୧୫- ବଲିଉଡ୍ ଅଭିନେତ୍ରୀ ସାଧନାଙ୍କ ପରଲୋକ।



## ଧରାପୃଷ୍ଠରେ ପ୍ରଭୁ ଯୀଶୁ

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ ଡିସେମ୍ବର ୨୫କୁ ବଡ଼ଦିନ ରୂପେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ବଡ଼ ଧୁମ୍‌ଧାମ୍‌ର ସହିତ ପାଳନ କରିଥାନ୍ତି। ଖ୍ରୀଷ୍ଟ ଧର୍ମରେ ଏହି ଦିନକୁ ସବୁଠାରୁ ପବିତ୍ର ମନେ କରାଯାଇଥାଏ। ବାଇବେଲ ଅନୁସାରେ, ପ୍ରଭୁ ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ। ସେ ପୃଥିବୀରେ ପ୍ରେମ ଏବଂ କରୁଣାର ବାର୍ତ୍ତା ପ୍ରଚାର କରିଥିଲେ। ସମାଜର ମଙ୍ଗଳ ପାଇଁ ସେ ହସିହସି ପ୍ରାଣବଳି ଦେଇଥିଲେ। ପ୍ରଭୁ ଯୀଶୁ ମାନବ ସମାଜକୁ ପ୍ରେମ ଏବଂ ମାନବିକତା ଶିକ୍ଷା ଦେଇଥିଲେ। ସେ ଜଗତର ଲୋକଙ୍କୁ ପ୍ରେମ ଏବଂ ଭାଇଚାରା ସହିତ ବଞ୍ଚିବାର ବାର୍ତ୍ତା ଦେଇଥିଲେ। ବଡ଼ଦିନକୁ ଇଉରୋପୀୟ ରାଷ୍ଟ୍ରରେ ଖୁବ୍ ଜାକଜମକରେ ପାଳନ କରାଯାଉଥିଲାବେଳେ ଆଜିକାଲି ପ୍ରାୟତଃ ସବୁସ୍ଥାନରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା, ତାରକାରେ ସଜ୍ଜିତ କରାଯାଇ କ୍ୟାରୋଲ ସଙ୍ଗୀତ ଗାନ, ସମୂହ ପ୍ରାର୍ଥନା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ଖ୍ରୀଷ୍ଟ ଧର୍ମର ଲୋକେ ଏହି ଉପଲକ୍ଷେ ନିଜ ଘରକୁ ଆଲୋକମାଳା ଓ ଫୁଲରେ ସଜାଇବା ସହ ନୂତନ ପୋଷାକ ପରିଧାନ କରିଥାନ୍ତି। ଏହି ଅବସରରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ବଡ଼ଦିନରେ କେକ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତେ ମିଳିତ ହୋଇ କେକ୍ କାଟିବା ସହ ପରସ୍ପରକୁ ଖୁଆଇ ଏହି ଦିନର ଶୁଭ କାମନା ଜଣାଇଥାନ୍ତି। ଛକ ଛକରେ ଲାଇଟ୍ ଲଗାଇ ଖ୍ରୀଷ୍ଟମାସ ଗଛ ସଜାଇ ଥା'ନ୍ତି ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକେ। ଏହି ଅବସରରେ ଲୋକେ ପରସ୍ପରକୁ ଉପହାର ଦେଇ ଶୁଭକାମନା ଜଣାଇଥାନ୍ତି। ଏହି ଦିନର ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି କ୍ରିସ୍‌ମାସ୍ ଟ୍ରି ଓ ସାନ୍ତାକ୍ଲଜ୍। ପ୍ରଥମେ ଲଣ୍ଡନରେ ଏହି କ୍ରିସ୍‌ମାସ୍ ଟ୍ରି ପରମ୍ପରା ଆରମ୍ଭ ହୋଇଥିଲା। ପିଲାଙ୍କ ଆୟୁଷ ବଢ଼ିବା ନିମନ୍ତେ ଏହି ଗଛ ସଜାଯାଉଥିବା କୁହାଯାଏ। ଖ୍ରୀଷ୍ଟମାସ ପର୍ବଟି ମୁଖ୍ୟତଃ ଛୋଟ ପିଲାମାନଙ୍କ ପାଇଁ ଅଧିକ ଆନନ୍ଦ ଓ ଉଲ୍ଲାସ ଆଣି ଦେଇଥାଏ। ଏହି ଦିନରେ ପିଲାମାନଙ୍କୁ ତାଙ୍କ ପସନ୍ଦର ଖାଦ୍ୟଦ୍ରବ୍ୟ ଖାଇବାକୁ ମିଳିବା ସହ ବହୁ ଉପହାର ମଧ୍ୟ ମିଳିଥାଏ। ମାନ୍ୟତା ଅନୁଯାୟୀ, ସାନ୍ତାକ୍ଲଜ୍ ସ୍ୱର୍ଗରୁ ଆସି ସଭିଁଙ୍କ ପାଇଁ ଉପହାର ସହ ଖୁସି ଦେଇଯାଆନ୍ତି। ତେଣୁ ଏହି ଦିନରେ କିଛି ବ୍ୟକ୍ତି ସାନ୍ତାକ୍ଲଜ୍ ବେଶରେ ସଜେଇ ହୋଇ ପିଲାମାନଙ୍କୁ ଉପହାର ପ୍ରଦାନ କରିଥାଆନ୍ତି। ସାନ୍ତାକ୍ଲଜ୍ ବିଷୟରେ ଅନେକ ଲୋକକଥା ରହିଛି। ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ମତରେ, ସନ୍ଥ ନିକୋଲାସ୍‌ଙ୍କୁ ହିଁ ସାନ୍ତାକ୍ଲଜ୍ ଭାବେ ବର୍ଣ୍ଣିତ କରାଯାଇଛି।

## 'ଥାମା'ରେ ଏକାଠି ଆସିବେ ରଶ୍ମିକା-ଆୟୁଷ୍ମାନ୍



ବଲିଉଡ୍ ଅଭିନେତା ଆୟୁଷ୍ମାନ୍ ଖୁରାନା ଓ ରଶ୍ମିକା ମନ୍ଦାନା ହରର୍ କମେଡ଼ି ଫିଲ୍ମ 'ଥାମା'ରେ ଏକାଠି ନଜର ଆସିବେ। ଏହି ଫିଲ୍ମର ଘୋଷଣା ଅକ୍ଟୋବର ୩୦ ତାରିଖରେ କରାଯାଇଥିଲା। ଇତିମଧ୍ୟରେ ଏହାର ସୁଟିଂ ଆରମ୍ଭ ହୋଇଯାଇଛି। ଏଥିରେ ନୱାଜୁଦ୍ଦିନ୍ ସିଦ୍ଦିକି ଓ ପରେଶ ରାୱଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ମୁଞ୍ଜ୍ୟା' ଫେମ୍ ଆଦିତ୍ୟ ସରପୋତଦାର। ଫିଲ୍ମଟି ଆସନ୍ତା ବର୍ଷ ଦୀପାବଳି ଅବସରରେ ରିଲିଜ୍ ହେବ। ଏହାର କାହାଣୀ ଦୁଇଟି ପୃଷ୍ଠଭୂମି ଉପରେ ଆଧାରିତ। ଏବେର ଦିଲ୍ଲୀ ଓ ଅତୀତର ବିଜୟ ନଗର ସାମ୍ରାଜ୍ୟ। ଦୀନେଶ ବିଜାନ ଓ ଅମର୍ କୌଶିକ୍ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି।

### ଆଜି ଆସିଥିଲେ

## ଜନନାୟକ ବାଜପେୟୀ



ଭାରତୀୟ ରାଜନୀତିରେ ଜଣେ ପ୍ରବୀଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ ଅଟଳ ବିହାରୀ ବାଜପେୟୀ। ନିଜର ଭାଷଣର ଦକ୍ଷତା, ହସ ହସ ମୁହଁ ଓ ବିଚାରଧାରା ପାଇଁ ବାଜପେୟୀ ଲୋକଙ୍କର ବେଶ୍ ପ୍ରିୟ ଥିଲେ। ଜଣେ ରାଜନେତା ଭାବେ ସେ ଯେତିକି ପରିଚିତ ହୋଇଥିଲେ, ତାଙ୍କର କାଳଜୟୀ କବିତା ପାଇଁ ସେତିକି ଲୋକପ୍ରିୟ ହୋଇଥିଲେ। ସେ ଏମିତି ଜଣେ ପ୍ରଧାନମନ୍ତ୍ରୀ ଥିଲେ, ଯାହାଙ୍କ କଥା ଓ କବିତାରେ ବିରୋଧୀ ବି ତାଳି ମାରିବାକୁ ବାଧ ହେଉଥିଲେ। ତିନି ତିନି ଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ବାଜପେୟୀ। ନିଜ କାର୍ଯ୍ୟକାଳ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ତାଙ୍କ ସମୟରେ ପୋଖରାନରେ ପରମାଣୁ ବୋମାର ସଫଳ ପରୀକ୍ଷଣ କରାଯାଇଥିଲା। ଏହାସହିତ ସେ ଭାରତ-ପାକିସ୍ତାନ ମଧ୍ୟରେ ସମ୍ପର୍କ ସଜାଡ଼ିବାକୁ ଦିଲ୍ଲୀରୁ ଲାହୋର ବସ୍ ସେବାର ଶୁଭାରମ୍ଭ କରିଥିଲେ। ବାଜପେୟୀ ୧୯୨୪ ମସିହା ଆଜିର ଦିନରେ ଗ୍ୱାଲିୟରର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାଁ କୃଷ୍ଣ ବିହାରୀ ବାଜପେୟୀ ଓ ମା'ଙ୍କ ନାଁ କୃଷ୍ଣା ଦେବୀ। ଗ୍ୱାଲିୟରର ଭିକ୍ଟୋରିଆ କଲେଜରୁ ସେ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ଛାତ୍ର ଜୀବନରୁ ହିଁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ରେ ସ୍ୱୟଂସେବକ ହୋଇଥିଲେ। ଏପରିକି ସେ ଅଧାରୁ ପାଠଛାଡ଼ି ପୂର୍ଣ୍ଣକାଳୀନ ପ୍ରଚାରକ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ସେ କାନପୁରର ଡିଏଭି କଲେଜରୁ ରାଜନୀତି ବିଜ୍ଞାନରେ ଏମ୍ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେ କାନପୁରରେ ଏଲ୍ଏଲ୍‌ବି ପଢ଼ା ଆରମ୍ଭ କରିଥିଲେ। ପିଲାଟି ବେଳୁ ତାଙ୍କର ସାହିତ୍ୟ ପ୍ରତି ରୁଚି ଥିଲା। ବିଭିନ୍ନ କବି ସମ୍ମିଳନୀରେ ଯୋଗ ଦେବାରୁ ତାଙ୍କର ଲେଖାଲେଖି ପ୍ରତି ଆଗ୍ରହ ବଢ଼ିଲା ଓ ଧୀରେ ଧୀରେ ସେ କବିତା ଲେଖା ଆରମ୍ଭ କଲେ। ତାଙ୍କର ସଂଘର୍ଷମୟ ଜୀବନ, ପରିବର୍ତ୍ତନଶୀଳ ପରିସ୍ଥିତି, ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ, ଜେଲ ଜୀବନ ଆଦି ତାଙ୍କ କାବ୍ୟ କବିତାରେ ଦେଖିବାକୁ ମିଳିଥାଏ। ତାଙ୍କ କବିତା ସଂକଳନ ମଧ୍ୟରୁ 'ମେରି ଇକ୍ୟାବନ୍ କବିତାଏଁ' ଖୁବ୍ ଲୋକପ୍ରିୟ। ଅନ୍ୟପଟେ ସଂସଦରେ ସେ ଏକାଧିକବାର କବିତା ମାଧ୍ୟମରେ ନିଜ ମତ ମଧ୍ୟ ରଖିଛନ୍ତି। ୧୯୪୨ରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଜେଲ ଯାଇଥିଲେ। ୧୯୫୧ରେ ବାଜପେୟୀ ରାଜନୀତିରେ ପାଦ ଥାପିଲେ। ୧୯୫୫ରେ ସେ ଲୋକସଭା ନିର୍ବାଚନରେ ପରାଜିତ ହୋଇଥିଲେ। ଏହାପରେ ସେ ୧୯୫୭ରେ ସାଂସଦ ହୋଇଥିଲେ। ସେହିପରି ସେ ଲୋକସଭାକୁ ନଅ ଥର ଓ ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ। ସାରା ଦେଶରେ ସେ ହିନ୍ଦୀ ଭାଷାର ପ୍ରଚାର କରିଥିଲେ। ୧୯୭୭ ମସିହାରେ ମୋରାର୍‌ଜୀ ଦେଶାଇ ସରକାର ସମୟରେ ସେ ବିଦେଶ ମନ୍ତ୍ରୀ ଥିଲେ। ଏହି ସମୟରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ସେ ହିନ୍ଦୀରେ ଭାଷଣ ଦେଇ ବେଶ୍ ଚର୍ଚ୍ଚିତ ହୋଇଥିଲେ। ବାଜପେୟୀ ୩ ଥର ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୬ ମସିହାରେ ୧୩ ଦିନ ପାଇଁ, ୧୯୯୮ ମସିହାରେ ୧୩ ମାସ ପାଇଁ ଏବଂ ୧୯୯୯ ମସିହାରେ ସଂପୂର୍ଣ୍ଣ ୫ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। ୨୦୦୯ ମସିହାରେ ସେ ପ୍ରତ୍ୟକ୍ଷ ରାଜୀନତିରୁ ଅବସର ନେଇଥିଲେ। ବାଜପେୟୀ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଯବାନ, ଜୟ କିସାନ' ସ୍ଲୋଗାନରେ 'ଜୟ ବିଜ୍ଞାନ'କୁ ଯୋଡ଼ିଥିଲେ। ସେହିପରି କାର୍‌ଗିଲ୍ ଯୁଦ୍ଧରେ ପାକିସ୍ତାନକୁ ମାତ୍ ଦେବା ଥିଲା ତାଙ୍କ ରାଜନୈତିକ ଜୀବନର ଅନ୍ୟତମ ସଫଳତା। ଦେଶ ପ୍ରତି ଥିବା ତାଙ୍କର ତ୍ୟାଗ ଓ ଅବଦାନ ଯୋଗୁଁ ଭାରତ ରତ୍ନ, ପଦ୍ମବିଭୂଷଣ ଆଦି ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ୨୦୧୮ ଅଗଷ୍ଟ ୧୬ରେ ଏହି ମହାନ ରାଜନେତାଙ୍କ ପରଲୋକ ଘଟିଥିଲା।

## ସେୟାର୍ ବଜାରରେ କ୍ୟାରିୟର

ସାଧାରଣତଃ ସେୟାର୍ ବଜାରରେ ଅର୍ଥ ନିବେଶ କଥା ଆମେ ଜାଣୁ। ହେଲେ ଏ କ୍ଷେତ୍ରରେ ଏଭଳି କିଛି ଚାକିରି ଅଛି, ଯାହାକୁ ଆପଣାଇ ଭଲ ରୋଜଗାର କରିବା ମଧ୍ୟ ସମ୍ଭବ।





**ମାର୍କେଟ୍ ରିସର୍ଚ୍ଚ ଆନାଲିଷ୍ଟ**

ମାର୍କେଟ ରିସର୍ଚ୍ଚ ଆନାଲିଷ୍ଟ ଗ୍ରାହକଙ୍କ ବ୍ୟବହାର ଏବଂ ସେମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଠିକ୍ ଫିଡ୍‌ବ୍ୟାକ୍ ପ୍ରଦାନ କରନ୍ତି। ସେହିପରି ଡିଲର ସଂଗଠନଙ୍କ ପାଇଁ କିଣାକିଣି ଏବଂ ବିକ୍ରି ଅର୍ଡରକୁ ସମ୍ପାଦନ କରନ୍ତି। କମ୍ପାନି ସେମାନଙ୍କୁ ଟାର୍ଗେଟ୍ ପୂରଣ ପାଇଁ ପ୍ରବଳ ଚାପ ଭିତରେ କାମ କରିବା ପାଇଁ ନିଯୁକ୍ତ କରିଥାଏ।

**ଟ୍ରେଡର:** କମ୍ପାନିର ଲାଭ ପାଇଁ ସର୍ଭିସ୍ ଓ ସିକ୍ୟୁରିଟିକୁ କିଣୁଥିବା ଓ ବିକ୍ରି କରୁଥିବା ଲୋକେ ହେଲେ ଟ୍ରେଡର। ଏଭଳି ଲୋକ ସ୍ୱତନ୍ତ୍ର ଫାର୍ମ ଓ କମ୍ପାନିରେ କାମ କରନ୍ତି।

**ଇନ୍‌ଭେଷ୍ଟମେଣ୍ଟ କନ୍‌ସଲଟାଣ୍ଟ:** ଏମାନେ ନିଜ କ୍ଲାଏଣ୍ଟଙ୍କୁ ସେୟାର୍ ମାର୍କେଟ୍ ପୋର୍ଟଫୋଲିଓ ତିଆରିରେ ସାହାଯ୍ୟ କରିଥାନ୍ତି। ସେମାନେ କ୍ଲାଏଣ୍ଟଙ୍କ ଉଦ୍ଦେଶ୍ୟକୁ ବୁଝି ଗୁରୁ ଦାୟିତ୍ୱ ତୁଲାନ୍ତି।

**ଫାଇନାନ୍ସିଆଲ ଆନାଲିଷ୍ଟ:** କମ୍ପାନି ତା'ର ପ୍ରୋଫାଇଲ ଏବଂ ନିଜ ପ୍ରତିଦ୍ୱନ୍ଦ୍ୱୀ କମ୍ପାନିର ନିବେଶକୁ ଆକଳନ କରିବା ପାଇଁ ଫାଇନେନ୍‌ସିଆଲ ଆନାଲିଷ୍ଟଙ୍କୁ ନିଯୁକ୍ତ କରିଥାଏ। ସେମାନେ ରିପୋର୍ଟ ପ୍ରସ୍ତୁତ କରନ୍ତି ଏବଂ ନିର୍ଣ୍ଣୟ ମଧ୍ୟ ନିଅନ୍ତି।

**ରିସ୍କ ଆନାଲିଷ୍ଟ:** କୌଣସି ସ୍ୱତନ୍ତ୍ର ନିବେଶ ସହ ଜଡ଼ିତ ରିସ୍କ ମ୍ୟାନେଜମେଣ୍ଟର ତଦନ୍ତ କରନ୍ତି ରିସ୍କ ଆନାଲିଷ୍ଟ। ତା'ସହ ଫଇସଲା ନେବାର କ୍ଷମତାକୁ ସୁଧାରିବା ପାଇଁ କମ୍ପାନି ଓ ଲୋକଙ୍କୁ ବିଭିନ୍ନ କୌଶଳ ବୁଝାନ୍ତି।

**ଇକ୍ୱିଟି ଆନାଲିଷ୍ଟ:** ଆନାଲିସ୍ ଏବଂ ରିସର୍ଚ୍ଚରେ ଏକ୍ସପର୍ଟ ହୋଇଥାନ୍ତି ଇକ୍ୱିଟି ଆନାଲିଷ୍ଟ। ସେମାନେ ନିବେଶର ପ୍ରଦର୍ଶନକୁ ଉନ୍ନତ କରିବା ଦିଗରେ ଇନ୍‌ସାଇଟ୍ ପ୍ରଦାନ କରନ୍ତି।

# ସମ୍ଭାବନା



## ଉନ୍ନତ କ୍ୟାରିୟର ଚାହୁଁଥିଲେ...

**କ୍ୟାରିୟର୍‌ରେ ସଫଳତା ହାସଲ ସମସ୍ତଙ୍କ ସ୍ୱପ୍ନ ହୋଇଥାଏ। କିନ୍ତୁ ଅଜାଣତରେ ଅନେକ ଜଣ ଏମିତି କିଛି ଭୁଲ କରି ବସନ୍ତି, ଯାହାକି ସେମାନଙ୍କ କ୍ୟାରିୟର ଉନ୍ନତିରେ ବାଧା ସୃଷ୍ଟି କରିଥାଏ। ତେବେ କ'ଣ କରିବା ଦରକାର, ଜାଣନ୍ତୁ।**



- କ୍ୟାରିୟର୍‌ରେ ନେଟ୍‌ୱାର୍କିଂର ଗୁରୁତ୍ୱକୁ କେବେ ବି ଅଣଦେଖା କରିବା ଠିକ୍ ନୁହେଁ। ଭଲ ଲୋକଙ୍କ ସହ ଜଡ଼ିତ ହେଲେ କ୍ୟାରିୟରର ଦିଗ ବଦଳି ଥାଏ। ସାଙ୍ଗ, ସହକର୍ମୀ ଏବଂ ଇଣ୍ଡଷ୍ଟ୍ରି ଏକ୍ସପର୍ଟଙ୍କ ସହ କ୍ରମାଗତ ଯୋଗାଯୋଗ ରକ୍ଷା କରିବା ଦରକାର। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ୱାର୍କ ଇଭେଣ୍ଟସ୍‌କୁ ଉପଯୋଗ କରି ନିଜ ପାଇଁ ନୂଆ ସୁଯୋଗ ସନ୍ଧାନ କରିପାରିବେ।
- ଠିକ୍ ସମୟରେ କାମ ନ କରିବା ଅଭ୍ୟାସ ମଧ୍ୟ ଜଣକୁ କ୍ୟାରିୟରରେ ପଛକୁ ନେଇଯାଏ। କାମକୁ ବିଳମ୍ବରେ କରିବା ଅଭ୍ୟାସ ଦ୍ୱାରା ବରିଷ୍ଠ ଲୋକଙ୍କ ପାଖରେ ନିଜର ଛବି ମଳିନ ପଡ଼ିଥାଏ।
- କାମ କରିବା ବେଳେ କେବଳ ଦରମା ଉପରେ ଦୃଷ୍ଟି ଦେବା ଦ୍ୱାରା କ୍ୟାରିୟର ଉନ୍ନତିରେ ବାଧା ଦେଇ ଥାଏ। ଚାକିରିରେ ଦରମା ବ୍ୟତୀତ ଅଭିଜ୍ଞତା, ଦକ୍ଷତା ମଧ୍ୟ ଗୁରୁତ୍ୱ ବହନ କରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଛୋଟ ସୁଯୋଗ ମଧ୍ୟ ବଡ଼ ଲାଭ ଦେଇଥାଏ।
- ନିଜକୁ ସମୟ ଓ ଟ୍ରେଣ୍ଡ ଅନୁସାରେ ଅପଡେଟ୍ ରଖିବା ମଧ୍ୟ ଖୁବ୍ ଜରୁରି। ନୂଆ ଟେକ୍ନିକ୍ ଏବଂ କୌଶଳ ସହିତ ଆଗକୁ ବଢ଼ିବା ଉଚିତ। ବିଶେଷକରି ଏବର ଏଆଇ ଯୁଗରେ ଏ ସମ୍ବନ୍ଧିତ ଜ୍ଞାନକୌଶଳ ଶିକ୍ଷାଲାଭ କରିବା ଉଚିତ।
- ପ୍ରଫେସନାଲ ଜୀବନରେ ଭରସା ସବୁଠୁ ବଡ଼ ପୁଞ୍ଜି। ବାରମ୍ବାର କାମ ଅଧୁରା ଛାଡ଼ିବା ଦ୍ୱାରା ଲୋକଙ୍କ ମଧ୍ୟରେ ଦୂରତ୍ୱ ବଢ଼ିଥାଏ। ଭରସା ବଜାୟ ରଖିବା ପାଇଁ କାମକୁ ସମୟ ଅନୁସାରେ ପୂରା କରିବା ଦରକାର।

## ଗଣିତରେ ଖରାପ ପ୍ରଦର୍ଶନ ପାଇଁ

ଅନେକ ଛାତ୍ରଛାତ୍ରୀ ଗଣିତରେ ଦୁର୍ବଳ। ଫଳରେ ପରୀକ୍ଷାରେ ସେମାନେ ଏହି ବିଷୟରେ ଖରାପ ପ୍ରଦର୍ଶନ କରିଥାନ୍ତି। ତେବେ ଏଭଳି କରିବା ପଛରେ ବି କିଛି କାରଣ ଅଛି। ମୁଖ୍ୟତଃ ଛାତ୍ରଛାତ୍ରୀ ଗଣିତର ବେସିକ୍ କନ୍‌ସେପ୍ଟକୁ ଛାଡ଼ି ଦିଅନ୍ତି। ଯଦ୍ୱାରା ଅଙ୍କ ସମାଧାନ କରିବା କଷ୍ଟକର ହୋଇପଡ଼େ। ଏହାବାଦ୍ ଗୋଟିଏ ପ୍ରଶ୍ନ ଉପରେ ଅଧିକ ସମୟ ଅତିବାହିତ କରିବା ଏବଂ ଅଚାନକ ଦ୍ୱିତୀୟ ପ୍ରଶ୍ନକୁ ଯିବା ଦ୍ୱାରା ମଧ୍ୟ ଗଣିତରେ ଭୁଲଭାଲ୍ ହୁଏ। ଅଙ୍କରେ ଭଲ କରିବା ପାଇଁ ନିତିଦିନ ଗଣିତ ଅଭ୍ୟାସ କରିବାର ଆବଶ୍ୟକତା ଅଛି। ଗଣିତ ପରୀକ୍ଷା ବେଳେ ଅସଫଳତାର ଭୟ ଚିନ୍ତା ଓ ବିଚଳିତ କରିଥାଏ। ଏହା ଦ୍ୱାରା ପରୀକ୍ଷା ଭଲ ହୁଏ ନାହିଁ। ସୂତ୍ରକୁ ନ ବୁଝି କେବଳ ଏହାକୁ ମନେ ରଖିବା ଦ୍ୱାରା ଅଙ୍କ କରିବା ସହଜ ହୋଇ ନ ଥାଏ।




## ଇନ୍‌ଷ୍ଟାଗ୍ରାମ୍‌ରେ ଏଆଇ ଭିଡିଓ ଏଡିଟିଂ ଫିଚର

ଇନ୍‌ଷ୍ଟାଗ୍ରାମ୍ ଏକ ନୂଆ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟୁଲ୍‌ର ଟିଜର ଜାରି କରିଛି। ଏହାକୁ ଆସନ୍ତାବର୍ଷ ବ୍ୟବହାରକାରୀଙ୍କ ପାଇଁ ଲଞ୍ଚ୍ କରାଯିବ। ଏହା ମାଧ୍ୟମରେ ବ୍ୟବହାରକାରୀଙ୍କୁ ବିନା କୌଣସି ଏଡିଟିଂ ଟୁଲ୍‌କୁ ଉପଯୋଗ ନ କରି କେବଳ ସାଧାରଣ ଟେକ୍ସଟ୍ ପ୍ରମ୍ପ୍ଟ ମାଧ୍ୟମରେ ସମସ୍ତ ଦିଗକୁ ବଦଳାଇବାର ସୁବିଧା ମିଳିବ। ତେବେ ଏହି ଟୁଲ୍ ମେଟାର ଜେନ୍ ଏଆଇ ମଡେଲ ଦ୍ୱାରା ସଂଚାଳିତ ହେବ। ସେହିପରି ଏହାର ଟିଜର୍‌ରୁ ଦେଖିବାକୁ ମିଳିଛି ଯେ, ଡ୍ରେସ୍ ଏବଂ ବ୍ୟାକ୍‌ଗ୍ରାଉଣ୍ଡ ପରିବର୍ତ୍ତନଠାରୁ ଆରମ୍ଭ କରି ଅନେକ କିଛି ନାଟକୀୟ ପରିବର୍ତ୍ତନ ଏହି ଟୁଲ୍ ଦ୍ୱାରା ହୋଇପାରିବ। ତେବେ ଏହା କେତେ ପ୍ରଭାବଶାଳୀ ହେବ, ସେକଥା ସମୟ କହିବ।



# ରକ୍ତଭିଜା ଚର୍ଚ୍ଚିତ ଚବିଶି



୨୦୨୪ ମସିହାର କେଉଁ ଦୃଷ୍ଟିରୁ କାହାପାଇଁ କ'ଣ ହୋଇପାରେ କିନ୍ତୁ ଏହିବର୍ଷ ରାଜ୍ୟରେ ହତ୍ୟାକାଣ୍ଡରୁ ଆରମ୍ଭ ହୋଇଥିଲା ଅପରାଧର ଫର୍ଦ୍ଦ । ଯଦିବା ଗଣଦୁଷ୍କର୍ମଠାରୁ ଆରମ୍ଭ କରି ଲୁଟ୍‌ପାଟ୍, ଡକାୟତି ରାହାଜାନୀ ମାତ୍ରା ଅଧିକ ଥିଲା ତେବେ ସେସବୁ ତୁଳନାରେ ସାଇବର୍ ଠକେଇ ଓ ହତ୍ୟାକାଣ୍ଡ ସଂଖ୍ୟା ଅଧିକ ଥିଲା । ଏକପକ୍ଷରେ ଅଦୃଶ୍ୟ ଠକ କାୟା ବିସ୍ତାର କରି ଚାଲିଥିବା ବେଳେ ପରକୀୟା ପ୍ରୀତିକୁ କେନ୍ଦ୍ରକରି ତଥା କେଉଁଠି ପୂର୍ବଶତ୍ରୁତାରୁ ଗଡ଼ିଥିଲା ମୁଣ୍ଡ । ଏମିତି କି ପ୍ରଥମାର୍ଦ୍ଧରେ ଅପରାଧ ଯେଉଁ ମାତ୍ରାରେ ଚାଲିଥିଲା ଶେଷାର୍ଦ୍ଧରେ ହତ୍ୟା ଅପରାଧ କ୍ରମେ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଥିଲା ।

## ■ ୪ ଭାଇଙ୍କ ୫ ହତ୍ୟାକାରୀଙ୍କୁ ଆଜୀବନ; ପତ୍ନୀହନ୍ତାକୁ ଫାଶୀ



ଗଞ୍ଜାମ ପିତଳ ଛକରେ ୪ ଭାଇଙ୍କୁ ହତ୍ୟା ଘଟଣାରେ ୫ ଅଭିଯୁକ୍ତଙ୍କୁ ଆଜୀବନ ସଜା ମିଳିଥିଲା । ଅନୁରୂପ ଭାବେ ଘାଟିକିଆର ପତ୍ନୀ ସରସ୍ୱତୀ ଦାଶଙ୍କୁ ବୀଭତ୍ସ ହତ୍ୟା ମାମଲାରେ ସ୍ୱାମୀ ସଞ୍ଜିତ ଦାଶକୁ ଫାଶୀ ଦଣ୍ଡ ମିଳିଥିଲା । ଏଥିସହ ନୟାଗଡ଼ର ଏହି ଚର୍ଚ୍ଚିତ ହତ୍ୟା ଘଟଣାର ଶୁଣାଣି କରି ଦୋଷୀ ସରୋଜ ସେଠୀକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ ନୟାଗଡ଼ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ । ଏଥିସହ ଶୈଳଶ୍ରୀବିହାର ଡାକ୍ତର ଦମ୍ପତି ହତ୍ୟା ଘଟଣାରେ ସହାୟିକା ସହ ୫ଜଣଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଇଥିଲେ । ସେହିପରି ଓଡ଼ିଶା ନ୍ୟାୟିକ ଇତିହାସରେ ୪ ଦିନରେ ଚାର୍ଜସିଟ ସହ ୭ଦିନରେ ଶୁଣାଣି ହୋଇଥିଲା । ବିଦେଶିନୀଙ୍କୁ ଲିଙ୍ଗରାଜ ମନ୍ଦିରର ପାଖରେ ସେବାୟତ ଅସଦାଚରଣ ଘଟଣା ଏହି ରାୟ ପ୍ରକାଶ ପାଇଥିଲା । ଏହି ୪ଟି ଘଟଣା ନୁହେଁ, କମିସନରେଟ ପୁଲିସ ଚଳିତବର୍ଷ ୯୧ଟି ମାମଲାରେ ଅପରାଧୀଙ୍କୁ ସଜା ମିଳିଛି ।

## ■ ଓଡ଼ିଶାରେ ସର୍ବଭାରତୀୟ ଡିଜିପି ସମ୍ମିଳନୀ
## ଡରାଇଲା ପନ୍ନୁ



ଭୁବନେଶ୍ୱରରେ ୩ଦିନ ଧରି ସର୍ବଭାରତୀୟ ଡିଜିପି ସମ୍ମିଳନୀ ହୋଇଥିଲା । ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମେତ ସବୁ ରାଜ୍ୟର ଡିଜିପି, ଆଇଜିପି ଥିଲେ । ଏଥିରେ ଦେଶ ସୁରକ୍ଷା, ସାଇବର୍ ଠକେଇ, ଆତଙ୍କବାଦ ଦମନ, ନୂଆ ଅପରାଧ ଓ ଉପକୂଳ ସୁରକ୍ଷାରେ ଆଲୋଚନା ହୋଇଥିଲା । ଏହି ଅବସରରେ ଖାଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁର ଧମକପୂର୍ଣ୍ଣ ଭିଡିଓ ବାର୍ତ୍ତା ପଠାଇ ଧମକ ଦେଇଥିଲା ।

## ■ ଥାନାରେ ସାପ ଖେଳାଇ ଚୋଟ ଖାଇଲେ

ବିରମହାରାଜପୁର ଥାନା ଭିତରେ ସାପ ଖେଳାଇ ଖାଇଲେ ସାପ ଚୋଟ । ଶେଷରେ ଏହି ଚୋଟରେ ଗଲା ଗୌର କୁମ୍ଭାରଙ୍କ ଜୀବନ । ଚମ୍ପାମାଳ ଗାଁର ଜଣଙ୍କ ଘରେ ଲୁଚି ରହିଛି ନାଗ । ଏ ଖବର ପାଇବା ପରେ ସାପ ଧରିବାକୁ ପହଞ୍ଚି ଯାଇଥିଲେ ଗୌର । ନାଗକୁ ଧରିବା ପରେ ପହଞ୍ଚିଥିଲେ ବୀରମହାରାଜପୁର ଥାନାରେ । ଥାନା ଭିତରେ ଆରମ୍ଭ ହୋଇ ଯାଇଥିଲା ସାପଖେଳ । ଖାକି ବାବୁଙ୍କ ଆଗରେ ବାହାଦୁରୀ ଦେଖାଇବାକୁ ଆରମ୍ଭ କରି ଦେଇଥିଲେ ଖେଳ । ସାପ ଖେଳାଇବା ବେଳେ ନାଗ ଚୋଟରେ ସଫା ହୋଇଯାଇଥିଲା ଗୌର ।



## ପାହାଡ଼ ଉପରେ ଟ୍ରିପଲ୍ ମର୍ଡର

ଔପଦା ଥାନା ବଡ଼ପୋଖରୀ ପଞ୍ଚାୟତ ବରପଦା ଗାଁରେ ଗୁଣି ଗାରେଡ଼ି ସନ୍ଦେହରେ ୩ ଜଣଙ୍କୁ ବୀଭତ୍ସ ଭାବେ ଗଳା କାଟି ହତ୍ୟା କରାଯାଇଥିଲା । ପରେ ପାହାଡ଼ରେ ଶବ ଫିଙ୍ଗିଥିଲେ ଅଭିଯୁକ୍ତ । ବରପଦା ଗାଁର ସମ୍ଭାରି ସିଂ, ଦାମ୍ପା ସିଂ ଏବଂ ତାଙ୍କ ପତ୍ନୀ ପାଗିଲି ସିଂଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାରେ ୧୪ଜଣ ଗିରଫ ହୋଇଥିଲେ ।

## ■ ଓଡ଼ିଶାରୁ ବାଂଲାଦେଶ ସିମ୍‌ବକ୍ସ ଲିଙ୍କ୍



ଭୁବନେଶ୍ୱର ସମେତ କଟକ ଓ ଝାଡ଼ଖଣ୍ଡରୁ ୧୭ଟି ସିମ୍ ବକ୍ସ ଠାବ କରାଯାଇଥିଲା । ଏହି ଘଟଣାରେ ରାଜୁ ମଣ୍ଡଳକୁ ପୁଲିସ ଗିରଫ କରାଯାଇଥିବା ବେଳେ ବାଂଲାଦେଶୀ ନାଗରିକ ଆଶାଦ୍ଦୁର ଜମନ୍‌ର ଲିଙ୍କ୍ ମିଳିଥିଲା । ଇଣ୍ଟରନ୍ୟାସନାଲ କଲ୍‌କୁ ଲୋକାଲ କଲ୍‌ରେ ପରିଣତ କରି ଅପରାଧ ଚଳାଉଥିଲେ । ଅନୁରୂପ ଭାବେ ଏୟାରଫିଲ୍ଡରୁ ନକଲି କଲ୍ ଓ ଗେମ୍ ଆପ୍ ସେଣ୍ଟର ଠାବ, ନାଇଜେରିଆ ଗ୍ୟାଙ୍ଗ୍, ଆନ୍ତଃରାଜ୍ୟ ସାଇବର୍ ଅପରାଧୀଙ୍କୁ ଠାବ କରାଯାଇଛି ।

## ■ ପୂର୍ବଶତ୍ରୁତାରୁ ଦୁଇ ବନ୍ଧୁଙ୍କ ମୁଣ୍ଡ ଗଡ଼ିଲା



ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏୟାରଫିଲ୍ଡ ଥାନା ଅନ୍ତର୍ଗତ କୁହା ଗ୍ରାମରେ ରଶ୍ମିରଞ୍ଜନ ସେଠୀ ଓରଫ୍ ଜିତୁ ଓ ଚିକେନ ଦୋକାନୀ ସମ୍ବିତ ରାଉତ ଓରଫ୍ ଜୁଲୁଙ୍କୁ ହତ୍ୟା କରାଯାଇଥିଲା । କୁହା ଗ୍ରାମର ମଲ୍ଲିକ ସାହି ଓ ସେଠୀ ସାହି ମଧ୍ୟରେ ଚାଲିଥିବା ବିବାଦରୁ ଦୁଇ ବନ୍ଧୁଙ୍କ ହତ୍ୟା ହୋଇଥିଲା । ମଲ୍ଲିକ ସାହିର ଗଣେଶ ଓ ପ୍ରଦୀପ ସେଠୀରେ ଦୁଇ ମୃତକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଥିବା ଜଣାପଡ଼ିଥିଲା ।



## ■ ଟଙ୍କା ପାଇଁ ବାପାକୁ ମାରିଲା ପ୍ରଫେସର୍ ପୁଅ

୨୫ ଲକ୍ଷ ଟଙ୍କା ପାଇଁ ବାପାର ଛାତି ଓ ପେଟକୁ ଛୁରି ଭୁସି ହତ୍ୟାକଲା ପ୍ରଫେସର ପୁଅ । ରାଜଧାନୀର ମଞ୍ଚେଶ୍ୱର ଥାନା ରଙ୍ଗମାଟିଆସ୍ଥିତ ଡିଏଚ୍‌ପିଏ ଆପାର୍ଟମେଣ୍ଟରେ ଘଟିଥିଲା ଏଭଳି ଘଟଣା । ସୁନୀଲ ଚୌଧୁରୀଙ୍କ ପେଟକୁ ଛୁରିଭୁସି ହତ୍ୟା କରିଥିଲା ପ୍ରଫେସର୍ ଅନିରୁଦ୍ଧ ଚୌଧୁରୀ ।



## ■ ମିଳିଥିଲା ବିପୁଳ ସୁନା

କୋଲକାତାରୁ ସୁନା ଚୋରାଚାଲାଣ ବେଳେ କଟକରେ କାର୍‌ରୁ କଟକ ମଙ୍ଗୁଳି ଟୋଲ୍‌ଗେଟ୍ ନିକଟରୁ ମିଳିଥିଲା ୯ କିଲୋରୁ ଅଧିକ ସୁନା ବିସ୍କୁଟ୍ । ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଏହାର ମୂଲ୍ୟ ୬ କୋଟି ୪୪ ଲକ୍ଷ ୪୬ ହଜାର ୧୬୪ ଟଙ୍କା ହେବ । ସେହିପରି ଗତ ଅଗଷ୍ଟ ୨୪ରେ ବିଜୁପଟ୍ଟନାୟକ ବିମାନ ବନ୍ଦରରୁ ୮୦ କେଜି ସୁନା, ଦୁଇ କ୍ୱିଣ୍ଟାଲରୁ ଅଧିକ ରୁପା ଜବତ ହୋଇଥିଲା ।

## ■ ପ୍ରେମିକ ପାଇଁ ସ୍ୱାମୀଙ୍କୁ ହତ୍ୟା

ସ୍ୱାମୀ ଏବଂ ପ୍ରେମିକ ଦିଅର ମଧ୍ୟରେ ଝଗଡ଼ା ହେବାରୁ ପ୍ରେମିକ ପକ୍ଷରେ ରହି ସ୍ୱାମୀ ରାଇସେନ ମୁର୍ମୁଙ୍କୁ କାଠ ଫାଳିଆରେ ପିଟିପିଟି ହତ୍ୟା କଲା ସ୍ତ୍ରୀ ପାନ ମୁର୍ମୁ । ଉଦଳା ଥାନା ନୟାରଙ୍ଗାମାଟିଆ ଗାଁରେ ଘଟିଥିଲା ଏହି ଘଟଣା ।

## ■ ବନ୍ଧୁ ସାଜିଥିଲା ବଇରୀ

ଦୁନିଆରେ ବନ୍ଧୁ ଯଦି ବନ୍ଧୁକ ସାଜିବ କହିବା କାହାକୁ! ଏକ ନାଚରେ ଅଭିନୟକୁ କେନ୍ଦ୍ରକରି ଗତ ଜାନୁୟାରୀ ୨ରେ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଶଗଡ଼ଭଙ୍ଗା ପଞ୍ଚାୟତ ଭୀମପଡ଼ା ଗାଁରେ ରଶ୍ମିରଞ୍ଜନ ବଳିଆରସିଂଙ୍କୁ ତାଙ୍କ ବନ୍ଧୁ ପିଟିପିଟି ହତ୍ୟା କରିଥିଲା ।

## ■ ବିଷାକ୍ତ ଇଞ୍ଜେକସନ ଦେଇ ସ୍ତ୍ରୀକୁ ହତ୍ୟା

୨୦୨୪ର ସବୁଠାରୁ ଚର୍ଚ୍ଚିତ ଥିଲା ତ୍ରିକୋଣୀୟ ପ୍ରେମରୁ ଭରତପୁର ଥାନା ଅଞ୍ଚଳରେ ଦୁଇ ପ୍ରେମିକାଙ୍କ ସହିତ ମିଶି ପତ୍ନୀଙ୍କୁ ବିଷାକ୍ତ ଇଞ୍ଜେକସନ୍ ଦେଇ ସ୍ୱାମୀ ହତ୍ୟା କରିବା ଘଟଣା । ଖୋର୍ଦ୍ଧାର ଶୁଭଶ୍ରୀ ନାୟକଙ୍କୁ ପ୍ରେମ ବିବାହ କରିଥିବା ପ୍ରଦ୍ୟୁମ୍ନ ପରବର୍ତ୍ତୀ ସମୟରେ ଇଜିତା ଓ ରୋଜିନାଙ୍କୁ ପ୍ରେମ କରିଥିଲା । ତାପରେ ୩ ଜଣ ମିଶି ଶୁଭଶ୍ରୀକୁ ହତ୍ୟା କରିବାକୁ ଯୋଜନା କରିଥିଲେ । ୩୦ ମିଲି ଗ୍ରାମର ଆନେସ୍ଥେସିଆ ଓ ୪୦ ଗ୍ରାମ ପୋଟାସିୟମ କ୍ଲୋରାଇଡ ଇଞ୍ଜେକସନ୍ ଦେଇ ଶୁଭଶ୍ରୀଙ୍କୁ ହତ୍ୟା କରିଥିଲେ । ପ୍ରେମିକ ପ୍ରଦ୍ୟୁମ୍ନ ଏବଂ ତା'ର ଦୁଇ ପ୍ରେମିକା ରୋଜି ଓ ଇଜିତାକୁ ଗିରଫ କରିଥିଲା ପୁଲିସ ।

## ଜେଲ୍‌ରୁ ମୁକୁଳି ପୁଣି ହତ୍ୟା

୨୦୦୫ରେ ନିଜ ଯାଆକୁ ହତ୍ୟା କରିଥିଲେ ମହିଳା । ଜେଲରୁ ଜାମିନରେ ମୁକୁଳି ପୁଣି ବାଲିଅନ୍ତାର ହୋଟେଲ ବ୍ୟବସାୟୀଙ୍କୁ ହତ୍ୟା କରିଥିଲା ଶୁକ୍ଳି ରାଣା । ୨୦୧୮ ରୁ ଜେଲରେ ବାହାରି ପୁରୀର ସଙ୍କଟମୋଚନ ସେବାଶ୍ରମରେ ରହିବା ପରେ ହୋଟେଲ ବ୍ୟବସାୟୀ ବିଶ୍ୱଜିତଙ୍କୁ ହତ୍ୟା କରିଥିଲା ଶୁକ୍ଳି ।

## ୪୧୫ କୋଟିର ସାଇବର୍ ଠକେଇ



ହତ୍ୟା, ଚୋରି ଡକାୟତି ଠାରୁ ସାଇବର ଠକେଇ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ସେୟାର ମାର୍କେଟ ଠାରୁ ଆରମ୍ଭ କରି ବିଭିନ୍ନ ଆଳ ଦେଖାଇ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିଲେ । ଅଦୃଶ୍ୟ ଠକଙ୍କ ଆତଙ୍କ ସବୁ ସୀମା ଟପିଥିଲା, ଠକେଇର ପରିମାଣ ସବୁବର୍ଷର ରେକର୍ଡ ଭାଙ୍ଗିଥିଲା । ଅଦୃଶ୍ୟ ଠକମାନେ ଗତବର୍ଷ ୧୨୭ କୋଟି ଟଙ୍କା ଠକି ନେଇଥିବା ବେଳେ ଚଳିତବର୍ଷ ପ୍ରାୟ ୪୧୫ କୋଟି ଟଙ୍କା ଉଡ଼ାଇ ନେଇଥିଲେ । ଅଦୃଶ୍ୟ ଆତଙ୍କକୁ ନେଇ ଓଡ଼ିଶାରେ ଚାଲିଥିବା ଡିଜିପି ସମ୍ମିଳନୀରେ ମଧ୍ୟ ପ୍ରଧାନମନ୍ତ୍ରୀ ଚିନ୍ତା ପ୍ରକଟ କରିଥିଲେ ।

## ■ ତ୍ରାହି ତ୍ରାହି ଡାକିଲେଣି ଆପାର୍ଟମେଣ୍ଟ ବାସିନ୍ଦା

ଆପାର୍ଟମେଣ୍ଟରୁ ପୁଣି ଲୁଟ୍ । ୨୦୨୪ ବର୍ଷ ଭୁବନେଶ୍ୱରର ଶହେରୁ ଅଧିକ ଆପାର୍ଟମେଣ୍ଟର ୫୦୦ରୁ ଅଧିକ ଫ୍ଲାଟ୍‌ରୁ ଶହ ଶହ କୋଟି ଟଙ୍କା ସମ୍ପତ୍ତି ଲୁଟି ନେଇଛନ୍ତି ଲୁଟେରା । ସୁନାଗହଣା ସହ ନଗଦ ଟଙ୍କା ଓ ସମ୍ପତ୍ତି ନେଇ କଳାକନା ବୁଲାଇ ଦେଇଛନ୍ତି । ଏଥିପାଇଁ ଲୋକେ ଯେତିକି ଭୟଭୀତ ହେଉନାହାନ୍ତି, କମିସନରେଟ ପୁଲିସ ତା'ରୁ ବେଶି ନିନ୍ଦିତ ହେଉଛି ।

## ■ ୨ ଦିନରେ ୨୬ ଥର ଗଣଦୁଷ୍କର୍ମ

ଦୁଇଦିନ ମଧ୍ୟରେ ଜଣେ ୧୭ ବର୍ଷୀୟା ନାବାଳିକାକୁ ୨୬ ଥର ଗଣଦୁଷ୍କର୍ମ ଭଳି ଅମାନବୀୟ ଘଟଣା କଳାହାଣ୍ଡି ଜିଲ୍ଲାରେ ଘଟିଥିଲା । ଏଥିରେ ସାମିଲ ହୋଇଥିଲେ ୧୩ ନରରାକ୍ଷସ । ଆନ୍ଧ୍ରପ୍ରଦେଶରେ ଜଣେ ସରକାରୀ କର୍ମଚାରୀଙ୍କ ଘରେ ରହି କାମ କରୁଥିବା ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିଲେ ।

## ■ ମାଟ୍ରିମୋନି ସାଇଟ୍‌ରେ 'ମିଠା' ଠକେଇ

ମାଟ୍ରିମୋନି ସାଇଟ୍‌ରେ ମିଠାମିଠା କଥା କହି ଶହେରୁ ଅଧିକ ମହିଳାଙ୍କୁ ବିବାହର ଲୋଭ ଦେଖାଇ କୋଟି କୋଟି ଟଙ୍କା ଲୁଟିଥିଲେ ଯାଜପୁରର ସତ୍ୟଜିତ ସାମଲ । ଠକେଇ ଟଙ୍କାରେ ଘର, କାର୍ ସହ ବିଦେଶ ଭ୍ରମଣ କରୁଥିଲେ । ଅନୁରୂପ ଭାବେ ମାଟ୍ରିମୋନି ସାଇଟ୍‌ରେ ବଡ଼ ଅଧିକାରୀ ପରିଚୟ ଦେଇ ସ୍ୱାମୀ ପରିତ୍ୟକ୍ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଛଳନା କରିଥିବା ବିରଞ୍ଚି ନାରାୟଣ ନାଥକୁ ଗିରଫ କରାଯାଇଥିଲା ।

## ■ ପରକୀୟା ପ୍ରୀତିରୁ ୫ ବଞ୍ଜାରାଙ୍କୁ ହତ୍ୟା

ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳରେ ୫ଜଣଙ୍କୁ ହତ୍ୟା କରାଯାଇଥିଲା । ମୃତକ ମଧ୍ୟରେ ୩ ଜଣ ମହିଳା ଓ ୨ ଜଣ ପୁରୁଷ ଥିଲେ । ପରକୀୟା ପ୍ରୀତିକୁ ନେଇ ସୁନ୍ଦରଗଡ଼ରେ ରହୁଥିବା ବଞ୍ଜାରା ପରିବାର ୫ ଜଣଙ୍କୁ ଅତି ବୀଭତ୍ସ ହତ୍ୟା କରାଯାଇଥିଲା । ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ରାଜ୍ୟ ବାହାରୁ ଗିରଫ କରାଯାଇଥିଲା ।



## ୨୬ବର୍ଷରେ ନୂଆ ଇତିହାସ

ଓଡ଼ିଶାରେ ନିର୍ବାଚନ ଇତିହାସରେ ଆଉ ଏକ ଭଲ ଖବର । ଏଥର ବିନା ମାଓ ହିଂସାରେ ସମ୍ପନ୍ନ ହୋଇଥିଲା ନିର୍ବାଚନ । ୧୧ଟି ମାଓ ପ୍ରଭାବିତ ଜିଲ୍ଲାରେ ନିର୍ବାଚନ ଶେଷ ହୋଇଥିଲା । ଯାହା ୨୬ ବର୍ଷର ଇତିହାସ ଭାଙ୍ଗି ଦେଇଥିଲା ।



## ■ ସ୍ୱାମୀକୁ ହତ୍ୟାକରି ପୋତିଥିଲା ସ୍ତ୍ରୀ

ପରକୀୟା ପ୍ରୀତିରୁ ସ୍ୱାମୀକୁ ହତ୍ୟା କରି ଘରେ ପୋତିଥିଲା ସ୍ତ୍ରୀ । ଘର ଭିତରୁ ମାଟି ଖୋଳି ଶବ ବାହାର କରିଥିଲା ପୁଲିସ । ନୟାଗଡ଼ ଓଡ଼ଗାଁ ଥାନା କୋମଣ୍ଡ ଗାଁରେ ଘଟିଥିଲା ଏହି ହତ୍ୟାକାଣ୍ଡ । ପରକୀୟା ପ୍ରୀତି ଧରା ପଡ଼ିଯିବାରୁ ପ୍ରେମିକ ସହ ମିଶି ସ୍ୱାମୀ ପ୍ରକାଶ ନାୟକଙ୍କୁ ମାରି ଘରେ ପୋତିଦେଇଥିଲା ସ୍ତ୍ରୀ ଜ୍ୟୋସ୍ନାରାଣୀ । ହତ୍ୟା ଘଟଣାରେ ଜ୍ୟୋସ୍ନାରାଣୀ ନାୟକ, ଶାଶୂ ଡ଼ମଣି ପ୍ରଧାନ, ପ୍ରେମିକ ପ୍ରତାପ ସାମଲକୁ ଗିରଫ କରିଥିଲା ପୁଲିସ ।

## ଜାରି ହେଲା ଆଇସିସି ଚାମ୍ପିଅନ୍ସ ଟ୍ରଫି କାର୍ଯ୍ୟସୂଚୀ

# ଫେବ୍ରୁଆରୀ ୨୩ରେ ଭାରତ-ପାକିସ୍ତାନ ଲଢ଼େଇ





ଦୁବାଇ, ୨୪।୧୨ (ଏଜେନ୍ସି): ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଅନେକ ବାଦବିବାଦ ପରେ ଶେଷରେ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମିନି ବିଶ୍ୱକପ୍ ଭାବେ ପରିଚିତ 'ଆଇସିସି ଚାମ୍ପିଅନ୍ସ ଟ୍ରଫି'ର ଆଗାମୀ ୯ମ ସଂସ୍କରଣ ଲାଗି କାର୍ଯ୍ୟସୂଚୀ ଜାରି କରାଯାଇଛି। ଫେବ୍ରୁଆରୀ ୧୯ରେ ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିଅନ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ କରାଚିରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ସେହିଭଳି ଗତ ସଂସ୍କରଣର ଉପବିଜେତା ଭାରତୀୟ ଦଳ ଫେବ୍ରୁଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ଖେଳି ଏହି ମେଗା ଇଭେଣ୍ଟରେ ଅଭିଯାନ ଆରମ୍ଭ କରିବ। ଟୁର୍ଣ୍ଣାମେଣ୍ଟର ସବୁଠୁ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଫେବ୍ରୁଆରୀ ୨୩ରେ ଦୁବାଇରେ ଖେଳାଯିବ। ଦୀର୍ଘ ୮ ବର୍ଷର ବ୍ୟବଧାନରେ ପରେ ଚାମ୍ପିଅନ୍ସ ଟ୍ରଫି ଅନୁଷ୍ଠିତ ହେବାକୁ ଥିବାବେଳେ ପାକିସ୍ତାନ ଏହି ସଂସ୍କରଣର ଆୟୋଜନ ଅଧିକାର ହାସଲ କରିଛି। କିନ୍ତୁ ସୁରକ୍ଷାଜନିତ କାରଣ ଲାଗି ପାକିସ୍ତାନ ଯିବାକୁ ଭାରତ ମନା କରିବା ପରେ ଏହାକୁ ଶେଷରେ ଆଇସିସି ହାଇବ୍ରିଡ୍ ମଡେଲରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଭାରତ ଏହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ।

ଏକଦିବସୀୟ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ବିଶ୍ୱର ଶ୍ରେଷ୍ଠ-୮ ଗୋଟି ଦଳ ଅଂଶଗ୍ରହଣ କରିବେ। ଗତ ୨୦୨୩ ବିଶ୍ୱକପ୍‌ରେ ଶ୍ରେଷ୍ଠ-୮ ମଧ୍ୟରେ ରହିଥିବା ଦଳ ଚାମ୍ପିଅନ୍ସ ଟ୍ରଫିକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସ୍ଥାନ ପାଇଛନ୍ତି। ସେହିଭଳି ଗ୍ରୁପ୍-ବି'ରେ ବିଶ୍ୱ ଚାମ୍ପିଅନ ଅଷ୍ଟ୍ରେଲିଆ ସମେତ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ଆଫଗାନିସ୍ତାନ ରହିଛନ୍ତି। ଗ୍ରୁପ୍‌ରେ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ମାର୍ଚ୍ଚ ୪ରେ ପ୍ରଥମ ସେମିଫାଇନାଲ ଦୁବାଇରେ ଏବଂ ୫ରେ ଦ୍ୱିତୀୟ ସେମିଫାଇନାଲ ଲାହୋରରେ ଅନୁଷ୍ଠିତ ହେବ। ସେହିଭଳି ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୯ରେ ଲାହୋରରେ ଖେଳାଯିବ। କିନ୍ତୁ ଯଦି ଭାରତ ଫାଇନାଲରେ ପ୍ରବେଶ କରେ ତେବେ ଏହା ଦୁବାଇରେ ଅନୁଷ୍ଠିତ ହେବ। ଫାଇନାଲ୍‌ର ଏକ ରିଜର୍ଭ ଡେ' ମଧ୍ୟ ରହିଛି।

ବୋଲି ଆଇସିସି ପକ୍ଷରୁ ଜାରି କାର୍ଯ୍ୟସୂଚୀରୁ ଜଣାପଡ଼ିଛି। ପାକିସ୍ତାନର ଲାହୋର, କରାଚି ଓ ରାୱଲପିଣ୍ଡିରେ ମ୍ୟାଚ୍‌ଗୁଡ଼ିକ ଆୟୋଜିତ ହେବ। ସେହିଭଳି ଭାରତୀୟ ଦଳର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳାଯିବ। ୨୦୧୭ ରେ ଇଂଲଣ୍ଡରେ ଅନୁଷ୍ଠିତ ଗତ ସଂସ୍କରଣ ଫାଇନାଲରେ ଭାରତକୁ ୧୮୦ ରନରେ ହରାଇ ପାକିସ୍ତାନ ପ୍ରଥମଥର ଏହି ସମ୍ମାନଜନକ ଟ୍ରଫି ଜିତିଥିଲା।

### କାର୍ଯ୍ୟସୂଚୀ

ଗ୍ରୁପ୍-ଏ: ଭାରତ, ପାକିସ୍ତାନ, ବାଂଲାଦେଶ, ନ୍ୟୁଜିଲାଣ୍ଡ | ଗ୍ରୁପ୍-ବି: ଆଫଗାନିସ୍ତାନ, ଦ.ଆଫ୍ରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୯।୨ | ପାକିସ୍ତାନ-ନ୍ୟୁଜିଲାଣ୍ଡ | କରାଚି |
| ୨୦।୨ | ଭାରତ-ବାଂଲାଦେଶ | ଦୁବାଇ |
| ୨୧।୨ | ଆଫଗାନିସ୍ତାନ-ଦ.ଆଫ୍ରିକା | କରାଚି |
| ୨୨।୨ | ଅଷ୍ଟ୍ରେଲିଆ-ଇଂଲଣ୍ଡ | ଲାହୋର |
| ୨୩।୨ | ଭାରତ-ପାକିସ୍ତାନ | ଦୁବାଇ |
| ୨୪।୨ | ବାଂଲାଦେଶ-ନ୍ୟୁଜିଲାଣ୍ଡ | ରାୱଲପିଣ୍ଡି |
| ୨୫।୨ | ଅଷ୍ଟ୍ରେଲିଆ-ଦ.ଆଫ୍ରିକା | ରାୱଲପିଣ୍ଡି |
| ୨୬।୨ | ଆଫଗାନିସ୍ତାନ-ଇଂଲଣ୍ଡ | ଲାହୋର |
| ୨୭।୨ | ପାକିସ୍ତାନ-ବାଂଲାଦେଶ | ରାୱଲପିଣ୍ଡି |
| ୨୮।୨ | ଆଫଗାନିସ୍ତାନ-ଅଷ୍ଟ୍ରେଲିଆ | ଲାହୋର |
| ୧।୦୩ | ଦ.ଆଫ୍ରିକା-ଇଂଲଣ୍ଡ | କରାଚି |
| ୨।୦୩ | ଭାରତ-ନ୍ୟୁଜିଲାଣ୍ଡ | ଦୁବାଇ |
| ୪।୦୩ | ପ୍ରଥମ ସେମିଫାଇନାଲ | ଦୁବାଇ |
| ୫।୦୩ | ଦ୍ୱିତୀୟ ସେମିଫାଇନାଲ | ଲାହୋର |
| ୯।୦୩ | ଫାଇନାଲ | ଲାହୋର |

ବି.ଦ୍ର.: ଯଦି ଭାରତ ଫାଇନାଲରେ ପ୍ରବେଶ କରେ ତେବେ ଏହା ଦୁବାଇରେ ଖେଳାଯିବ।

● ଅପରାହ୍ଣ ୨ଟା ୩୦ରେ ସମସ୍ତ ମ୍ୟାଚ୍ ଆରମ୍ଭ ହେବ।

■ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍

## ଭାରତର ନେତୃତ୍ୱ ନେବେ ନିକି



ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି): ମାଲେସିଆରେ ଆସନ୍ତା ବର୍ଷ ହେବାକୁ ଥିବା ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ବିଶ୍ୱକପ୍‌ରେ ନିକି ପ୍ରସାଦ ଭାରତର ନେତୃତ୍ୱ ନେବେ। ନିକଟରେ ତାଙ୍କ ନେତୃତ୍ୱରେ ଭାରତ ପ୍ରଥମ ୧୯ ବର୍ଷରୁ କମ୍ ମହିଳା ଏସିଆ କପ୍ ଚାମ୍ପିଅନ ହୋଇଥିଲା। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଗ୍ରୁପ୍-ଏ'ରେ ମାଲେସିଆ, ୱେଷ୍ଟଇଣ୍ଡିଜ୍ ଓ ଶ୍ରୀଲଙ୍କା ସହ ସ୍ଥାନ ପାଇଛି। ଏହି ବିଶ୍ୱକପ୍‌ରେ ଭାଗନେଇଥିବା ମୋଟ ୧୬ଟି ଦଳ ୪ଟି ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ରାଉଣ୍ଡ ରବିନ ଲିଗ୍ ପରେ ପ୍ରତ୍ୟେକ ଗ୍ରୁପ୍‌ରୁ ୩ଟି ଲେଖାଏଁ ଦଳ ସୁପର ସିକ୍ସକୁ ଉନ୍ନୀତ ହେବେ। ମାଲେସିଆରେ ଏହି ପ୍ରତିଯୋଗିତା ଜାନୁଆରୀ ୧୯ରୁ ଆରମ୍ଭ ହୋଇ ୩୧ରେ ଶେଷ ହେବ।

ଘୋଷିତ ଭାରତୀୟ ଦଳ : ନିକି ପ୍ରସାଦ (ଅଧିନାୟିକା), ସାନିକା ଚାଲକେ (ଉପଅଧିନାୟିକା), ଜି ତ୍ରିଶା, କମଳିନୀ ଜି (ୱିକେଟରକ୍ଷକ), ଭାବିକା ଆହିରେ (ୱିକେଟରକ୍ଷକ), ଇଶ୍ୱରୀ ଆୱାସାରେ, ମିଥିଲା ବିନୋଦ, ଜ୍ୟୋଶିତା ଭିଜେ, ସୋନମ ଯାଦବ, ପରୁଣିକା ସିସୋଦିଆ, କେଶରୀ ଦ୍ରିଥି, ଆୟୁଷୀ ଶୁକ୍ଳା, ଆନନ୍ଦିତା କିଶୋର, ଏମ୍‌ଡି ସବ୍‌ନମ୍ ଓ ବୈଷ୍ଣବୀ ଏସ୍। ଷ୍ଟାଣ୍ଡବାଇ : ନନ୍ଦନା ଏସ୍, ଇରା ଜେ ଓ ଆନନ୍ଦି ଟି.।

## ଷ୍ଟୋକ୍ସ ଆହତ: ୩ ମାସ ଖେଳିପାରିବେନି

ଲଣ୍ଡନ,୨୪।୧୨(ଏଜେନ୍ସି): ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସ ଆହତ ହୋଇଛନ୍ତି। ତାଙ୍କ ବାମଗୋଡର ମାଂସପେଶୀରେ ଗ୍ରନ୍ଥି ଛିଡ଼ିଯାଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପରେ ଏହା ପରୀକ୍ଷାରୁ ଜଣାପଡ଼ିଛି। ଫଳରେ ସେ ଏବେ ଅତିକମ୍‌ରେ ୩ ମାସ ଖେଳିପାରିବେ ନାହିଁ। ଜାନୁଆରୀ ମାସରେ ତାଙ୍କର ଅସ୍ତ୍ରୋପଚାର କରାଯିବ। ଏବେ ଇଂଲଣ୍ଡର ପରବର୍ତ୍ତୀ ଟେଷ୍ଟ ମ୍ୟାଚ୍ ଜିମ୍ବାୱେ ସହ ରହିଛି। ଏହା ପରେ ଜୁଲାଇ ଓ ଅଗଷ୍ଟରେ ଏକ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଭାରତ ଇଂଲଣ୍ଡ ଗସ୍ତରେ ଆସିବ। ଏହି ସମୟ ବେଳକୁ ସେ ଫିଟ୍ ହୋଇଯାଇଥିବେ ବୋଲି ଇଂଲଣ୍ଡ କ୍ରିକେଟ ବୋର୍ଡ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଇନିଂସ ଅଗ୍ରଣୀଭିତ୍ତିରେ ଓଡ଼ିଶାକୁ ୩ ପଏଣ୍ଟ

କଟକ,୨୪।୧୨(ସମିସ): ମଧ୍ୟପ୍ରଦେଶର ମୋରେନାସ୍ଥିତ ଏମପିସିଏ ଗ୍ରାଉଣ୍ଡରେ ଓଡ଼ିଶା ଏବଂ ହରିୟାଣା ମଧ୍ୟରେ ଖେଳାଯାଇଥିବା ୧୬ ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ମ୍ୟାଚ୍ ଡ୍ର ରହିଛି। ଇନିଂସ ଅଗ୍ରଣୀ ଯୋଗୁଁ ଓଡ଼ିଶାକୁ ୩ ପଏଣ୍ଟ ମିଳିଛି। ଏଥି ସହିତ ୪ଟି ଲିଗ୍‌ରୁ ମୋଟ ୧୭ ପଏଣ୍ଟ ହାସଲ କରି ଓଡ଼ିଶା ଏଲିଟ ଗ୍ରୁପ-ବି ଟେବଲରେ ୨ୟ ସ୍ଥାନରେ ରହିଛି। ଆସନ୍ତା ୨୮ ତାରିଖରୁ ଉତ୍ତରପ୍ରଦେଶ ବିପକ୍ଷରେ ଅନ୍ତିମ ତଥା ୫ମ ଲିଗ୍ ମ୍ୟାଚ୍ ଓଡ଼ିଶା ଖେଳିବ। ହରିୟାଣା ପ୍ରଥମ ଇନିଂସ୍‌ରେ ୧୯୨ରନରେ ଅଲଆଉଟ ହୋଇଥିଲା। ସୋମବାର ଖେଳ ଶେଷ ସୁଦ୍ଧା ଓଡ଼ିଶା ୬ ୱିକେଟ ବିନିମୟରେ ୨୪୮ ରନ କରିବା ସହ ୫୬ ରନର ଅଗ୍ରଣୀ ହାସଲ କରିଥିଲା। ମଙ୍ଗଳବାର ଓଡ଼ିଶା ଇନିଂସ ୨୮୯ ରନରେ ସୀମିତ ରହିଥିଲା। ଏହାପରେ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ହରିୟାଣା ମ୍ୟାଚ୍ ଶେଷ ସୁଦ୍ଧା ୭ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲା। ଓଡ଼ିଶା ତରଫରୁ ରାଜ ଯାଦବ ଏବଂ ସୌମ୍ୟରଞ୍ଜନ ସିଂହ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ।

## ଉଦାହରଣ ସୃଷ୍ଟି କରିବ ଖୋ ଖୋ ବିଶ୍ୱକପ୍

ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି): ନୂଆଦିଲ୍ଲୀର ଆଇଜିଆଇ ଷ୍ଟାଡିୟମ୍‌ରେ ଜାନୁଆରୀ ୧୩ରୁ ୧୯ ତାରିଖଯାଏ ଆୟୋଜିତ ହେବ ପ୍ରଥମ ଖୋ ଖୋ ବିଶ୍ୱକପ୍। ଏହି ପ୍ରତିଯୋଗିତାକୁ ସଫଳ କରିବା ଓ ଅନ୍ତର୍ଜାତୀୟ ଖେଳାଳି ଓ କର୍ମକର୍ତ୍ତାଙ୍କୁ ଭଲରେ ରଖିବା, ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ଆମ ଲାଗି ଏକ ଆହ୍ୱାନ ସୃଷ୍ଟି କରିଛି ବୋଲି ଭାରତୀୟ ଖୋ ଖୋ ମହାସଂଘ ସଭାପତି ସୁଧାଂଶୁ ମିତ୍ତଲ କହିଛନ୍ତି। ପ୍ରଥମଥର ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ମଧ୍ୟ ୨୦୨୫ର ପ୍ରଥମ ମେଗା ସ୍ପୋର୍ଟ୍ସ ଇଭେଣ୍ଟ। ପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ୬ଟି ମହାଦେଶରୁ ୨୪ଟି ଦେଶ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପୁରୁଷ ବିଭାଗରେ ୨୧ଟି ଓ ମହିଳା ବିଭାଗରେ ୨୦ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏସିଆ ମହାଦେଶରୁ ଆୟୋଜକ ଭାରତ ସମେତ ସର୍ବାଧିକ ୯ ଟି ଦେଶ ଓ ମହିଳାରେ ମଧ୍ୟ ଭାରତ ସମେତ ସର୍ବାଧିକ ୧୦ଟି ଦେଶ ଅଂଶଗ୍ରହଣ କରିବେ।

## ହର୍ଲିନଙ୍କ ଶତକ; ସିରିଜ ଜିତିଲା ଭାରତ



ଭଦୋଦରା, ୨୪।୧୨ (ଏଜେନ୍ସି): ହର୍ଲିନ ଦେଓଲଙ୍କ ଦମ୍‌ଦାର ଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଏକଦିବସୀୟ ସିରିଜର ୨ୟ ମୁକାବିଲାରେ ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ୧୧୫ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୨୧୧ ରନରେ ଜିତିଥିବା ଭାରତ ଏଥିସହ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ଅନ୍ତିମ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

ଭାରତର ରେକର୍ଡ ସ୍କୋର: ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ପାଇଁ ଦୁଇ ଓପନର୍ ସ୍ମୃତି ମନ୍ଧାନା ଓ ନବାଗତା ପ୍ରତୀକା ରାୱଲ ପ୍ରଥମ ୱିକେଟ୍‌ରେ ୧୧୦ ରନ ଭାଗୀଦାରି ଗଢ଼ିଥିଲେ। ମନ୍ଧାନା (୫୩ ରନ) ନିଜର ୨୯ତମ ଏକଦିବସୀୟ ଅର୍ଦ୍ଧଶତକ ହାସଲ କରି ରନ୍‌ଆଉଟ୍ ହୋଇଥିଲେ। ସେହିଭଳି ନିଜର ୨ୟ ମ୍ୟାଚ୍‌ରେ ଦିଲ୍ଲୀର ପ୍ରତୀକା ୮୬ ବଲରେ ୭୬ ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ। ତେବେ ହର୍ଲିନ ଦେଓଲଙ୍କ ଶତକୀୟ ପାଳି ଭାରତକୁ ଏହି ଫର୍ମାଟ୍‌ରେ ରେକର୍ଡ ସ୍କୋର ଦେବାରେ ସହାୟତା କରିଥିଲା। ହର୍ଲିନ ୧୬ ଚୌକା ବଳରେ ୧୦୩ ବଲରୁ ୧୧୫ ରନ କରି କ୍ୟାରିୟରର ପ୍ରଥମ ଦିନିକିଆ ଶତକ ଅର୍ଜନ କରିଥିଲେ। ଜେମିମା ରୋଡ୍ରିଗ୍ସେଜ ୫୨ ରନ କରି ତାଙ୍କୁ ଉପଯୁକ୍ତ ସାଥ୍ ଦେଇଥିଲେ। ଫଳରେ ଭାରତ ୫୦ ଓଭରରେ ୫ ୱିକେଟ୍ ହରାଇ ୩୫୮ ରନ କରିଥିଲା। ଏଥିସହ ଭାରତ ଏକଦିବସୀୟ ଫର୍ମାଟ୍‌ରେ ଏହାର ଯୁଗ୍ମ ସର୍ବାଧିକ ସ୍କୋର କରିପାରିଥିଲା। ପୂର୍ବରୁ ୨୦୧୭ରେ ଆୟର୍ଲାଣ୍ଡ ବିପକ୍ଷରେ ଭାରତ ୨ ୱିକେଟ୍‌ରେ ସମାନ ୩୫୮ ରନ କରିଥିଲା।

ମାଥ୍ୟୁସଙ୍କ ସ୍ମରଣୀୟ ଶତକ: ଜବାବରେ ୱେଷ୍ଟଇଣ୍ଡିଜ ଅଧିନାୟିକା ହେଲୀ ମାଥ୍ୟୁସଙ୍କ ୧୦୬ ରନ ସତ୍ତ୍ୱେ ୱେଷ୍ଟଇଣ୍ଡିଜ ୨୪୩ ରନରେ ସୀମିତ ରହିଥିଲା। ଏଥିସହ ୱେଷ୍ଟଇଣ୍ଡିଜର ପ୍ରଥମ ମହିଳା କ୍ରିକେଟର୍ ଭାବେ ମାଥ୍ୟୁସ ଭାରତ ବିପକ୍ଷରେ ଶତକ ହାସଲ କରିଛନ୍ତି। ଏହି ୭ମ ଦିନିକିଆ ଶତକ ଅବସରରେ ସେ ଏହି ଫର୍ମାଟ୍‌ରେ ୨୫୦୦ ଓ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୫୦୦୦ ରନ ପୂରଣ କରିଛନ୍ତି। ତେବେ ଅନ୍ୟ କୌଣସି ବ୍ୟାଟର ତାଙ୍କୁ ସାଥ୍ ନ ଦେବାରୁ ଦଳ ପରାଜୟବରଣ କରିଥିଲା। ଭାରତ ପକ୍ଷରୁ ପ୍ରିୟା ମିଶ୍ରା ୩ ଏବଂ ତ୍ରିତାସ ସାଧୁ, ଦୀପ୍ତି ଶର୍ମା ଓ ପ୍ରତୀକା ୨ଟି ଲେଖାଏ ୱିକେଟ୍ ନେଇଥିଲେ।

# ରୋହିତ ଫିଟ୍: ବକ୍ସିଂ ଡେ ଟେଷ୍ଟ ଖେଳିବେ



ମେଲବୋର୍ଣ୍ଣ,୨୪।୧୨(ଏଜେନ୍ସି): ମେଲବୋର୍ଣ୍ଣରେ ଡିସେମ୍ବର ୨୬ରୁ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଟେଷ୍ଟ ପୂର୍ବରୁ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ଫିଟ୍‌ନେସକୁ ନେଇ ଯେଉଁ ଆଶଙ୍କା ରହିଥିଲା ତାହା ଦୂର ହୋଇଛି। ଏ ସମ୍ପର୍କରେ ସେ ମଙ୍ଗଳବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ଫିଟ୍‌ନେସ ସମ୍ପର୍କରେ ସୂଚନା ଦେଇଛନ୍ତି। 'ମୁଁ ଫିଟ୍ ଅଛି, ମୋର କୌଣସି ଆଘାତ ସମସ୍ୟା ନାହିଁ' ବୋଲି ରୋହିତ କହିଛନ୍ତି। ସୂଚନାଯୋଗ୍ୟ ରବିବାର ଭାରତୀୟ ଦଳ ଅଭ୍ୟାସ କରୁଥିଲାବେଳେ ରୋହିତଙ୍କ ବାମ ଗୋଡ଼ ଆଣ୍ଠୁରେ ଓ ଆକାଶ ଦୀପ୍‌ଙ୍କ କାନ୍ଧରେ ବଲ ବାଜିଥିଲା। ରୋହିତଙ୍କ ଆଣ୍ଠୁ ଫୁଲିଯାଇଥିଲା ଓ ସେ ରବିବାର ଆଉ ଅଭ୍ୟାସ କରି ନ ଥିଲେ। ସୋମବାର ଭାରତୀୟ ଦଳ ବିଶ୍ରାମ ନେଇଥିବାରୁ କେହି ଅଭ୍ୟାସକୁ ଆସି ନ ଥିଲେ। ଏହା ମଧ୍ୟରେ ରୋହିତଙ୍କ ଗୋଡ଼ ଫୁଲିବା କମିଯାଇଛି। ସେ ମେଲବୋର୍ଣ୍ଣ ଟେଷ୍ଟ ଖେଳିବାକୁ ଫିଟ୍ ଅଛନ୍ତି ବୋଲି କହିଛନ୍ତି।

ମଙ୍ଗଳବାର ଭାରତ ଓ ଅଷ୍ଟ୍ରେଲିଆ ଦଳ ଜୋରଦାର ଅଭ୍ୟାସ କରିଥିଲେ। ଗୋଟିଏ ଦିନ ପରେ ଅର୍ଥାତ୍ ଗୁରୁବାର ଏହି ଟେଷ୍ଟ ଖେଳାଯିବ। ଏଣୁ ମଝିରେ ଆଉ ଗୋଟିଏ ଦିନ ବାକିଥିବାରୁ ଆଜି ଉଭୟ ଦଳ ଜୋରଦାର ଅଭ୍ୟାସ କରିଥିଲେ। ଭାରତର ୩ଜଣ ଟପ୍ ଅର୍ଡର ଫ୍ଲପ୍ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି ଓ ରୋହିତ ଶର୍ମା ଦୀର୍ଘ ସମୟ ଧରି ଅଭ୍ୟାସ କରିଥିବାର ଦେଖାଯାଇଥିଲା। ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍‌ର ପର୍ଥରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ରୋହିତ ଦଳର ନେତୃତ୍ୱ ନେଇ ନ ଥିଲେ। କିନ୍ତୁ ସେ ଦଳକୁ ଫେରିବା ପରେ ନଂ-୬ରେ ବ୍ୟାଟିଂ କରୁଛନ୍ତି। ଶେଷ ଦୁଇଟି ଟେଷ୍ଟରେ ଏହି ପୋଜିସନରେ ବ୍ୟାଟିଂ କରି ୩ଟି ଇନିଂସରେ ଯଥାକ୍ରମେ ୧୦, ୩ ଓ ୬ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ତାଙ୍କ ଓପନିଂ ସ୍ଥାନ ଛଡ଼ାଇନେଇଥିବା ଲୋକେଶ ରାହୁଲ ପ୍ରଥମ ଟେଷ୍ଟ ବିଜୟରେ ୭୭ ଓ ବ୍ରିସ୍‌ବେନ୍ ଟେଷ୍ଟରେ ଚମତ୍କାର ୮୪ ରନ୍ କରିବା ପରେ ରୋହିତ ଏହି ସିରିଜ୍‌ରେ ଆଉ ଇନିଂସ ଓପନ କରିବେ ବୋଲି ଆଶା କରାଯାଉନାହିଁ। ସେହିପରି ପ୍ରଥମ ଟେଷ୍ଟରେ ଯଶସ୍ୱୀ ଜୟସ୍ୱାଲ ୧୬୧ ଓ ବିରାଟ କୋହଲି ଅପରାଜିତ ୧୦୦ ରନ୍ କରିଥିଲେ। କିନ୍ତୁ ଏହାପରଠାରୁ ସେମାନଙ୍କ ବ୍ୟାଟ ଚୁପ୍ ହୋଇଯାଇଛି। ଗୋଟିଏ ଦଳର ୩ଜଣ ବ୍ୟାଟର ଯଦି ଫ୍ଲପ୍ ହୁଅନ୍ତି ତେବେ ସେହି ଦଳଠାରୁ ସଫଳତା ଆଶା କରିବା ବୃଥା। ଏଭଳି ସ୍ଥିତିରେ ଭାରତ ଶକ୍ତିଶାଳୀ ଅଷ୍ଟ୍ରେଲିଆ ସହ ଚତୁର୍ଥ ମୁକାବିଲା କରିବାକୁ ଯାଉଛି।

# ସନ୍ତୋଷ ଟ୍ରଫି: କ୍ୱାର୍ଟରଫାଇନାଲରେ ଓଡ଼ିଶା



କଟକ,୨୪।୧୨(ସମିସ): ଭାରତୀୟ ଘରୋଇ ଫୁଟବଲର ମର୍ଯ୍ୟାଦାଜନକ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି ଓଡ଼ିଶା। ଫାଇନାଲ ରାଉଣ୍ଡରେ ୫ଟି ଲିଗ୍ ମ୍ୟାଚ୍‌ରୁ ଗୋଟିଏ ବିଜୟ ଏବଂ ଦୁଇଟି ଲେଖାଏ ପରାଜୟ ଓ ଅମୀମାଂସିତ ଫଳାଫଳ ବଳରେ ୫ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୪ର୍ଥ ସ୍ଥାନରେ ରହି ଏହି ସଫଳତା ପାଇଛି। ୨୦୨୧-୨୨ ସଂସ୍କରଣରେ ମଧ୍ୟ ଓଡ଼ିଶା କ୍ୱାର୍ଟର ରାଉଣ୍ଡରେ ପ୍ରବେଶ କରିଥିଲା। ତେବେ ମଙ୍ଗଳବାର ମେଘାଳୟ ବିପକ୍ଷରେ ଖେଳିଥିବା ଅନ୍ତିମ ଲିଗ୍ ମ୍ୟାଚ୍‌କୁ ଓଡ଼ିଶା ଡ୍ର ରଖିଥିଲା। ଉଭୟ ଦଳ ଭିତରେ କଡ଼ା ମୁକାବିଲା ହେବା ସତ୍ତ୍ୱେ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଫାଓ ପକ୍ଷରୁ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଯାଇଛି।

ରାଜ୍ୟ ବରିଷ୍ଠ ବାସ୍କେଟବଲ୍

# ବିଏଏ, ସେଲ୍‌ଟିକ୍ସ ଚାମ୍ପିଅନ




କଟକ,୨୪।୧୨(ସମିସ): ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୬୫ତମ ରାଜ୍ୟ ବରିଷ୍ଠ ବାସ୍କେଟବଲ ଚାମ୍ପିଅନସିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ବିଭାଗରେ ଭୁବନେଶ୍ୱର ଆଥଲେଟିକ ଆସୋସିଏସନ(ବିଏଏ) ଏବଂ ପୁରୁଷ ବିଭାଗରେ ସେଲଟିକ୍ସ ଦଳ ଚାମ୍ପିଅନ ହୋଇଛନ୍ତି। ମହିଳା ବିଭାଗ ଫାଇନାଲରେ ଭୁବନେଶ୍ୱର ଦଳ ୬୬-୪୩ ପଏଣ୍ଟରେ ପୁରୀକୁ ପରାସ୍ତ କରିଥିଲା। ବିଜୟୀ ଦଳର ସରସ୍ୱତୀ ବେହେରା ୧୮ ପଏଣ୍ଟ ଏବଂ ଲିଜାଲୀନା ଜେନା ୧୪ ପଏଣ୍ଟ ସ୍କୋର କରିଥିଲେ। ପୁରୀ ତରଫରୁ ମିନାକ୍ଷୀ କରନ ସର୍ବାଧିକ ୧୦ ପଏଣ୍ଟ କରିଥିଲେ। ସେହିପରି ପୁରୁଷ ବିଭାଗରେ ବିପକ୍ଷ ଗଞ୍ଜାମ ଦଳକୁ ୮୨-୬୪ ପଏଣ୍ଟରେ ହରାଇ ସେଲଟିକ୍ସ ଚାମ୍ପିଅନ ହୋଇଛି। ସେଲଟିକ୍ସର ଶିବଶଙ୍କର ବେହେରା ୨୫, ହାର୍ଦ୍ଦିକ ପଟ୍ଟନାୟକ ଏବଂ ବ୍ରହ୍ମାନନ୍ଦ ବେହେରା ୧୫ ପଏଣ୍ଟ ଲେଖାଏ ସ୍କୋର କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଏବଂ ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ବାସ୍କେଟବଲ ସଂଘ ସଭାପତି ଜ୍ଞାନରଞ୍ଜନ ପରିଡ଼ା, ଉପସଭାପତି ରାଜେନ୍ଦ୍ର ଖୁଣ୍ଟିଆ, ଚୟନ କମିଟି ମୁଖ୍ୟ ଏନବି ଯାଦବ, ସହସମ୍ପାଦକ ଅମିତ ଦାସମହାପାତ୍ର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ପାଦକ ଅଶୋକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ, ଯୋଗାସନ ଉଦ୍‌ଘାଟିତ

# କିଟ୍‌ରେ ହେବ କ୍ରିକେଟ୍, ତୀରନ୍ଦାଜୀ ଏକ୍‌ପିସି




ଭୁବନେଶ୍ୱର, ୨୪।୧୨ (ସମିସ): ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ ଓ ଯୋଗାସନ ଚାମ୍ପିଅନସିପ୍ କିଟ୍ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ଦେଶରୁ ୭ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଡିସେମ୍ବର ୨୭ରେ ତୀରନ୍ଦାଜୀ ଓ ୨୮ରେ ଯୋଗାସନ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଏହି ମେଗା କ୍ରୀଡ଼ା ଇଭେଣ୍ଟ ଅବସରରେ କିଟ୍‌ରେ କ୍ରିକେଟ୍ ଓ ତୀରନ୍ଦାଜୀର ଦୁଇଟି ଉଚ୍ଚ-ପ୍ରଦର୍ଶନ କେନ୍ଦ୍ର (ଏକ୍‌ପିସି) ପ୍ରତିଷ୍ଠା କରାଯିବା ନେଇ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଘୋଷଣା କରିଥିଲେ। ଡିଆର୍‌ବି ଫାଉଣ୍ଡେସନର ସହଯୋଗିତାରେ ତୀରନ୍ଦାଜୀ ଏକ୍‌ପିସି ପ୍ରତିଷ୍ଠା କରାଯିବ। ଏହାକୁ କିମ୍ବଦନ୍ତୀ ତୀରନ୍ଦାଜ ତଥା ପ୍ରାକ୍ତନ ବିଶ୍ୱ ଚାମ୍ପିଅନ ଡୋଲା ବାନାର୍ଜୀ ଓ ଅଲିମ୍ପିଆନ ରାହୁଲ ବାନାର୍ଜୀ ଏଥିରେ ମାର୍ଗଦର୍ଶନ କରିବେ। ସେହିଭଳି ଆଇପିଏଲ୍‌ର ଅନ୍ୟତମ ସଫଳତ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସର ସହଭାଗୀତାରେ କ୍ରିକେଟ୍ ଏକ୍‌ପିସି ପ୍ରତିଷ୍ଠା ହେବ। ଏଥିରେ ସ୍ଥାନୀୟ ଯୁବ ଖେଳାଳିଙ୍କୁ ବିଶ୍ୱସ୍ତରୀୟ ସୁବିଧାସୁଯୋଗ, ପ୍ରଶିକ୍ଷଣ, ସମ୍ମାନଜନକ କାଉଣ୍ଟି କ୍ରିକେଟ୍‌ରେ ଖେଳିବାର ସୁଯୋଗ ଦିଆଯିବ ବୋଲି ଦିଲ୍ଲୀ କ୍ୟାପିଟାଲ୍ସର ଅପରେସନାଲ ଡିରେକ୍ଟର ପ୍ରତୀକ ପୁରୀ କହିଛନ୍ତି।

କ୍ରିକେଟ୍ ଓ ତୀରନ୍ଦାଜୀର ଦୁଇଟି ଏକ୍‌ପିସି ଘୋଷଣା କରାଯିବା ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଆଇୟୁର ଯୁଗ୍ମ ସମ୍ପାଦକ (କ୍ରୀଡ଼ା) ବଲ୍‌ଜିତ୍ ସିଂହ ସେଖୋନ, ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ଶମଶେର୍ ସିଂହ, ଡୋଲା ବାନାର୍ଜୀ, ଅଲିମ୍ପିଆନ ରାହୁଲ ବାନାର୍ଜୀ, ପ୍ରତୀକ ପୁରୀ, କିଟ୍‌ର ଭାଇସ୍ ଚାନ୍ସେଲର ଶରଣଜିତ୍ ସିଂହ, ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS